

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ସୋମବାର ୨୫ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 25 OCTOBER 2021

Vol.No. 32 ■ No. 271 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## କନଷ୍ଟେବଲ ପ୍ରସନ୍ନ ବେହେରା ଚାକିରିରୁ ବହିଷ୍କୃତ

ଭୁବନେଶ୍ୱର,୨୪/୧୦ (ନି.ପ୍ର): ହାବିଲଦାର ଓ କନଷ୍ଟେବଲ ସଂଘର ସଂପାଦକ ପ୍ରସନ୍ନ ବେହେରାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି । ଭୁବନେଶ୍ୱର ଡିସିପି ପ୍ରସନ୍ନଙ୍କୁ ବହିଷ୍କାର କରିଛନ୍ତି । ପ୍ରସନ୍ନଙ୍କ ନାଁରେ ୮ଟି ବିଭାଗର ପ୍ରୋସେସିଂ ଚାଲିଥିଲା ବୋଲି ଜଣାପଡ଼ିଛି । ଏଥି ସହିତ ତାଙ୍କ ନାଁରେ ୫ଟି ଫୌଜଦାରୀ ମାମଲା ମଧ ରହିଛି । ସୂଚନାଯୋଗ୍ୟ, ଗତକାଲି ଭୁବନେଶ୍ୱର କମିସନରେଟ ପୋଲିସ ପ୍ରସନ୍ନ ବେହେରାଙ୍କୁ ଗିରଫ କରିଥିଲା । ଏହା ପୂର୍ବରୁ ତାଙ୍କୁ ଚାକିରିରୁ ନିଲମ୍ବନ କରିଥିଲା ।

# ଚିନ୍ତା ବଢ଼ାଇଲା ଜିକା ଭାଇରସ୍

## ପଜିଟିଭ୍ ଥିଲେ ଯୌନ ସମ୍ପର୍କ ମନା !

ଲକ୍ଷ୍ନୌ,୨୪/୧୦ (ନି.ପ୍ର): ମହାମାରୀ କରୋନା ଭଳି ଆଉ ଏକ ଭାଇରସ ଏବେ ଚିନ୍ତାର କାରଣ ପାଲଟିଛି । ଉତ୍ତରପ୍ରଦେଶରେ କାନପୁରରେ ପ୍ରଥମ ଥର ପାଇଁ ଜିକ୍କା ଭାଇରସ ଚିହ୍ନଟ ହୋଇଛି । ଏହି ରୋଗରେ ଶିକାର ହୋଇଥିବା ରୋଗୀ ଜଣକ ଭାରତୀୟ ବାୟୁସେନାର କର୍ମଚାରୀ । ସେ କାନପୁରରର ପୋଖରପୁରରେ ରହୁନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କର ନମୁନାକୁ ପରୀକ୍ଷା ପାଇଁ ପୁନେ ପଠାଇଥିଲା । ତେବେ ତାଙ୍କର ରିପୋର୍ଟ ପଜିଟିଭ ଆସିବା ପରେ ସେ ରହୁଥିବା ଅଞ୍ଚଳକୁ ସାନିଟାଇଜ




କରାଯାଇଛି । କାନପୁର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ନେପାଳ ସିଂ କହିଛନ୍ତି ଯେ, ସମ୍ପୃକ୍ତ ରୋଗୀ ସହ ୨୦୦ ଲୋକ କଣ୍ଟାକ୍ଟରେ ଆସିଛନ୍ତି । ରୋଗୀକୁ ସଙ୍ଗରୋଧ କରାଯାଇଛି । ତାଙ୍କ ଟ୍ରାଭେଲ ହିଷ୍ଟ୍ରି ଯାଞ୍ଚ କରାଯାଉଛି ବୋଲି ସେ କହିଛନ୍ତି । ଉତ୍ତରପ୍ରଦେଶ ପୂର୍ବରୁ କେରଳ ଏବଂ ମହାରାଷ୍ଟ୍ରରେ ଜିକା ଭାଇରସ ଚିହ୍ନଟ ହୋଇଥିଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଅନୁଯାୟୀ ଜିକା ଜୀବାଣୁ ଏଡିସ୍ ମଶା ଦ୍ୱାରା ସଂକ୍ରମିତ ହୁଏ । ଏହି ରୋଗ ପ୍ରଥମେ ୧୯୫୨ ମସିହାରେ ଉଗାଣ୍ଡା ଏବଂ ତାଞ୍ଜାନିଆର ମଣିଷମାନଙ୍କଠାରେ ଚିହ୍ନଟ ହୋଇଥିଲା । ସାମାନ୍ୟ ଜ୍ୱର, ଦେହରେ ଦାଗ, ମାଂସପେଶୀ ଏବଂ ଗଣ୍ଠି ଯନ୍ତ୍ରଣା କିମ୍ବା ମୁଣ୍ଡବିନ୍ଧା ଏହି ରୋଗର ଲକ୍ଷଣ ବୋଲି କୁହାଯାଇଛି । ଅଧିକାଂଶ ଲକ୍ଷଣ ଦୁଇ-ସାତ ଦିନ ପର୍ଯ୍ୟନ୍ତ ରହିପାରେ । ଯୌନ ସମ୍ପର୍କ ମାଧ୍ୟମରେ ଏହି ଭାଇରସ ଆଉ ଜଣକୁ ସଂକ୍ରମିତ କରିପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି ।

### ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ମାମଲାରେ ନୂଆ ମୋଡ

# ଏନସିବି ଅଧିକାରୀଙ୍କ ମଧ୍ୟରେ ଟଙ୍କା ଡିଲ ଅଭିଯୋଗ



ନୂଆଦିଲ୍ଲୀ,୨୪/୧୦: ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ମାମଲାରେ ନୂଆ ମୋଡ ଦେଖାଦେଇଛି । ଏହି ମାମଲାରେ ପ୍ରଥମ ସାକ୍ଷୀ ହୋଇଥିବା ବ୍ୟକ୍ତିଙ୍କ ବୟାନ ଏକ ବଡ ଖୁଲାସା କରିଛି । ତା ପୁଣି ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ( ଏନସିବି ) ଅଧିକାରୀଙ୍କ ବିରୋଧରେ । ଏନସିବି ଅଧିକାରୀ ଓ ଗୁଇନ୍ଦାଙ୍କ ମଧ୍ୟରେ ଏହି ମାମଲାରେ ବିପୁଳ ମାତ୍ରାର ଟଙ୍କା ଡିଲ ହୋଇଥିବା ଅଭିଯୋଗ ଆସିଛି । କେବଳ ଏତିକି ନୁହେଁ ସାକ୍ଷୀଙ୍କ ଠାରୁ ଏକାଧିକ ବ୍ଲାଙ୍କ ପେପରରେ ହସ୍ତାକ୍ଷର ନିଆଯାଇଥିବା ଅଭିଯୋଗ ହୋଇଛି । ଏପରି ଅଭିଯୋଗ କରିଥିବା ବ୍ୟକ୍ତିଙ୍କ ବିଷୟରେ ଜାଣିଲେ ବି ଆଶ୍ଚର୍ଯ୍ୟ ହେବେ । ବ୍ୟକ୍ତି ଜଣକ ହେଉଛନ୍ତି ଏହି ଡ୍ରଗ୍ସ ମାମଲାରେ ଏନସିବି ଜୋନାଲ ଡାଇରେକ୍ଟର ସମୀରଙ୍କ ୱାଙ୍ଖଡେଙ୍କ ସହଯୋଗୀ ତଥା ପ୍ରାଇଭେଟ୍ ଗୁଇନ୍ଦା ଡିଟେକ୍ଟିଭ୍ କେପି ଗୋସାବିଙ୍କ ବଡିଗାର୍ଡ ପ୍ରଭାକର ସୈଲ । କେପି ଗୋସାବି ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କ ▶▶ପୃଷ୍ଠା ୭

# ସାମ୍ନାକୁ ଆସିଲା ଗୋବିନ୍ଦର ଆଉ ଏକ କୁକର୍ମ

## ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ କରିଥିଲା ହତ୍ୟା !

ଭୁବନେଶ୍ୱର,୨୪/୧୦(ନି.ପ୍ର): ମମିତାଙ୍କ ହତ୍ୟାକାରୀ ଗୋବିନ୍ଦ ସାହୁ ନାଁରେ ଅଭିଯୋଗ ତାଲିକା ଲମ୍ବିବାରେ ଲାଗିଛି । ରାଜନୈତିକ ଶତ୍ରୁତାରୁ ଜଣେ ଶିକ୍ଷକଙ୍କ ଆଠ ବର୍ଷ କୁନି ଝିଅକୁ ହତ୍ୟା କରିଥିଲା ଗୋବିନ୍ଦ । ୨୦ ବର୍ଷ ତଳେ ଏହି ଘଟଣା ଘଟିଥିଲା । କୁନିଝିଅ ରାଜେଶ୍ୱରୀ ନାୟକ । ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲା । କୁନି କୁନି ଆଖିରେ ଭବିଷ୍ୟତର କେତେ କ'ଣ ସ୍ୱପ୍ନ ଆଙ୍କିଥିଲା । ହେଲେ ସେ ଜାଣିନଥିଲା, ପାରିବାରିକ ରାଜନୈତିକ ଲଢ଼େଇ ଭିତରେ ସେ ହିଁ ବଳି ପଡିଯିବ । ଜୀବନକୁ ଭଲ ଭାବେ ଜାଣିବା ପୂର୍ବରୁ ତାକୁ ଚିରନିଦ୍ରାରେ ଶୁଆଇ ଦେଇଥିଲା ଗୋବିନ୍ଦ ସାହୁ ଓ ତାର ଗୁଣ୍ଡାବାହିନୀ । ଏଭଳି ସାଂଘାତିକ



ଅଭିଯୋଗ ଆଣିଛନ୍ତି ରାଜେଶ୍ୱରୀଙ୍କ ବାପା ମହାଲିଙ୍ଗ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ମୋତିଲାଲ ନାୟକ । ୨୦୦୦ ମସିହା, ଅଗଷ୍ଟ ୮ ତାରିଖ । ସ୍ଥାନ: ମହାଲିଙ୍ଗ, କଳାହାଣ୍ଡି । ସ୍କୁଲରୁ ଫେରୁଥିଲା ରାଜେଶ୍ୱରୀ । ରାସ୍ତାରେ ଯାଉଥିବା ବେଳେ ରାଜେଶ୍ୱରୀ ଉପରେ ଟ୍ରାକ୍ଟର ଚଢ଼ି ଯାଇଥିଲା । ପ୍ରାୟ ୨୧ ବର୍ଷ ତଳର ▶▶ପୃଷ୍ଠା ୭

## ରଜନୀକାନ୍ତ ପାଇବେ ଦାଦା ସାହେବ ଫାଲକେ ପୁରସ୍କାର

ନୂଆଦିଲ୍ଲୀ,୨୪/୧୦ (ନି.ପ୍ର): କିମ୍ବଦନ୍ତୀ ଅଭିନେତା ରଜନୀକାନ୍ତଙ୍କୁ ସୋମବାର ଦିନ ଦିଲ୍ଲୀରେ ୫୧ତମ ଦାଦା ସାହେବ ଫାଲକେ ପୁରସ୍କାର (୨୦୧୯) ପ୍ରଦାନ କରାଯିବ । ଏପ୍ରିଲ ୧ରେ ତତ୍କାଳୀନ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡ଼େକର ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ନାମ ଘୋଷଣା କରିଥିଲେ । ପୁରସ୍କାର ଚୟନ କରିଥିବା ଖଣ୍ଡପୀଠରେ ଆଶା ଭୋସଲେ, ସୁଭାଷ ଘାଇ, ମୋହନଲାଲ, ଶଙ୍କର ମହାଦେବନ ଏବଂ ବିଶ୍ୱଜିତ ଚାଟାର୍ଜୀ ସାମିଲ ହୋଇଥିଲେ ।



ଦକ୍ଷିଣ ସୁପରଷ୍ଟାର ରଜନୀକାନ୍ତ ରବିବାର ଦିନ ଚେନ୍ନାଇରେ ଥିବା ତାଙ୍କ ଘର ବାହାରେ ସମ୍ମାନଜନକ ଦାଦାସାହେବ ଫାଲକେ ପୁରସ୍କାର ବିଷୟରେ ଗଣମାଧ୍ୟମକୁ କହିଛନ୍ତି । ▶▶ପୃଷ୍ଠା ୭

## ରତପର୍ଣ୍ଣା ପଣ୍ଡା ପାଇବେ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର,୨୪/୧୦ (ନି.ପ୍ର): ୨୦୨୧ ପାଇଁ ସମ୍ମାନଜନକ ଏକଲବ୍ୟ ପୁରସ୍କାର ପାଇବେ ବ୍ୟାଡମିଂଟନ ଖେଳାଳି ରତପର୍ଣ୍ଣା ପଣ୍ଡା । ପୁରସ୍କାର ସ୍ୱରୂପ ରତପର୍ଣ୍ଣାଙ୍କୁ ନଗଦ ୫ ଲକ୍ଷ ଟଙ୍କା ଓ ମାନପତ୍ର ମିଳିବ । ଏକଲବ୍ୟ ପୁରସ୍କାର ଜୁରୀ କମିଟିରେ ରତପର୍ଣ୍ଣାଙ୍କ ନାଁ ଚୟନ କରାଯାଇଛି । ରତପର୍ଣ୍ଣାଙ୍କ ସମେତ ଫୁଟବଲ ଖେଳାଳି ପ୍ୟାରୀ ଖାଖା ଓ ସାଇକେଲ ଚାଳିକା ସ୍ୱସ୍ତି ସିଂଙ୍କୁ ସମ୍ବର୍ଦ୍ଧିତ କରାଯିବ । ଉଭୟ ପ୍ୟାରୀ ଓ ସ୍ୱସ୍ତିଙ୍କୁ ୫୦ ହଜାର ଲେଖାଏଁ ଓ



ମାନପତ୍ର ମିଳିବ ବୋଲି ଘୋଷଣା କରାଯାଇଛି । ଗତବର୍ଷ ଅନ୍ତର୍ଜାତୀୟ ହକି ଖେଳାଳି ନମିତା ଟପ୍ପୋଙ୍କୁ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଆଜି ଉତ୍ତରପ୍ରଦେଶ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ,୨୪/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଉତରପ୍ରଦେଶ ଗସ୍ତରେ ଆସିବେ । ଏହି କାର୍ଯ୍ୟକ୍ରମରେ ସେ ନଅଟି ନୂତନ ରାଜ୍ୟ ସ୍ୱୟଂଶାସିତ ମେଡ଼ିକାଲ କଲେଜ ଏବଂ ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା (ପିଏମଏଏସବିୱାଇ) ର ଉଦ୍‌ଘାଟନ କରିବେ । ଏହା ବ୍ୟତୀ ସେ ବାରାଣସୀକୁ ୫୨୦୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପ୍ରଦାନ କରିବେ । ପ୍ରଧାନମନ୍ତ୍ରୀ ଏହା ପୂର୍ବରୁ ବୁଧବାର ଉତରପ୍ରଦେଶ ଗସ୍ତରେ ଯାଇ କୁସିଗର ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ଅନେକ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ



(ପିଏମଓ) ରବିବାର କହିଛି ଯେ, ଅକ୍ଟୋବର ୨୫ ରେ ପ୍ରଧାନମନ୍ତ୍ରୀ ଉତରପ୍ରଦେଶ ଗସ୍ତ କରିବେ । ସେ ସକାଳ ୧୦.୩୦ ସମୟରେ ସିଦ୍ଧାର୍ଥନଗରରେ ଉତରପ୍ରଦେଶର ନଅଟି ମେଡ଼ିକାଲ କଲେଜକୁ ଉଦ୍‌ଘାଟନ କରିବେ ଏହି ଅବସରରେ ଉତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମାନସୁଖ ମାଣ୍ଡଭିଆ ମଧ୍ୟ ଉପସ୍ଥିତ ରହିବେ ।

## ଆତଙ୍କବାଦୀ ଏବଂ ସୁରକ୍ଷାବାହିନୀ ମଧ୍ୟରେ ଏନକାଉଂଟରେ ଯୁବକ ନିହତ

ଶ୍ରୀନଗର,୨୪/୧୦ (ନି.ପ୍ର): ରବିବାର ଦିନ ସୋପିଆନ ଜିଲ୍ଲାର ଜେନପୋରା ଅଂଚଳରେ ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ହୋଇଥିବା ଏନକାଉଂଟରରେ ଜଣେ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ଶନିବାର ବିଳମ୍ବିତ ରାତିରେ ଜେନପୋରାର ବାବାପୋରା ଅଂଚଳରେ ସିଆରପିଏଫର ୧୭୮ ବି ବାଟାଲ୍ରିନର ନାକା ପାର୍ଟି ଉପରେ ଅଜ୍ଞାତ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ । ଅନନ୍ତ ନାଗର ବାସିନ୍ଦା ସହିଦ ଏଜାଜ ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ଆସି ମୃତ୍ୟୁବରଣ କରିଥିଲେ । ଘଟଣାର କିଛି ସମୟ ପରେ ଆତଙ୍କବାଦୀମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ବାବାପୋର ଅଂଚଳରେ ଆତଙ୍କବାଦୀଙ୍କୁ ଧରିବା ପାଇଁ ସୁରକ୍ଷାବାହିନୀ ସର୍ଚ୍ଚ ଅପରେସନ ଜାରି ରଖିଛି । ଏହି ସମୟରେ ପ୍ରଶାସନ ଜେନପୋରା ଅଂଚଳରେ ଇଂଟରନେଟ ସେବା ବନ୍ଦ କରିଦେଇଛି ।

## କଂଗ୍ରେସ ନେତା ରାହୁଲ ଏବଂ ପ୍ରିୟଙ୍କାଙ୍କ ଅତି ନିକଟତର ପୂର୍ବତନ ସାଂସଦ ଆଲୁମିଆଁ ଗିରଫ

ଲକ୍ଷ୍ନୌ,୨୪/୧୦ (ନି.ପ୍ର): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପିୟଙ୍କା ଭଦ୍ରାଙ୍କ ସହ ଅତି ନିକଟତର ଥିବା ଆମେଥିର ଆଲୁମିଆଁଙ୍କୁ ଗତକାଲି ରାତିରେ ମଜା ମଲ ନିକଟରୁ ଲକ୍ଷ୍ନୌର ୱାଜିରଗଂଜ ପୋଲିସ ଗିରଫ କରିଥିଲା । ଜମି ମାଫିଆ ଆଲୁ ମିଆଁ ଶନିବାର ଦିନ ଲକ୍ଷ୍ନୌକୁ କଂଗ୍ରେସ ପ୍ରତୀକ ଯାତ୍ରାରେ ଯୋଗ ଦେବାକୁ ଆସିଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା । ୱାଜିରଗଂଜ କୋତୱାଲିରେ ତାଙ୍କ ବିରୋଧରେ ଜମି ଦଖଲ, ଜାଲିଆତି, ଚୋରା ଚାଲାଣ ଏବଂ ଅନ୍ୟାନ୍ୟ ବିଭାଗ ପାଇଁ ଏକ ମାମଲା ରୁଜୁ ହୋଇଛି ।

## ଦିବ୍ୟଶଙ୍କର ମିଶ୍ର ମନ୍ତ୍ରିମଣ୍ଡଳରୁ ବିଦା ନହେବା ଯାଏଁ ଚୁପ୍ ବସିବେନି ବିରୋଧୀ

ଭୁବନେଶ୍ୱର,୨୪/୧୦(ନି.ପ୍ର): ଗୋବିନ୍ଦ ସାହୁ ସମ୍ପୃକ୍ତି ଅଭିଯୋଗରେ ଜୋର ଧରିଲା ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି । ଆନ୍ଦୋଳନକୁ ଆହୁରି ତିବ୍ରତର କରିବାକୁ କଂଗ୍ରେସ ଚେତାବନୀ ଦେଇଛି । ମନ୍ତ୍ରୀଙ୍କ ବିରୁଦ୍ଧରେ ବହୁତ ପ୍ରମାଣ ଅଛି ମାତ୍ର ସରକାର ଷ୍ଟେପ୍ ନେଉନଥିବା କହିଛି କଂଗ୍ରେସ । କମିଶନରେଟ ପୋଲିସକୁ ଘେରାଉ କରିବୁ । ତାପରେ ସଚିବାଳୟ ଘେରାଉ କରିବୁ । ଗୋଟିଏ ପରେ ଗୋଟିଏ ଷ୍ଟେପ୍ ନବୁ ବୋଲି କହିଛି କଂଗ୍ରେସ । ମମିତା ମେହେର ମାମଲାକୁ ନେଇ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ କରିଛି । ନବୀନ ସରକାର ସ୍ୱେଚ୍ଛାଚାରୀ ହୋଇଥିବା ଅଭିଯୋଗ ଆଣିଛି କଂଗ୍ରେସ । ସେହିପରି ପ୍ରତାପ ଜେନାଙ୍କ ଇସ୍ୟୁରେ ଟାର୍ଗେଟ କରିଛି କଂଗ୍ରେସ । ଏଫଆଇଆର ପରେ ନୈତିକତା ଦୃଷ୍ଟିରୁ ସେ ଇସ୍ତଫା ଦେଲେନି । ତାଙ୍କୁ ପିପିଲି ପ୍ରଚାରରେ ନେଉନ ହେଲେ ସେ କ୍ୟାବିନେଟ ବ୍ରିଫିଂ କରୁଛନ୍ତି । ସେହିପରି ଦିବ୍ୟଶଙ୍କର ପ୍ରସଙ୍ଗରେ କଂଗ୍ରେସ କହିଛି ମନ୍ତ୍ରୀମାନେ ବାରମ୍ବାର କଲେଜ ଗେଷ୍ଟ ହାଉସରେ ରାତିରେ ରହୁଥିଲେ କାହିଁକି । ମନ୍ତ୍ରୀ ମାନଙ୍କ ଗୋପନ କାରବାରକୁ ଲୁଚାଇବା ପାଇଁ ଗୋବିନ୍ଦ ସାହାଯ୍ୟରେ ମମିତାକୁ ହତ୍ୟା କରାଯାଇଛି । ସେପଟେ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ପ୍ରତିବାଦକୁ ଆହୁରି ଶାଣିତ କରିବ ବିଜେପି । ରାଜ୍ୟରେ କୋଣଅନୁକୋଣରେ ପ୍ରତିବାଦ ଜୋରଦାର କରିବ ବୋଲି କହିଛି ବିଜେନି । ମନ୍ତ୍ରୀଙ୍କ ନାଁରେ ଅସଂଖ୍ୟ ଅଭିଯୋଗ ଆସିଲେ ମଧ ମୁଖ୍ୟମନ୍ତ୍ରୀ ନିରବତା ଅବଲମ୍ବନ କରିଛନ୍ତି । ସେପଟେ ସିଏଜିଙ୍କ ଅଭିଯୋଗ ସତ୍ୱେ କାହିଁକି ମହାଲିଙ୍ଗ କଲେଜକୁ ମିଳୁଥିଲା ସରକାରୀ ଅନୁଦାନ କହି ଘେରିଲା ବିଜେପି । କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ପ୍ରଥମ ଥର ପାଇଁ ଗଣମାଧ୍ୟମ ସମ୍ମୁଖକୁ ଆସିଛନ୍ତି ପ୍ରଦୀପ ମାଝୀ । କଂଗ୍ରେସ ଛାଡ଼ିବାର କାରଣ ସମ୍ପର୍କରେ ନିଜର ମନ୍ତବ୍ୟ ରଖିଛନ୍ତି । ନିଜ ଅନୁଗତ ସମର୍ଥକଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ▶▶ପୃଷ୍ଠା ୭

# ଅକ୍ଟୋବର ୨୬ ତାରିଖରେ ପ୍ରଦେଶ ଛାତ୍ର କଂଗ୍ରେସ ନବୀନ ନିବାସ ଘେରାଉ କରିବ

ଭୁବନେଶ୍ୱର,୨୪/୧୦(ନି.ପ୍ର): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କଲେ ଯେ ଆସନ୍ତା ଅକ୍ଟୋବର ୨୬ ତାରିଖ ଭିତରେ ଯଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମିତା ମେହେରଙ୍କ ହତ୍ୟାକାରୀ ଗୃହରାଜ୍ୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଓ ଗିରଫ ତଥା ମମିତାଙ୍କ ପରିବାରକୁ ଏକ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନକରନ୍ତି ତେବେ ୨୬ ତାରିଖ ଦିନ ପ୍ରଦେଶ ଛାତ୍ର କଂଗ୍ରେସ ନବୀନ ନିବାସ ଘେରାଉ କରିବ । ଏହି ଜଘନ୍ୟ ହତ୍ୟା ପ୍ରସଙ୍ଗରେ ରାଜ୍ୟ ସାରା ଛାତ୍ର କଂଗ୍ରେସର ନେତୃବୃନ୍ଦ ଓ କର୍ମୀ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆନ୍ଦୋଳନ କରୁଥିବା ବେଳେ ନବୀନ ସରକାର ସେମାନଙ୍କୁ ପୋଲିସ୍ ବଳ ଲଗାଇ ଗିରଫ କରିବା ସହ ଅତ୍ୟାଚର କରୁଛନ୍ତି ଏବଂ ଜେଲ ପଠାଉଛନ୍ତି । ନବୀନ ବାବୁ ଗଣତନ୍ତ୍ରର କଣ୍ଠରୋଧ କରନ୍ତୁ ନାହିଁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ଫସଲଖିଆ ବାଡ଼ ବୋଲି ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି । ଦିବ୍ୟଶଙ୍କରଙ୍କୁ ମୁଖ୍ୟମନ୍ତ୍ରୀ ସୁରକ୍ଷା ଦେଉଛନ୍ତି । ମହାଲିଙ୍ଗ ପବ୍ଲିକ ସ୍କୁଲର ମାଲିକ ସ୍କୁଲରେ ଏକ ରଙ୍ଗଶାଳା ଖୋଲିଥିଲେ । ମନ୍ତ୍ରୀ ଦିବ୍ୟଶଙ୍କର ସେଇ ରଙ୍ଗଶାଳାର ସବୁଦିନିଆ ଅତିଥି । ଗୋବିନ୍ଦ ସାହୁ ଯେଉଁ ଭିଡିଓ ପାଇଁ ମମିତାଙ୍କୁ ହତ୍ୟା କଲେ ସେଇ ଭିଡିଓରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଆପତିଜନକ ଅବସ୍ଥାର ଦୃଶ୍ୟ ରହିଛି । ପ୍ରଘଟ ଭୟରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ନିର୍ଦ୍ଦେଶରେ ମମିତାକୁ ହତ୍ୟା କରାଯାଇଛି ବୋଲି ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି । କଳାହାଣ୍ଡି ଜିଲ୍ଲାରେ ଏତେ ସରକାରୀ ସ୍କୁଲ / କଲେଜ ଥିବା ବେଳେ ମହାଲିଙ୍ଗ ଆଂଚଳିକ ମହାବିଦ୍ୟାଳୟକୁ କାହିଁକି ଏଭଳି ସରକାରୀ ଅନୁଦାନ ଦିଆଯାଇଛି ବୋଲି ୨୦୧୪ ମସିହାରେ ସିଏଜି ପ୍ରଶ୍ନ କରିଥିଲେ ବି ମୁଖ୍ୟମନ୍ତ୍ରୀ ଏହାକୁ ଏଡାଇ ଦେଇଛନ୍ତି । ମନ୍ତ୍ରୀ ଦିବ୍ୟଶଙ୍କର ଏବଂ ବିଜେଡ଼ି ଦଳୀୟ ବିଧାୟକ ଏବଂ ନେତାଙ୍କର ଏହା ଏକ ରଙ୍ଗଶାଳା ହୋଇଥିବାରୁ ବେନିୟମ ଭାବେ ଏହି ଶିକ୍ଷାନୁଷ୍ଠାନକୁ ପର୍ଯ୍ୟାପ୍ତ ପରିମାଣରେ ସରକାରୀ ଅନୁଦାନ ଦିଆଯାଇଛି । ଅନ୍ୟପକ୍ଷରେ ମହାଲିଙ୍ଗ ପବ୍ଲିକସ୍କୁଲର ଇଂରାଜୀ ଶିକ୍ଷକ ମୋତିଲାଲ ନାଏକ ଅଭିଯୋଗ କରିଛନ୍ତି ସେଠାରେ ତାଙ୍କ ଝିଅ ରାଜେଶ୍ୱରୀଙ୍କୁ ଗୋବିନ୍ଦ ସାହୁ ଟାକ୍ଟର ଚଢ଼ାଇ ହତ୍ୟା କରିଛି । ଏଠାରେ ମନ୍ତ୍ରୀ ,ବିଧାୟକ ଓ ରାଜନେତାଙ୍କ ପାଇଁ ସମସ୍ତ ପ୍ରକାରର ମନୋରଞ୍ଜନ ଏବଂ ହୀନ କାର୍ଯ୍ୟର ବ୍ୟବସ୍ଥା ଗୋବିନ୍ଦ ସାହୁ କରନ୍ତି । ସୁତରାଂ ମନ୍ତ୍ରୀ ଦିବ୍ୟ ଶଙ୍କରଙ୍କର ଙ୍କ କଳାକାରାନାମାକୁ ଘୋଡ଼ାଇବା ପାଇଁ ଦିବ୍ୟଶଙ୍କରଙ୍କ ନିର୍ଦ୍ଦେଶରେ ଗୋବିନ୍ଦ ସାହୁ ମମିତାକୁ ହତ୍ୟା କରିଛି ଏବଂ ଏହି ହତ୍ୟାକୁ ଘୋଡ଼ାଇବା ପାଇଁ ସରକାରୀ କଳକୁ ବ୍ୟବହାର କରୁଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅମଳରେ ମା'କୁ ସମ୍ମାନ ଆହ୍ୱାନ ଏକ ପ୍ରତାରଣା । ଏଠି ବେବିନା, ଇତିଶ୍ରୀ, କୁନ୍ଦୁଲି ଛାତ୍ରୀ ସୁସ୍ମିତା, ମାଧବୀଲତା, ସ୍ମିତାରାଣୀ, ପରୀର ପରିବାର ଏପର୍ଯ୍ୟନ୍ତ ନ୍ୟାୟ ପାଇପାରିଲେ ନାହିଁ । ଏଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିବ୍ୟଶଙ୍କରଙ୍କୁ ବହିସ୍କାର ଓ ଗିରଫ କରି ତାଙ୍କୁ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଛାତ୍ର କଂଗ୍ରେସ ଆନ୍ଦୋଳନ ଜାରି ରଖିବ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଛାତ୍ର ସାଧାରଣ ସଂପାଦକ ଶ୍ରୀ ରଜତ ଚୌଧୁରୀ ଯେତେ ଚେଷ୍ଟା କଲେ ବି ଦିବ୍ୟଶଙ୍କର ଅପରାଧକୁ ଘୋଡ଼ାଇ ପାରିବେ ନାହିଁ । ଛାତ୍ର କଂଗ୍ରେସ ନବୀନ ନିବାସ ଭିତରକୁ ଯାଇ ତାଙ୍କର ଅନ୍ଧାକାନୁନର ପ୍ରତିବାଦ କରିବ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ ମିଶ୍ର, ମନୋଜ ବିଶ୍ୱାଳ, ବିଶ୍ୱଭୂଷଣ ମହାପାତ୍ର, କାର୍ତିକେଶ୍ୱର କାଣ୍ଡି ଓ ବାବୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ପାଇଁ ଉର୍ଦ୍ଦୁ ଲାଇବ୍ରେରୀରେ ସ୍ୱତନ୍ତ୍ର ବ୍ୟବସ୍ଥା

କେନ୍ଦ୍ରାପଡ଼ା,୨୪/୧୦ (ନି.ପ୍ର): କେନ୍ଦ୍ରାପଡା ସହରର ଅଦାଲତ ପାଖରେ ଥିବା ଉର୍ଦ୍ଦୁ ଲାଇବ୍ରେରୀରେ ସଂଖ୍ୟାଲଘୁ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି । ଶନିବାର ଅପରାହ୍ନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ଶଶି ଭୂଷଣ ବେହେରା ଯୋଗ ଦେଇ ସଂଖ୍ୟାଲଘୁ ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରିବା ସହ ଏହି ଉର୍ଦ୍ଦୁ ଲାଇବ୍ରେରୀରେ ବିଭିନ୍ନ ପ୍ରକାର ପୁସ୍ତକ, ମାଗାଜିନ୍ ଓ ପତ୍ର ପତ୍ରିକା ଉପଲବ୍ଧ କରାଯିବ ବୋଲି ସୂଚନା ଦେଇଥିଲେ । ଛାତ୍ରଛାତ୍ରୀ ମାନେ ଏହି ଉର୍ଦ୍ଦୁ ଲାଇବ୍ରେରୀରେ ବିଭିନ୍ନ ପ୍ରକାର ପୁସ୍ତକ ଓ ପତ୍ରିକା ପଢି ପାରିବାର ସୁଯୋଗ ପାଇବା ସହ ଶିକ୍ଷା ଗ୍ରହଣରେ ଏହି ପୁସ୍ତକ ସବୁ ସହଜରେ ସେମାନଙ୍କ ପାଖରେ ପହଁଚି ପାରିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ କବି ହୁସେନ ରବିଗାନ୍ଧି ଓ ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ଯୋଗ ଦେଇ ସଂଖ୍ୟା ଲଘୁ ଛାତ୍ରଛାତ୍ରୀ ମାନେ ଜ୍ଞାନ ଆହୋରଣରେ ଓ ନୂତନ ପଦ୍ଧତିର ଶିକ୍ଷା ଗ୍ରହଣରେ ସାମିଲ ହୋଇ ନିଜର ଭବିଷ୍ୟତ ଗଠନ କରିବା ସହ ଦେଶ ଓ ଜାତି ପାଇଁ ସୁନାମ ଅର୍ଜନ କରିପାରିବେ ବୋଲି ପରାମର୍ଶ ଦେଇଥିଲେ । ଏହି ଅବସରରେ ଏକ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇ ଥିଲା । ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟାପକ ସେକ ଇଦରିସ ଉପସ୍ଥିତ ରହି କୁଇଜ ପ୍ରତିଯୋଗିତା ପରିଚାଳନା କରିଥିଲେ । ଶେଷରେ ସଫଳ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇ ଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସେକ ଚନ୍ଦନ, ମହମ୍ମଦ ଅମୀର, ସେଖ ଲିଆକତ ଅଲୀ, ସୟଦ ଅକମଲ ଅଲୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# କୁଆଖିଆ ପୁଲିସକୁ ସଫଳତା : ଲୁଟ୍ ଅଳଙ୍କାର ଜବତ, ୩ ଲୁଟେରା ଗିରଫ

ଧର୍ମଶାଳା, ୨୩ ଅକ୍ଟୋବର (ହି.ସ.)- ଯାଜପୁର ଜିଲା କୁଆଖିଆ ଥାନା ପୋଲିସକୁ ମିଳିଛି ସଫଳତା । କୁଆଖିଆ ଥାନା ଅଧିନସ୍ଥ ମଧୁବନ ବଜାରରୁ ସୁନା ଅଳଙ୍କାର ଲୁଟ୍ ଘଟଣାରେ ସମ୍ପୃକ୍ତ ୩ ଜଣ ଲୁଟେରାଙ୍କୁ ଗିରଫ କରିଛି ପୋଲିସ । ଏଥି ସହ ଲୁଟ୍ ହୋଇଥିବା ସୁନା ଅଳଙ୍କାର ମଧ୍ୟ ଜବତ ହୋଇଛି । ୮୪ ଗ୍ରାମର ସୁନା ଓ ୪ କେଜି ରୂପା ସାମଗ୍ରୀ ସହ ଏକ ବାଇକକୁ ଜବତ କରାଯାଇଛି । ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲା ଯଖପୁରା ଥାନା ଅଂଚଳର ଦିପକ ପ୍ରଧାନ ଓ ପ୍ରକାଶ ପ୍ରଧାନ, ପିପିଲି ଥାନା ଅଂଚଳର ରାଜା ଶିକାରୀ ବୋଲି ଜଣାପଡିଛି । ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ମନୋଜ ସ୍ୱାଇଁ ସୂଚନା ଦେଇଛନ୍ତି ।

ସୂଚନା ମୁତାବକ, ଗତ ମାସ ୨୧ ତାରିଖରେ ମଧୁବନ ବଜାରରେ ଥିବା ଏକ ଜୁଏଲାରୀ ଦୋକାନରୁ ଲୁଟ୍ ହୋଇଥିବା ନେଇ ଥାନାରେ ମାଲିକ ସୁମନ କାମିଲା ଅଭିଯୋଗ କରିଥିଲେ । ସୁମନ ଏକ ବ୍ୟାଗରେ ସୁନା, ରୂପା ଅଳଙ୍କାର ଭର୍ତ୍ତି କରି ଦୋକାନକୁ ଆସିଥିଲେ । ଦୋକାନରେ ବ୍ୟାଗକୁ ରଖି ପାଣି ଆଣିବାକୁ ଯାଇଥିଲେ । ସେହି ସମୟରେ କେହି ଦୃର୍ବୃତ ଉକ୍ତ ଅଳଙ୍କାର ଭର୍ତ୍ତି ବ୍ୟାଗକୁ ନେଇ ପଳାଇଥିଲେ । ଯାହାକୁ ନେଇ ସେ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏହି ଘଟଣାକୁ ଗୁରୁତର ସହ ନେଇ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଫୁଟେଜକୁ ଯାଂଚ୍ କରିବା ସହ ତଦନ୍ତ ଚଳାଇଥିଲା । ଆଜି ଲୁଟ୍ ହୋଇଥିବା ସୁନା ରୂପା ଅଳଙ୍କାର ଜବତ କରିବା ସହ ଘଟଣାରେ ବ୍ୟବହୃତ ବାଇକ୍ ଓ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା ପୋଲିସ ।

# ଫୁଲବାଣୀ ଏନୱାଇକେ ପକ୍ଷରୁ ଆବର୍ଜନା ଓ ପ୍ଲାଷ୍ଟିକ ସଂଗ୍ରହ କାର୍ଯ୍ୟକ୍ରମ

କନ୍ଧମାଳ,୨୪/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଉର୍ମାଗଡ ପର୍ଯ୍ୟଟନ ସ୍ଥଳୀ ପରିସରରେ । କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ଜିଲ୍ଲା ଯୁବ ଅଧିକାରୀ ନଭନିତ କୁମାରଙ୍କ ନେତୃତ୍ୱରେ ଏହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶୀତ ଦିନରେ ବିଶେଷ କରି ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ପର୍ଯ୍ୟଟକ ମାନଙ୍କ ହେଉଛି । ସେଠାରେ ପର୍ଯ୍ୟଟକ ମାନଙ୍କ ଦ୍ୱାରା ବିଭିନ୍ନ ଖାଦ୍ୟ ଦ୍ରବ୍ୟ ଏବଂ ପ୍ଲାଷ୍ଟିକ ଜିନିଷ ଫିଙ୍ଗା ଯାଉଛି । ଫଳରେ ସେଠାରେ ପରିବେଷ ପ୍ରଦୁଷଣ ହେବାରେ ଲାଗିଛି । ଏହାକୁ ଦର୍ଷିରେ ରଖି ପର୍ଯ୍ୟଟନ ସ୍ଥଳୀ ଗୁଡିକ ସଫା ରଖିବା ସହିତ ଆଖପାଖ ଅଂଚଳ ଗୁଡିକୁ ମଧ ସଫା ରଖିବା ପାଇଁ ୨୩/୧୦ ଠାରୁ ନଭେମ୍ବର ୧୧ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ସ୍ୱଛ ଭାରତ କାର୍ଯ୍ୟକ୍ରମ ଜରିଆରେ ସଫେଇ କାର୍ଯ୍ୟକ୍ରମ ଜାରି ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଇ ସେହି ପ୍ଲାଷ୍ଟିକ ଗୁଡିକ ସଂଗ୍ରହ କରାଯଉଛି । ଏହି କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ଓ ଅନୁଷ୍ଠାନର ସ୍ୱେଚ୍ଛାସେବୀ ସୋନାଲୀ ଦିଗାଲ,ରିତିମା ବାଘ,ମେଘାରାଣୀ ଚନ୍ଦନ ପୃଷ୍ଟି,ମିନି କହଁର,ଶିବେନ୍ଦ୍ର ଦିଗାଲ,ଚନ୍ଦ୍ରମଣି ଦେହୁରୀ,କମଳ ଲୋଚନ ଦେହୁରୀ ଏବଂ ମାଁ ବରାଳଦେବୀ ଯୁବକ ସଂଘ ଭଟାଲପଦରର ସଭ୍ୟମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପୂର୍ବରୁ ଏହି କାର୍ଯ୍ୟକ୍ରମ ଅକ୍ଟୋବର ୧ରୁ ୩୧ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଭାରତର କ୍ରିଡାମନ୍ତ୍ରୀ ଅନୁରାଗ ଠାକୁର ଜୁମ ମିଟିଂରେ ଅବଗତ କରାଇଥିଲେ । ସେହିପରି କନ୍ଧମାଳ ଜିଲ୍ଲାରେ ୨୩ ହଜାର କିଲୋ ପ୍ଲାଷ୍ଟିକ ସଂଗ୍ରହ କରାଯିବାର ଲକ୍ଷ ରଖାଯାଇଛି ।

# ଶିକ୍ଷୟତ୍ରୀ ମମିତା ହତ୍ୟାକାରୀ ଗୋବିନ୍ଦ ଓ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ମାସକର କଲ୍ ରେକର୍ଡକୁ ସାର୍ବଜନୀନ କରିବାକୁ କଳାହାଣ୍ଡି ସାଂସଦଙ୍କ ଦାବି

ନୂଆପଡା,୨୪/୧୦ (ନି.ପ୍ର): ବହୁ ଚର୍ଚ୍ଚିତ ଶିକ୍ଷୟତ୍ରୀ ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କରଙ୍କୁ ବଂଚାଇବା ପାଇଁ ଭୁବନେଶ୍ୱରରୁ କାହାଣୀ ତିଆରି ହେଉଛି ବୋଲି ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟାଳୟ, ନୂଆପଡା ଠାରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ପ୍ରକାଶ କରିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ଶିକ୍ଷୟତ୍ରୀ ମମିତାଙ୍କ ଲାପଟପ, ମୋବାଇଲ ଓ ପେନ ଡ୍ରାଇଭରେ ଅନେକ ତଥ୍ୟ ରହିଛି । ଏସବୁ କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି । ପୋଲିସ ଯଦି ସ୍ୱଚ୍ଛ ତଦନ୍ତ ହେବା କଥା କହୁଛି, ତେବେ ଶିକ୍ଷୟତ୍ରୀ ମମିତା ନିଖୋଜ ପରଠାରୁ କେତେଥର ଗୋବିନ୍ଦ ସାହୁଙ୍କ ସହ କଥା ହୋଇଛି କଲ ରେକର୍ଡ ଉଜାଗର ହେଉ ଓ ପୀଡିତା ଶିକ୍ଷୟତ୍ରୀ ମମିତା, ହତ୍ୟାକାରୀ ଗୋବିନ୍ଦ ସାହୁ ଏବଂ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଏକ ମାସର କଲ ରେକର୍ଡକୁ ପୋଲିସ ସାର୍ବଜନୀନ କରିବାକୁ ସେ ଦୃଢ଼ ଦାବି କରିଛନ୍ତି । ସାଂସଦ ଶ୍ରୀ ପଣ୍ଡା ଆହୁରି ମଧ କହିଛନ୍ତି ଯେ, ପୋଲିସ ଜାଣିଶୁଣି ତଦନ୍ତକୁ ବାଟବଣା କରିବାକୁ ଉଦ୍ୟମ କରୁଥିବା ବାରିହୋଇ ପଡୁଛି । ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ଶାସକ ଦଳ ଇଙ୍ଗିତରେ କାମ କରୁନି ତ ? ଭିଡ଼ିଓରୁ ଲାଗୁଛି ପୋଲିସର ଆଦେଶରେ ନୁହେଁ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ନିର୍ଦ୍ଦେଶ ବଳରେ ପୋଲିସ ଅପରାଧୀକୁ ନେଉଅଛି । ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବଂଚାଇବା ପାଇଁ ଭୁବନେଶ୍ୱରରୁ ପ୍ରସ୍ତୁତ ହେଉଥିବା କାହାଣୀ ଆଧାରରେ ପୋଲିସ ନିଜର କାମ କରିବା ଭଳି ପାରିପାର୍ଶ୍ୱକ ଘଟଣାରୁ ମନେହେଉଛି ବୋଲି ସାଂସଦ ଶ୍ରୀ ପଣ୍ଡା କହିଥିଲେ । ଶିକ୍ଷୟତ୍ରୀ ମମିତା ମେହେରଙ୍କୁ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଗତକାଲି ସକାଳେ ମହାଲିଙ୍ଗ ଷ୍ଟେଡିୟମରେ ପୋଲିସକୁ ସବିଶେଷ ଘଟଣାର ଡେମୋ ଦେଖାଇଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ଏଭଳି ନିର୍ମମ ହତ୍ୟାକାଣ୍ଡ ଘଟଣାରେ ହତ୍ୟାକାରୀର କ୍ରାଇମ ସିନ ରିକ୍ରିଏସନର ଭିଡିଓଗ୍ରାଫି କରି ନିଜେ ପୋଲିସ ଭାଇରାଲ କରିବା ଭଳି ନଜିର କମ୍ ରହିଛି । ତେବେ ଏହି ଭିଡିଓରୁ ଅନେକ ପ୍ରଶ୍ନ ସୃଷ୍ଟି ହେଉଛି । ପୋଲିସ ରାତି ଅଧରେ ଯଦି ଡେମୋର ଭିଡିଓ କଲା ତେବେ ଗଣମାଧ୍ୟମକୁ ଡାକିଲେ ନାହିଁ କାହିଁକି ? ବୋଲି ସାଂସଦ ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି । ପୋଲିସର ଏହି କାର୍ଯ୍ୟକାଳପକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଛି । ପୋଲିସ ଏହି ସମ୍ବେଦନଶୀଳ ଘଟଣାରେ ତଦନ୍ତ ମୂଳ ଦିଗ ଓ ଘଟଣାରେ ସମ୍ପୃକ୍ତ ରାଜନେତାଙ୍କ ପାଖରେ ନପହଂଚି ଘଟଣାରୁ ଜନସାଧାରଣଙ୍କ ଦୃଷ୍ଟି ହଟାଇବା ପାଇଁ ତଥା ଶାସକ ଦଳକୁ ବଂଚାଇବା ପାଇଁ ରାତି ଅଧରେ ଡେମୋର ଭିଡିଓ କରୁଛି । କଲେଜରେ ଥିବା ସନ୍ଦେହଜନକ କୋଠରୀକୁ ପୋଲିସ ଯାଉନାହିଁ କାହିଁକି ବୋଲି ସାମ୍ବାଦିକ ସମ୍ମିଳନୀରେ ସାଂସଦ ଶ୍ରୀ ପଣ୍ଡା ପ୍ରଶ୍ନ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାଙ୍କ ମଧ୍ୟରେ ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ଅଭିନନ୍ଦନ ପଣ୍ଡା ଓ ବିଜୟ ଚନ୍ଦ୍ରପାର ପ୍ରମୁଖ ଉପସ୍ଥିତ ଥିଲେ ।

# ଚେରମୁଳି ଔଷଧ ଦେବା ନାମରେ ଲକ୍ଷାଧିକ ଟଙ୍କା ଠକିବା ଅଭିଯୋଗରେ ଚେରମୂଳି ବ୍ୟବସାୟୀ ଗିରଫ

କନ୍ଧମାଳ,୨୪/୧୦ (ନି.ପ୍ର): ଚେରମୁଳି ଔଷଧ ଦେବାକୁ କହି ଫୁଲବାଣୀ ସହରର ଜଣେ ଜଣାଶୁଣା ଶିକ୍ଷିତ ବ୍ୟାକ୍ତିଙ୍କ ଠାରୁ ୩ ଲକ୍ଷରୁ ଉର୍ଦ୍ଧ ଟଙ୍କା ଠକେଇ କରି ନେଇଥିବା ଫୁଲବାଣୀ ଟାଉନଥାନାରେ ଅଭିଯୋଗ ହେବାପରେ ପୋଲିସ ସୁନୀଲ ନାମକ ଜଣେ ଚେରମୁଳି ଔଷଧ ବ୍ୟବସାୟୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୁନୀଲର ଟାଟା ସୁମୋ ଗାଡିକୁ ମଧ ଜବତ କରିଛି ପୋଲିସ । ସୁଚନା ଯୋଗ୍ୟ କଲେଜଛକ ନିକଟରେ ରାସ୍ତା କଡରେ ପସରା ମେଲାଇ ଚେରମୁଳି ଔଷଧ ବିକ୍ରି କରୁଥିବା ସୁନୀଲଙ୍କଠାରୁ ନିଜ ରୋଗ ସମ୍ବନ୍ଧରେ ବର୍ଣ୍ଣନା କରି ପ୍ରଥମେ କିଛି ଔଷଧ ଖାଇଥିଲେ । ଖାଇବା ପରେ ଭଲ ଲାଗିବା ଫଳରେ ବ୍ୟକ୍ତି ଜଣକ ଆଉ ଅଧିକ ଦିନ ଖାଇବା ଲାଗି ଔଷଧ କିଣିବା ପାଇଁ ଚାହିଁଥିଲେ । ତେବେ ସେହି ଔଷଧର ଷ୍ଟକ ତାଙ୍କ ପାଖରେ ନଥିବା ଯୋଗୁଁ ତାଙ୍କ ପାଇଁ ସେହି ଔଷଧକୁ ଅନ୍ୟ ଯାଗାରୁ ଅଣାଇ ଦେବାକୁ ପ୍ରତିଶ୍ରୁତି ଦେଇ ଦୁଇ ତିନିଟି ପ୍ରର୍ଯ୍ୟାୟରେ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ ଟଙ୍କା ନେଇଥିଲେ । ହେଲେ ତାଙ୍କୁ ଔଷଧ ଦେବା ବଦଳରେ ଚେରମୁଳି ବ୍ୟବସାୟୀ ଜଣଙ୍କ ଏଠାରୁ ତମ୍ବୁ ଉଠାଇ ଲୁଚି ପଳାଇ ଥିଲେ । ବ୍ୟକ୍ତି ଜଣଙ୍କ ତାଙ୍କୁ ଖୋଜାଖୋଜି କରି ନପାଇବା ଫଳରେ ଶେଷରେ ନିରାଶ ହୋଇ ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ସେ ଦେଇଥିବା ଫୋନ ନମ୍ବରରେ ପ୍ରଥମେ ପୋଲିସ୍ ଗ୍ରାହକ ସାଜି ଫୋନ କରିବାରୁ ସେ ରାଉରକେଲାରେ ବର୍ତମାନ ଥିବା କହିଥିଲେ । ତେବେ ତାଙ୍କ ଫୋନ ଲୋକେସନ କିନ୍ତୁ ଭବାନିପାଟଣା ଅଂଚଳରେ ଥିବା ଜଣାପଡିବା ଫଳରେ ଫୁଲବାଣୀ ପୋଲିସ ଭବାନୀପାଟଣା ପୋଲିସକୁ ଜଣାଇବା ପରେ ଭବାନିପଟଣା ପୋଲିସ ଔଷଧ ବ୍ୟବସାୟୀ ସୁନୀଲକୁ ଥାନାକୁ ଆଣି ରଖିଥିଲା । ଆଉ ଫୁଲବାଣୀ ଭବାନୀପାଟଣା ଯାଇ ଏଠାକୁ ଆଣି ଅଟକ ରଖି ପଚରାଉଚୁରା କରୁଛି । ତେବେ ବିଭିନ୍ନ ସମୟରେ ରାଜସ୍ତାନ, ଗୁଜରାଟ, କଲିକତା ଆଦି ବାହାର ରାଜ୍ୟରୁ ଜଡିବୁଟି ବ୍ୟବସାୟୀମାନେ ଏଠାକୁ ଆସି ଔଷଧ ନାମରେ ଲୋକମାନଙ୍କୁ ଠକୁଥିବା ଅଭିଯୋଗ ହୋଇଛି । ଲୋକେବି ସେମାନଙ୍କ କଥାରେ ବଶବର୍ତି ହୋଇ ଠକାମୀର ଶିକାର ହେଉଛନ୍ତି । ଏନେଇ ଲୋକଲଜ୍ୟାରେ କାହାରିକୁ ନକହି ଚୁପ ରହୁଛନ୍ତି ।

# ଜିଲ୍ଲା ପ୍ରଶାସନର ସହାୟତା ପ୍ରଦାନ

କୋରେଇ,୨୪/୧୦ (ନି.ପ୍ର): ପଥରପଦା ପଂଚାୟତର ବଡ଼ବରୁଣେଇପଦା ଗ୍ରାମର ଆଦିବାସୀ ସାହିର ମଧୁ ମୁଣ୍ଡାର ନାବାଳକ ପୁଅ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କର ଦଲାଲ ମାଧ୍ୟମରେ ଘୁଷୁରୀ ଜଗୁଆଳ ଭାବେ ନିଯୁକ୍ତ ହୋଇ ବିଲ ମଝିରେ ଏକ ପାଲ ତଳେ ରହୁଥିଲା । ଏ ନେଇ ଗତ ୨୦୨୦ ଏପ୍ରିଲ ୨୯ରେ କେନ୍ଦ୍ରାପଡ଼ା ଜିଲ୍ଲା ସାମାଜିକ ନ୍ୟାୟ ଅଭିଯାନର ସଦସ୍ୟ ଅକ୍ଷୟ କୁମାର ମଲ୍ଲିକଙ୍କ ଠାରୁ ଖବର ପାଇବା ପରେ ପାଣିକୋଇଲି ଅଂଚଳର ସାମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ ଉଭୟ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଶିଶୁ ବିଭାଗ ଓ ଶିଶୁ ମଙ୍ଗଳ କମିଟିକୁ ଅବଗତ କରିବା ପରେ ପିଲାଟି ଉକ୍ତ ସ୍ଥାନରୁ ଉଦ୍ଧାର ହୋଇ ଘରକୁ ଫେରିଥିଲା । ତେବେ ଘଟଣା ସମ୍ପର୍କରେ ଅନୁସନ୍ଧାନ କରିବାରୁ ଉକ୍ତ ନାବାଳକର ପିତା ଜଣେ ଦିନ ମଜୁରିଆ ଶ୍ରେଣୀର ହୋଇଥିବା ବେଳେ ଜଣେ ଦଲାଲ ନାବାଳକଟିକୁ ରୋଜଗାର ଦେବ କହି ନେଇଯାଇଥିଲା । ପରେ ଉକ୍ତ ଦଲାଲ ଜଣକ ମହାକାଳପଡ଼ାର ଜଣେ ଘୁଷୁରୀ ମାଲିକ ପାଖରେ ମାତ୍ର ଦଶ ହଜାର ଟଙ୍କାରେ ଉକ୍ତ ନାବାଳକକୁ ବିକ୍ରି କରିଦେଇଥିଲା । ନାବାଳକଟି ସେଠାରେ ଏକ ବିଲ ମଝିରେ ପାଲ ତଳେ ଦୀର୍ଘ ଚାରି ମାସ ଧରି ଘୁଷୁରୀ ଜଗିବା କାର୍ଯ୍ୟରେ ନିୟୋଜିତ ହୋଇଥିଲା । ଏ ବିଷୟରେ ଖବର ପାଇବା ପରେ ମଧ୍ୟ ପୁର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଧ୍ୟ ପିଲାକୁ ଉଦ୍ଧାର କରିବା ଲାଗି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସହାୟତା ଲୋଡ଼ିଥିଲେ । ପରେ ସାମାଜିକ କର୍ମୀ ଶ୍ରୀ ପଟ୍ଟନାୟକ ନାବାଳକର ମୌଳିକ ଅଧିକାର ପ୍ରଶାସନର ଅପାରଗତା ଲାଗି କ୍ଷୁର୍ଣ୍ଣ ହୋଇଛି ବୋଲି ଜାତୀୟ ମାନବଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । ଏ ନେଇ କମିଶନଙ୍କ ନିର୍ଦ୍ଦେଶ ମତେ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତୀ ସିଂ ରାଠୋର ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ନାବାଳକର ପିତା ମାତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

# ଘର ଘର ବୁଲି ଭିନ୍ନକ୍ଷମଙ୍କୁ ଦିଆଯାଉଛି ଟୀକା

କେନ୍ଦ୍ରାପଡ଼ା,୨୪/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଥିବା ଭିନ୍ନକ୍ଷମ ମାନଙ୍କୁ ଘର ଘର ବୁଲି କରୋନା ଟୀକାକରଣ କରା ଯାଉଥିବା ସୂଚନା ମିଳିଛି । ଜିଲ୍ଲାର ୯ଟି ବ୍ଲକରେ ପ୍ରତି ବ୍ଲକରେ ୨ଟି ଲେଖାଏଁ ଟିମ୍ ଓ ୨ଟି ପୌରାଂଚଳର ୨ଟି ଟିମ୍ ମୋଟ ୨୦ ଟି ଟିମ୍ ଏହି ଟୀକାକରଣ କାର୍ଯ୍ୟରେ ଲାଗିଥିବା ଜଣାପଡିଛି । ଆଶାକର୍ମୀ ମାନେ ସର୍ଭେକରି ଚିହ୍ନଟ କରିଥିବା ଭିନ୍ନକ୍ଷମ ମାନଙ୍କୁ ଏହି ଟିମ୍ ସେମାନଙ୍କ ନିକଟରେ ପହଁଚି ଟୀକା ଦେଉଛନ୍ତି । କରୋନା ଟୀକା କରଣରେ ଜିଲ୍ଲା ସଫଳତା ହାସଲ କରି ପ୍ରାୟ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟୀକା ଦେଇଥିବା ବେଳେ ଭିନ୍ନକ୍ଷମ ମାନଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଯୁକ୍ତ ଜିଲ୍ଲା ନୋଡାଲ ଅଫିସର ଡାକ୍ତର ସଚିଦାନନ୍ଦ ମିଶ୍ରଙ୍କ ନିର୍ଦ୍ଦେଶରେ ଏହା ପରିଚାଳନା କରାଯାଉଛି ।

# ପଂଚାୟତ ସ୍ତରୀୟ ଆଇନ ସଚେତନତା ଶିବିର

କେନ୍ଦ୍ରାପଡ଼ା,୨୪/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସାନ ଅଡଙ୍ଗ ପଂଚାୟତ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ପ୍ରାଧିକରଣର ସଚିବ ଶ୍ରୀମତୀ ସଙ୍ଗିତା ପାଣି ଉପସ୍ଥିତ ଥିବା ସାଧାରଣ ଲୋକ ମାନଙ୍କୁ ସରକାରଙ୍କ ଦ୍ୱାରା ଦିଆଯାଉ ଥିବା ମାଗଣା ଆଇନ ସେବା ସଂପର୍କରେ ବୁଝାଇଥିଲେ । ମାଗଣା ଆଇନ ସେବା ପାଇଁ ହକଦାର ଥିବା ବ୍ୟକ୍ତିମାନେ ପ୍ରାଧିକରଣ ମାଧମରେ ସେମାନଙ୍କ ଅଧିକାର କୁ ସୁରକ୍ଷା ଦେଇ ପାରିବେ ତା ମଧ ଆଲୋଚନା କରିଥିଲେ । ଏହାବ୍ୟତୀତ ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଉପରେ ଶ୍ରୀମତୀ ପାଣି ଆଲୋଚନା କରିଥିଲେ । ଏହି ଶିବିରକୁ ପାରାଲିଗାଲ ସ୍ୱେଚ୍ଛାସେବୀ ଧିରେନ କୁମାର ମିଶ୍ର ଓ ହେମନ୍ତ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ମାଣ୍ଡୋସିଲ ଗ୍ରାମଠାରେ ଜିଲ୍ଲା ବିଜୁ ମହିଳା ଜନତା ଦଳର ଶ୍ରମଦାନ ଶିବିର

ନୂଆପଡ଼ା,୨୪/୧୦ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ମାଣ୍ଡେସିଲ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଠାରେ ନୂଆପଡ଼ା ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଶନିବାର ଏକ ଶ୍ରମଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସରସ୍ୱତୀ ବାଗଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଜେଡି ଜିଲ୍ଲା ସମ୍ପାଦକ ଦିନେଶ ପ୍ରସାଦ ତିୱାରୀ, ସମ୍ମାନୀତ ଅତିଥି ଭାବରେ ଭୂମିସୁତା ଦଳପତି, ବିଜୟ ଲକ୍ଷ୍ମୀ ପାତ୍ର, ସବିତା କୁମ୍ଭାର, ବାସନ୍ତୀ କଟା, ଅନିତା ବାରିକ ପ୍ରମୁଖ ଯୋଗଦାନ କରିଥିଲେ । ସନ୍ତୋଷ କୁମାର ବିଶି ମଂଚ ପରିଚାଳନା କରିଥଲେ । ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିନରୁ ବିଜୁ ଜନତା ଦଳ ପକ୍ଷରୁ ଅନୁଷ୍ଠିତ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୧ ତାରିଖ ଦିନ ଉଦଯାପିତ ହେବ । ଏହି ଅବସରରେ ନୂଆପଡ଼ା ଜିଲ୍ଲା ବିଜେଡ଼ି ପକ୍ଷରୁ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ କରାଯାଉଅଛି । ଆଜି ମଧ ମାଣ୍ଡେସିଲ ବିଦ୍ୟାଳୟ ପରିସରକୁ ସଫେଇ କରାଯାଇ ଗ୍ରାମବାସୀଙ୍କୁ ସ୍ୱଚ୍ଛତାର ବାର୍ତା ଦିଆଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ବିଜୁ ମହିଳା ଜନତା ଦଳର ୪୦୦ରୁ ଉର୍ଦ୍ଧ୍ୱ ମହିଳା ଅଂଶ ଗ୍ରହଣ କରିଥିଲେ ।

# ପୋଲିସ ଦ୍ୱାରା ବିପୁଳ ପରିମାଣର ଗଞ୍ଜେଇ ସହ ୨ଟି କାର ଜବତ, ୩ ଅଭିଯୁକ୍ତ ଗିରଫ

ମାଲକାନଗିରି,୨୪/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ରାଜାବନ୍ଧ ନିକଟରୁ ଆଜି ପୋଲିସ ଦ୍ୱାରା ବିପୁଳ ପରିମାଣର ଗଞ୍ଜେଇ ୨ ଟି କାର ଓ ଅନେକ କାଗଜପତ୍ର ଜବତ କରିଥିବା ବେଳେ ଏଥିରେ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ ଚିତ୍ରକୋଣ୍ଡା ଥାନା ଭାରପ୍ରାପ୍ତ ନିରୀକ୍ଷକ ଏସ.ପି ନାୟକଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଆଜି ଡାଇକ -୧ ଗ୍ରାମ ଅଂଚଳରେ ପେଟ୍ରୋଲିଂ କରୁଥିବା ବେଳେ ଡାଇକ-୨ ନିକଟସ୍ଥ ରାଜାବନ୍ଧ ଗ୍ରାମ ନିକଟରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇଥିଲେ । ପୋଲିସ ଦଳ ସେଠାରେ ପହଂଚିବା ବେଳେ ଏକ ଏକ୍ସ.ୟୁ.ଭି -୫୦୦ କାରରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା । ଏଥିସହ ସେଠାରେ ଆଉ ଏକ କାର ସହ ୩ ଟି ବାଇକ ମଧ ଥିଲା । ପରେ ପୋଲିସ ଏକ୍ସ.ୟୁ.ଭି କାର , ସ୍ୱିଫ୍ଟ ଡିଜାଇର କାର, ୩ ଟି ବାଇକ, ୮ ଟି ମୋବାଇଲ, ଏ.ଟି.ଏମ ଓ ଆଧାର କାର୍ଡ ସହ ୧୩ ଟି ପ୍ୟାକେଟରେ ୩୨୫ କିଲୋଗ୍ରାମ ୩୯୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୋଲିସର ତଦନ୍ତ ବେଳେ ଅଭିଯୁକ୍ତମାନେ ଚିତ୍ରକୋଣ୍ଡାର ଡାଇକ-୨ରୁ ଗଞ୍ଜାମକୁ ଏହି ଗଞ୍ଜେଇ ଚୋରା ଚାଲାଣ କରୁଥିବା ପ୍ରକାଶ କରିଥିଲେ । ଗିରଫ ଅଭିଯୁକ୍ତମାନେ ହେଲେ ମାଲକାନଗିରି ଜିଲ୍ଲା ବାଲିମେଳା ଓ.ସି.ସି କଲୋନୀର ଝିନୁ ଖିଲ, ପାୱାର ହାଉସ କଲୋନୀର ଦୀପକ ଖିଲ ଓ ଗଞ୍ଜାମ ଜିଲ୍ଲାର କୋର୍ଟ କଲୋନୀର ନିଳାଂଚଳ ପାଢ଼ୀ ବୋଲି ଜଣାପଡ଼ିଛି । ଅଭିଯୁକ୍ତଙ୍କ ନାମରେ ଚିତ୍ରକୋଣ୍ଡା ଥାନା କେସ ନମ୍ବର ୧୩୯ ରେ ଏକ ମାମଲା ରୁଜ୍ଜୁ କରିଥିବା ଚିତ୍ରକୋଣ୍ଡା ଏସ.ଡି.ପି.ଓ ଅଂଶୁମାନ ଦ୍ୱିବେଦୀ ପ୍ରକାଶ କରିଛନ୍ତି ।

# ମମିତା ମେହେରଙ୍କ ହତ୍ୟାକାଣ୍ଡ ବିରୋଧରେ କମ୍ୟୁନିଷ୍ଟ ପାର୍ଟିର ବିକ୍ଷୋଭ

କେନ୍ଦ୍ରାପଡ଼ା,୨୪/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ଘରୋଇ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ମମିତା ମେହେରଙ୍କ ହତ୍ୟାକାଣ୍ଡ ବିରୋଧରେ କେନ୍ଦ୍ରାପଡା ଜିଲ୍ଲାରେ ସିପିଆଇ, ସିପିଆଇଏମ୍, ସିପିଆଇ (ଏମ୍ଏଲ୍) ପ୍ରମୁଖ ବାମପନ୍ଥୀ ଦଳ ମାନଙ୍କ ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏଥିରେ ସଂପୃକ୍ତ ଥିବା ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ମଧ୍ୟରେ ଘନିଷ୍ଠ ସଂପର୍କ ଥିବା କାରଣରୁ ପୋଲିସ ଚାପମୁକ୍ତ ହୋଇ କାର୍ଯ୍ୟ କରିପାରିବ ନାହିଁ । ତେଣୁ ମମିତା ମେହର ହତ୍ୟା ତଦନ୍ତର ନିରପେକ୍ଷତା ପାଇଁ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ମନ୍ତ୍ରୀ ମଣ୍ଡଳରୁ ବରଖାସ୍ତ କରିବା, ଓଡିଶା ଉଚ୍ଚ ନ୍ୟାୟାଳୟର ପ୍ରତ୍ୟେକ୍ଷ ତତ୍ୱାବଧାନରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସଆଇଟି) ଦ୍ୱାରା ମମିତା ମେହେରଙ୍କ ହତ୍ୟାର ତଦନ୍ତ କରାଯିବା ସହିତ ମମିତା ମେହେରଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତି ପୁରଣ ପ୍ରଦାନ ଦେବା ଉଦ୍ଦେଶ୍ୟରେ ମହାମହିମ ରାଜ୍ୟପାଳଙ୍କ ନିକଟକୁ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ର ପ୍ରଦାନ ସମୟରେ ସିପିଆଇର ରମଣୀ ରଞ୍ଜନ ରାଉତରାୟ, ସିପିଏମର ଗୟାଧର ଧଳ, ସିପିଆଇ (ଏମ୍ଏଲ୍) ର ପ୍ରକାଶ ମଲିକ, ଉମେଶ ଚନ୍ଦ୍ର ସିଂହ, ଆଦିକନ୍ଦ ରାଉଳ, ସୀତାକାନ୍ତ ନାୟକ, ଜଗତ ଜୀବନ ଦାସ, ମାଧବ ଦାସ, ସୁହାନା ବେଗମ, ନନ୍ଦିନୀ ସ୍ୱାଇଁ, ବିକାଶ ଚନ୍ଦ୍ର ବେହୁରା, ବସନ୍ତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ବହିଷ୍କାର ଦାବି ଜୋର୍ ଧରିଲା : ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଏସପି ଅଫିସ୍ ଘେରାଉ

ଭବାନୀପାଟଣା,୨୪/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗ ସନ ସାଇନ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ବହିଷ୍କାର ଦାବି ଜୋର୍ ଧରିଛି । ଘଟଣାକୁ ନେଇ ଆଜି ବିଜେପି ଯୁବମୋର୍ଚ୍ଚା ପକ୍ଷରୁ କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି ।

ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନ ୧୧ଟାରେ ବିଜେପି ଯୁବମୋର୍ଚ୍ଚାର ଏକ ପ୍ରତିବାଦ ଶୋଭାଯାତ୍ରା ଭବାନୀପାଟଣା ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରୁ ବାହାରି ଏସପି ଅଫିସ ନିକଟରେ ପହଂଚି ଥିଲା । ସେଠାରେ ମୁଖ୍ୟମନ୍ତ୍ରୀ ହାଏ ହାଏ, ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର ଓ ଗିରଫ ଦାବିରେ ନାରାବାଜି ହୋଇଥିଲା । ପୋଲିସ ମନ୍ତ୍ରୀଙ୍କୁ କାହିଁକି ତଦନ୍ତ ପରିସରଭୁକ୍ତ କରୁନାହିଁ ତାକୁ ନେଇ ପ୍ରଶ୍ନ ଉଠାଇଥିଲେ । ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ଘେରାଉ ଜାରୀ ରହିଛି । ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ, ଜିଲ୍ଲା ଯୁବମୋର୍ଚ୍ଚାର ସଭାପତି ବିଜୟଦେବ ସାହୁଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଏଥିରେ ସାମିଲ୍ ହୋଇଛନ୍ତି । ପ୍ରକାଶ ଥାଉକି, ଯଦି ୨୪ ଘଣ୍ଟା ମଧ୍ୟରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତେବେ ଏସ.ପି. ଅଫିସକୁ ଘେରାଉ କରାଯିବ ବୋଲି ପୂର୍ବରୁ ବିଜେପି ପକ୍ଷରୁ ଚେତାବନୀ ଦିଆଯାଇଥିଲା । ଏହି କ୍ରମରେ ଆଜି ଏସପି ଅଫିସ ଘେରାଉ କରାଯାଇଛି ।

# କେନ୍ଦୁଝରରେ ଅଭାବନୀୟ ଘଟଣା : ପତ୍ନୀଙ୍କୁ ନିର୍ମମ ଭାବେ ପିଟି ପିଟି ହତ୍ୟା କଲା ସ୍ୱାମୀ

କେନ୍ଦୁଝର,୨୪/୧୦ (ନି.ପ୍ର): କେନ୍ଦୁଝରରେ ଘଟି ଯାଇଛି ଏକ ଅଭାବନୀୟ ଘଟଣା । ଯେଉଁଠାରେ ଦେଖିବାକୁ ମିଳିଛି ପାରିବାରିକ କଳହର ଏକ କରୁଣ ପରିଣତି । ନିଜ ପତ୍ନୀକୁ ଅତି ନିର୍ମମ ଭାବେ ପଟି ପିଟି ହତ୍ୟା କରିଛି ସ୍ୱାମୀ । ଏହି ଘଟଣା କେନ୍ଦୁଝର ଜିଲ୍ଲା ସଦର ଥାନାର ପଳାଶପଙ୍ଗା ଫାଣ୍ଡି ଅନ୍ତର୍ଗତ ମୁଣ୍ଡା ସାହିରେ ଘଟିଥିବା ବେଳେ ମୃତକର ନାମ ସୌଭାଗିନୀ ମୁଣ୍ଡା ବୋଲି ଜଣା ପଡିଛି । ପୋଲିସର ଛାନଭିନ ଜାରି ରହିଛି । ପ୍ରାପ୍ତ ସୂଚନାନୁସାରେ ମୁଣ୍ଡା ସାହୀର ଏହି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟତଃ କଳହ ଲାଗି ରହୁଥିଲା । ଗତ ଶୁକ୍ରବାର ଦିନ ବିଳମ୍ବିତ ରାତ୍ରୀରେ କୌଣସି କାରଣରୁ ଆରମ୍ଭ ହୋଇଥିବା ବିବାଦ ଉଗ୍ର ରୂପ ନେଇଥିଲା ଏବଂ ସ୍ୱାମୀ ଶୁକ୍ରା ମୁଣ୍ଡା ହଠାତ୍ ଉତ୍କ୍ଷିପ୍ତ ହୋଇ ପଡିଥିଲା ଓ ସ୍ତ୍ରୀ ୨୨ ବର୍ଷୀୟ ସୌଭାଗିନୀ ମୁଣ୍ଡାକୁ ଅତି ନିର୍ମମ ଭାବେ ପିଟି ପିଟି ହତ୍ୟା କରିଥିଲା । ଘଟଣା ସଂପର୍କରେ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଚଂିବା ସହ ଅଭିଯୁକ୍ତ ସ୍ୱାମୀ ଶୁକ୍ରା ମୁଣ୍ଡାକୁ ଅଟକ ରଖି କରି ପଚରା ଉଚରା ଜାରି ରଖିଛି । କାହିଁକି କେଉଁ ପରିସ୍ଥିତିରେ ହତ୍ୟାକାଣ୍ଡ ଘଟିଛି ତାହା ତଦନ୍ତ କରୁଥିବା ବେଳେ ଆବଶ୍ୟକ ପଡିଲେ ସାଇଟଂିଫିକ୍ ଟିମର ସହେଯାଗ ନିଆଯିବ ବୋଲି ପୋଲିସ କହିଛି ।

## ମାଆ ଭଟ୍ଟାରିକା







ଦିଲ୍ଲୀପ କୁମାର ସାହୁ

କିମ୍ବଦନ୍ତୀ କହେ ତ୍ରେତୟା ଯୁଗରେ ବୀର ପର୍ଷୁରାମ ଉତ୍କଳ ଭ୍ରମଣରେ ଆସିଥିଲେ ଓ ସେହି ସମୟରେ ଧର୍ମ ଭୂମି ଉତ୍କଳର ବିଭିନ୍ନ ସ୍ଥାନରେ ଦେବୀ ପୀଠମାନ ସ୍ଥାପନ କରିଥିଲେ । ସେହି ପୀଠମାନଙ୍କ ମଧ୍ୟରୁ ଅନ୍ୟତମ କଟକ ଜିଲ୍ଲା ବଡମ୍ବା ନିକଟବର୍ତ୍ତୀ ସସାଙ୍ଗ ଗ୍ରାମସ୍ଥିତ ମାଆ ଭଟ୍ଟାରିକାଙ୍କ ବିଜେସ୍ଥଳି । ପୂଣ୍ୟତୋୟା ମହାନଦୀ କୂଳରେ ଅବସ୍ଥିତ ମାଆଙ୍କ ପୀଠର ଶୋଭା ଅତୀବ ରମଣୀୟ । ନଦୀ କୂଳରେ ଦଣ୍ଡାୟମାନ ବଣଜଙ୍ଗଲରେଭରା ରତ୍ନଗିରି ପାହାଡ଼ । ସେହି ପାହାଡର ପାଦେଶରେ ପୂଜା ପାଆନ୍ତି ମାଆ ଭଟ୍ଟାରିକା । ଆଉ ଏକ ଲୋକକଥା ଅନୁସାରେ ପ୍ରଭୁ ଶ୍ରୀରାମ ତାଙ୍କ ବନବାସ ସମୟରେ ସୀତାମାତା ଓ ଲକ୍ଷ୍ମଣଙ୍କ ସହ ରତ୍ନଗିରି ପାହାଡ ନିକଟରେ କିଛି ଦିନ କଟାଇଥିଲେ । ସେତେବେଳେ ସେ ମାଆ ଭଟ୍ଟାରିକାଙ୍କ ପୂଜାର୍ଚ୍ଚନା କରୁଥିଲେ ବୋଲି କଥା ଅଛି ।

ମାଆଙ୍କ ପୀଠ ନିକଟରେ ମହାନଦୀ ଖୁବ୍ ପ୍ରସସ୍ତ ଓ ଗଭୀରା। ବର୍ଷା ଦିନେ ବନ୍ୟା ଆସିଲେ ନଦୀର ଛାତି ଫୁଲିଯାଏ । ସେତେବେଳେ ମହାନଦୀ ଯେତିକି ଭୟଙ୍କର ଦେଖାଯାଏ ସେତିକି ମନୋରମ । ତେଣୁ ଏମିତି ଏକ ପବିତ୍ର ଓ ରମଣୀୟ ସ୍ଥାନ ଆଧାତ୍ମିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ହୋଇଥିବା ସହ ପର୍ଯ୍ୟଟନ ଦୃଷ୍ଟିରୁ ମଧ ଗୁରୁତ୍ୱ ବହନକରେ ।

ମାଆ ଭଟ୍ଟାରିକା, ବଡମ୍ବା ଗଡର ଅଧିଷ୍ଠାତ୍ରୀ ଦେବୀ । ମାଆ ଭଟ୍ଟାରିକା ଙ୍କ ଅନ୍ୟ ନାମ ବୃହଦମ୍ବା । ତେଣୁ ଗଡର ନାମଥିଲା ବୃହଦମ୍ବା ଗଡ ଯାହାକି କାଳକ୍ରମେ ଅପଭ୍ରଂସ ହୋଇ ବଡମ୍ବା ପାଲଟିଗଲା । ଗଡର ଇତିହାସ କହେ ବଡମ୍ବା ପ୍ରଥମେ ଜଣେ ଆଦିବାସୀ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ହଟ୍ଟକେଶ୍ୱର ଓ ମଲ୍ଲକେଶ୍ୱର ନାମକ ଦୁଇ ଭାଇ ସେହି ଆଦିବାସୀ ରାଜାଙ୍କୁ ପରାସ୍ତ କରି ବଡମ୍ବା ଅଧିକାର କରିଥିଲେ । ଆଦିବାସୀ ରାଜା ଥିଲେ ମାଆ ଭଟ୍ଟାରିକାଙ୍କ ଉପାସକ । ହଟ୍ଟକେଶ୍ୱର ଓ ମଲ୍ଲକେଶ୍ୱର ମଧ ମାଆଙ୍କ ପୂଜାର୍ଚ୍ଚନା ପାଇଁ ସମସ୍ତ ବ୍ୟବସ୍ଥା କଲେ ଏବଂ ମାଆଙ୍କ ପାଇଁ ମନ୍ଦିରଟିଏ ତୋଳାଇ ଦେଲେ । ମାଆ ପାଲଟିଗଲେ ବଡମ୍ବା ଗଡର ଇଷ୍ଟଦେବୀ ।

ମାଆ ଭଟ୍ଟାରିକାଙ୍କ ମନ୍ଦିରଟି ପର୍ଶ୍ଚିମାଭିମୂଖି । ମନ୍ଦିରର ଦ୍ୱାରଦେଶ ସମେତ ଜଗମୋହନ ଓ ପାର୍ଶ୍ୱଦେଶରେ ଅନେକ ଦେବାଦେବୀଙ୍କ ମୂର୍ତ୍ତି ଅବସ୍ଥାପିତ ।

ମୁଖ୍ୟ ମନ୍ଦିରର ଚଉବନ୍ଧରେ ନବଗ୍ରହ ଓ ମହାଲକ୍ଷ୍ମୀ ରହିଛନ୍ତି । ମୁଖଶାଳାର ବାମ ଭାଗରେ ଆଦିଗଣେଶ ଓ ଦକ୍ଷିଣ ଭାଗରେ ରଥାରୁଢ ସୂର୍ଯ୍ୟ ଦେବ ଶୋଭା ପାଆନ୍ତି । ମନ୍ଦିର ଜଗମୋହନରେ ଠିକ୍ ମାଆଙ୍କ ସମ୍ମୁଖରେ ଏକ ଗଜ ଉପରେ ଉପବିଷ୍ଟ ମାଆଙ୍କ ବାହନ ସିଂହ । ମାଅଙ୍କ ପାର୍ଶ୍ୱ ଦେବାଦେବୀ ମାନେ ହେଲେ, ଶ୍ରୀଗଣେଶ, ଶ୍ରୀକାର୍ତ୍ତିକ ଏବଂ ମହିଷମର୍ଦ୍ଦିନୀ ଦୁର୍ଗା । ମନ୍ଦିରର ଉତ୍ତର ପାର୍ଶ୍ୱରେ ଏକ ଦ୍ୱାର ଥିବାପରି ମନେ ହୁଏ । ଦ୍ୱାରର ଚଉବନ୍ଧ ଯେଉଁଠି ଥିଲା ତା ଚାରିପାଖରେ ଅଷ୍ଟ ରୁଦ୍ର ମୂର୍ତ୍ତି ସ୍ଥାନୀତ ହୋଇଛନ୍ତି।

ମାଆ ଭଟ୍ଟାରିକାଙ୍କ ମନ୍ଦିରର ଉତ୍ତର-ପର୍ଶ୍ଚିମ କୋଣରେ ଏକ ଛୋଟ ବୌଦ୍ଧ ମୂର୍ତ୍ତି ରହିଛନ୍ତି । ତେଣୁ ପୀଠଟି ତନ୍ତ୍ରଯାନ ବୌଦ୍ଧଧର୍ମାଲମ୍ବୀ ମାନଙ୍କ ଉପାସନା ସ୍ଥଳୀ ଥିଲାବୋଲି କେତେକ ଗବେଷକ ମତ ଦିଅନ୍ତି । ସେହି ପୀଠରେ ଦେବଦେବ ମହାଦେବଙ୍କ ମନ୍ଦିର ମଧ ରହିଛି । କିମ୍ବଦନ୍ତୀ ଅନୁସାରେ ପୀଠରେ ମାଆଙ୍କୁ ସ୍ଥାପନା କଲାପରେ ପର୍ଷୁରାମ ଯେଉଁ ପ୍ରସ୍ତର ଉପରେ ଧ୍ୟାନ କରୁଥିଲେ ତାକୁ ପର୍ଷୁରାମ ଶିଳା କୁହାଯାଏ। ସେହି ଶିଳା ଉପରେ ପରବର୍ତ୍ତୀ ସମୟରେ ପର୍ଷୁରାମ ଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି ଯାହାକି ମାଆ ଭଟ୍ଟାରିକାଙ୍କ ଉତ୍ପତ୍ତି ସମ୍ପର୍କରେ ଥିବା କିମ୍ବଦନ୍ତୀକୁ ମନେପକାଇ ଦିଏ ।

ମୁଖ୍ୟ ମନ୍ଦିର ମଧରେ ଏକ ବେଦୀ ଉପରେ ବିରାଜିତା ମାଆ ଭଟ୍ଟାରିକା। ଗୋଟିଏ ଶିଳାରେ ମାଆଙ୍କ ମୂର୍ତ୍ତି ସହ ଆଉ ଆଠଜଣ ଦେବୀଙ୍କ ମୂର୍ତ୍ତି ଦୃଶ୍ୟମାନ । ସେମାନେ ହେଲେ, ଉଗ୍ରା, ଉଗ୍ରପ୍ରଭା, ଶକଟା, ବିକଟା, ଚଣ୍ଡା, ପ୍ରଚଣ୍ଡା, ଦୁର୍ଗା ଏବଂ ଲକ୍ଷ୍ମୀ । ସେମାନଙ୍କ ମଧ୍ୟରୁ ପାଞ୍ଚଜଣ ପଦ୍ମାସନା ଓ ତିନିଜଣ ଲଳିତ ମୁଦ୍ରାରେ ଉପବିଷ୍ଟା । ସେହି ଅଷ୍ଟ ଦେବୀଙ୍କ ମଧ ଭାଗରେ ଅଙ୍କିତ ଶ୍ରୀ ଚକ୍ର ଉପରେ ଲଳିତ ମୁଦ୍ରା ରେ ଆସୀନା ମାଆ ଭଟ୍ଟାରିକା । ତେଣୁ ମାଆଙ୍କୁ ଚକ୍ରେଶ୍ୱରୀ ମଧ କୁହାଯାଏ । ମାଆ ହେଉଛନ୍ତି ଦ୍ୱିଭୂଜା। ମାଆ ଗୋଟିଏ ହସ୍ତରେ ପଦ୍ମ ଫୁଲ ଧାରଣ କରିଥିବାବେଳେ ଅନ୍ୟ ହସ୍ତଟି ରହିଛି ବରଦା ମୁଦ୍ରାରେ । ମାଆଙ୍କୁ ରାଜରାଜଶ୍ୱରୀ, ମହାମାୟା, ତ୍ରୀପୁରା ସୁନ୍ଦରୀ ଓ ସିଦ୍ଧ ଭଟ୍ଟାରିକା ଭାବରେ ପୂଜାକରାଯାଏ ।

ମାଳି ସମ୍ପ୍ରଦାୟର ସେବକମାନେ ମାଆ ଭଟ୍ଟାରିକାଙ୍କ ପୂଜାର୍ଚ୍ଚନା କରିଥାନ୍ତି । ମାଆଙ୍କ ମନ୍ଦିର ସକାଳ ଚାରିଟାରେ ଖୋଲେ । ମଧ୍ୟାହ୍ନରେ ପହଡ ପଡେ ଓ ପୁଣି ଖୋଲେ ଅପରାହ୍ନ ଚାରିଟାରେ । ରାତ୍ରି ଆଳତୀ ପରେ ମନ୍ଦିର ବନ୍ଦ ହେଲାବେଳକୁ ପ୍ରାୟ ଆଠରୁ ନଅଟା ବାଜିଯାଏ । ମାଆଙ୍କ ପାଖରେ ଉଭୟେ ଶୁଖିଲା ଓ ଶଂଖୁଡି ଭୋଗ ଲାଗିହୁଏ । ତେବେ ସାରା ବର୍ଷ ମାଆଙ୍କ ମଧ୍ୟାହ୍ନ ଧୂପରେ ମାଛ ଭଜା ଭୋଗ ଲାଗି ହେବାର ବିଧି ରହିଆସିଛି ।

ମାଆ ଭଟ୍ଟାରିକା ଦୁର୍ଗାଙ୍କ ଅବତାର ହୋଇଥିବାରୁ ତାଙ୍କର ବଡ ପର୍ବ ଦଶହରା । ମୂଳାଷ୍ଟମୀରୁ ଆରମ୍ଭ ହୋଇ ତାହା ମହାଷ୍ଟମୀରେ ଶେଷ ହୁଏ । ସେଦିନ ମାଆଙ୍କ ଜନ୍ମଦିନ । ତେଣୁ ଦିନଟି ମହାସମାରୋହରେ ପାଳିତ ହୁଏ । ଦଶହରା ସମୟରେ ମାଅଙ୍କ ଖଣ୍ଡା ଓ ଖର୍ପରକୁ ଶୋଭାଯାତ୍ରାରେ ନିଆଯାଇ ଆଖପାଖ ଗ୍ରାମ ପରିକ୍ରମା କରାଯାଏ। ସେହି ଶୋଭାଯାତ୍ରାରେ ସ୍ଥାନୀୟ ଲୋକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳେ ।

ମାଆ ଭଟ୍ଟାରିକାଙ୍କ ମହିମା ଅସୀମ। ସେ ମଧ ରକ୍ଷା କର୍ତ୍ତୀ । ତେଣୁ ତାଙ୍କ ପାଖରେ ନିଜକୁ ସମର୍ପି ଦେଇ ବିପଦ ଆପଦରୁ ରକ୍ଷା ପାଇବା ସହିତ ସ୍ଥାନର ନୈସର୍ଗିକ ପରିବେଶକୁ ଉପଭୋଗ କରିବା ନିମନ୍ତେ ବର୍ଷ ସାରା ସେଠାକୁ ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥାଏ । ଶୀତଦିନେ ବିଭିନ୍ନ ଅଞ୍ଚଳରୁ ଲୋକମାନେ ସେଠାକୁ ବଣ ଭୋଜି କରିବାକୁ ଆସିଥାନ୍ତି ।

ଜୟ ମାଆ ଭଟ୍ଟାରିକା ।

+ଶଙ୍କରପୁର, ଚାରବାଟିଆ, କଟକ
ମୋ- ୯୮୬୧୧୨୬୧୯୭

## ବିଳାସମୟ ଘରରେ ପରିଣତ ହେଲା ସ୍କୁଲ୍ ବସ୍



ବସ୍ ଭିତରେ ବିଳାସମୟ ଘର । ପାଖାପାଖି ୨୭୦ ସ୍କୋୟାର ଫୁଟର ସ୍କୁଲ ବସ ଏକ ବିଳାସମୟ ଘରରେ ପରିଣତ ହୋଇଛି । ଆଉ ଏଥିପାଇଁ ଖର୍ଚ୍ଚ ହୋଇଛି ପାଖାପାଖି ୩୫ ହଜାର ଡଲାର ଅର୍ଥାତ ୨୫ ଲକ୍ଷ ଟଙ୍କା । ଆଉ ଏହି ଘରେ ରହୁଛନ୍ତି ଜେଫ୍, ତାଙ୍କ ପତ୍ନୀ ଏନା ବେଟରଟନ, ତାଙ୍କର ୫ଜଣ ଛୁଆ, ଦୁଇଟି କୁକର ଏବଂ ଗୋଟିଏ ବିଲେଇ । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବସ ଭିତରେ ବେଡ୍ରୁମ୍ ସମେତ, ବାଥରୁମ୍, ଟଏଲେଟ୍, ରେନ୍ ଫଲ୍ ସାୱାରର ମଧ ବ୍ୟବସ୍ଥା ରହିଛି । ତେବେ ବସ ଭିତରେ ଥିବା ଏହି ଘରର ଫଟୋ ସୋସିଆଲ ମିଡିଆରେ ଏବେ ବେଶ ଭାଇରାଲ ହେଉଛି। ବସ ଭିତରେ ଘର ଭଳି ସମସ୍ତ ସୁବିଧା ରହିଛି। କିଚେନାରୁ ଆରମ୍ଭ କରି ଏକ କିଙ୍ଗ ସାଇଜ୍ ବେଡ୍ ରୁମ୍ ମଧ ଏହି ବସ ଭିତରେ ରହିଛି । ଭିତରୁ ଦେଖିଲେ ଆପଣ ଅନୁମାନ ବି କରିପାରିବେ ନାହିଁ ଯେ, ଆପଣ ଏକ ବସ୍ ଭିତରେ ଅଛନ୍ତି । ତେବେ ଏହି ବିଳାସମୟ ଘରର ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

## ସ୍ୱାସ୍ଥ୍ୟ ମନ୍ତ୍ର

ଅନ୍ଧକାର ଉପରେ ଅଧିକ ସମୟ ଉଜ୍ଜ୍ୱଳ ଆଲୋକରେ ରହିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏହା ଦ୍ୱାରା ନିଦ୍ରା ବାଧାପ୍ରାପ୍ତ ହୁଏ । ଶରୀରର ପ୍ରାକୃତିକ ଘଣ୍ଟା କାର୍ଯ୍ୟଦକ୍ଷତା ହରାଏ । ରାତିରେ ଉଜ୍ଜ୍ୱଳ ଆଲୋକରେ ଅଧିକ ସମୟ ଜାଗ୍ରତ ରହିବା କର୍କଟ, ମଧୁମେହ, ମେଦବହୁଳତା ଓ ହୃଦ୍‌ରୋଗର କାରଣ ହୋଇପାରେ । ସବୁ ରଙ୍ଗର ଆଲୋକର କ୍ଷତିକାରୀ ପ୍ରଭାବ ଭିନ୍ନ ଭିନ୍ନ । ଦିନରେ ନୀଳ ଆଲୋକ (ବ୍ଲୁ ୱେଭ୍‌ଲେନ୍‌ଥ) ଶରୀର ପାଇଁ ହିତକାରୀ । ହେଲେ, ରାତିରେ ଅହିତକାରୀ । ସୂର୍ଯ୍ୟାସ୍ତ ପରେ ନୀଳ ଆଲୋକଠାରୁ ନିରାପଦ ଦୂରତାରେ ରହନ୍ତୁ । ରାତିରେ ଅଧିକ ଟେଲିଭିଜନ୍ ଦେଖୁଥିଲେ କି କଂପ୍ୟୁଟରରେ କାମ କରୁଥିଲେ, ନୀଳ ଆଲୋକ ପ୍ରତିରୋଧୀ ଚଷମା ପିନ୍ଧନ୍ତୁ କିମ୍ବା କଂପ୍ୟୁଟର ପରଦାକୁ ଏହି ଆଲୋକ ପ୍ରତିରୋଧୀ ଫିଲ୍‌ଟର୍ ଦ୍ୱାରା ଢାଙ୍କନ୍ତୁ । ଶୋଇବା ଘରେ ନୀଳ ରଙ୍ଗର ଜିରୋ ପାୱାର୍ ବଲ୍‌ବ ବଦଳରେ ନାଲି ରଙ୍ଗର ବଲ୍‌ବ ଲଗାନ୍ତୁ ।

## କୋଭିଡ ପାଇଁ ଦୁଇଟି ଆୟୁର୍ବେଦିକ ଆଖି ଔଷଧ



କରୋନା ସମଗ୍ର ବିଶ୍ୱକୁ ଆକ୍ରାନ୍ତ କରିଛି। ଏହି ପରିସ୍ଥିତିରେ ସଚେତନତା, ପ୍ରତିରୋଧ, ପ୍ରତିଷେଧକ ବ୍ୟବସ୍ଥା ରହିବା ଆବଶ୍ୟକ। ଏହା ନାକ, ପାଟି, ଆଖି ଦ୍ୱାରା ଶରୀର ମଧକୁ ପ୍ରବେଶ କରିଥାଏ। ରୋଗୀର କଥାବାର୍ତ୍ତା, ଶ୍ୱାସ, ଛିଙ୍କ, କାଶ, କଫରୁ ବାହାରି ୬ ଫୁଟ ମଧରେ ଥିବା ଅନ୍ୟ ବ୍ୟକ୍ତିଙ୍କୁ ସଂକ୍ରମିତ କରେ। ରୋଗୀ ବ୍ୟବହାର କରୁଥିବା ବସ୍ତୁର ସଂସ୍ପର୍ଶରେ ଆସିଲେ ମଧ ଏହି ରୋଗ ହୋଇଥାଏ। ସଂକ୍ରମଣ ହେବାର ୧୪ ଦିନ ମଧରେ ରୋଗର ଲକ୍ଷଣ ଯଥା ଥଣ୍ଡା, ସର୍ଦ୍ଦି, ନାକ, ଆଖିରୁ ପାଣି ବାହାରିବା, ଜ୍ୱର, କାଶ ଆଦି ସାମାନ୍ୟ ବା ଗୁରୁତର ଭାବରେ ଦେଖାଦିଏ; ଯାହାର ଭୂତାଣୁ ପରିମାଣ, ରୋଗ ପ୍ରତିରୋଧ ଶକ୍ତି ଉପରେ ନିର୍ଭର କରେ। ଆଖି ଲାଲ ହେବା, ପାଣି ବହିବା, ଆଖି ଫୁଲିବା, ଯନ୍ତ୍ରଣା ହେବା ଆଦି ଲକ୍ଷଣ ଯାହା ସାଧାରଣ ଭୂତାଣୁ ଜନିତ ରୋଗରେ ଦେଖାଦିଏ, ଏଥିରେ ମଧ ଏହା ଦେଖାଯାଏ। ଏହି ପରିପ୍ରେକ୍ଷୀରେ ଦୁଇଟି ଆର୍ଯୁବେଦିକ ଔଷଧର ବ୍ୟବହାର ଆଖିର ଚିକିତ୍ସା ସହିତ କରୋନା ରୋଗକୁ ଭଲ କରିବାରେ ସହାୟକ ହୁଏ। ଏହି ଆଖି ଔଷଧର ନାମ ହେଲା ITIS, ITONE । ଏହି ଆଖି ଡ୍ରପରେ ନିମ୍ବ, ହରିଡ଼ା, ତୁଳସୀ, ପୁଦିନା, ଭୃଙ୍ଗରାଜ ଆଦି ରହିଛି। ଏହା ବ୍ୟତୀତ ଓଞ୍ଚଓ୫ ରେ ଚନ୍ଦନ ତେଲର ଦୁଇଟି ଅଂଶ ଶ୍ୱେତ ଚନ୍ଦନ, ରକ୍ତଚନ୍ଦନ। ଓଞ୍ଚଙଘର ରେ ଶ୍ୱେତ ଚନ୍ଦନ ରହିଛି। ଏହି ଦୁଇଟି ଆଖି ଔଷଧ ମଧ୍ୟରୁ ଯେକୌଣସି ଗୋଟିଏ ଡ୍ରପ ସକାଳେ, ସନ୍ଧ୍ୟାରେ ଦୁଇ ଥର, ଉଭୟ ଆଖିରେ ଏକ ବୁନ୍ଦା ଲେଖା ୩ ସପ୍ତାହ ପର୍ଯ୍ୟନ୍ତ ପକାଇଲେ କରୋନା ରୋଗର ପ୍ରକୋପ, ବିସ୍ତାରକୁ ନିୟନ୍ତ୍ରଣ କରାଯାଇ ପାରିବ। ମୁଁ, ମୋର ପରିବାର, ଆତ୍ମୀୟ ବନ୍ଧୁମାନେ ITIS ଆଖି ଡ୍ରପର ବ୍ୟବହାର କରି ଉତ୍ତମ ଫଳ ପାଇଛନ୍ତି। ଯେଉଁ ସ୍ଥାନରେ ସଂକ୍ରମଣ ଆରମ୍ଭ ହେବା ଦେଖାଯାଉଛି ସେଠାରେ ବାସ କରୁଥିବା ରୋଗୀ, ସଂସ୍ପର୍ଶରେ ଆସୁଥିବା ଲୋକେ ଏହି ଔଷଧ ବ୍ୟବହାର କଲେ ଭଲ। କୌଣସି ସ୍ଥାନରେ ଏହି ରୋଗ ପ୍ରାଦୁର୍ଭାବ ଦେଖାଯିବା ସମୟରେ କୋଭିଡ ନିମନ୍ତେ ଅନ୍ୟ ନିର୍ଦ୍ଦେଶ ମାନିବା ସହିତ ଦୁଇଟି ଔଷଧରୁ ଗୋଟିଏ ବ୍ୟବହାର କଲେ ଏହା କରୋନା ରୋଗ ପ୍ରତିରୋଧକ ଭାବରେ କାର୍ଯ୍ୟ କରିବ। ସରକାରଙ୍କ ଆଦେଶ ଅନୁଯାୟୀ, କୋଭିଡ ୧୯ର ପ୍ରତିଷେଧକ ଟିକା ନେବା ଆବଶ୍ୟକ।

## ଶରୀରକୁ ଦିଅନ୍ତୁ ପୋଷଣ

**ଆୟୁର୍ବେଦ ଅନୁସାରେ, ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାକୁ ଚାହୁଁଥିଲେ ପ୍ରଥମେ ଉତ୍ତମ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ । ଏହା ସହ ଭୋଜନର ନିର୍ଦ୍ଦିଷ୍ଟ ସମୟ ରଖିବା ମଧ ଜରୁର।**

♦ ମୁମ୍ବାଇର ଖାଦ୍ୟ ବିଶେଷଜ୍ଞ ପ୍ରତିମା ଜେସ୍ୱାଲ୍‌ଙ୍କ ମତରେ ସୂର୍ଯ୍ୟୋଦୟର ପରେ ଆମ ଶରୀରକୁ ମଧ ଶକ୍ତି ମିଳେ । ଏଇ ସମୟରେ ଆମେ ବିଭିନ୍ନ ପ୍ରକାର ଭୋଜନ କଲେ ମଧ ତାହା ହଜମ ଶୀଘ୍ର ହେଇଥାଏ । ସୂର୍ଯ୍ୟାସ୍ତ ପରେ ପରେ ଶରୀରର ପାଚନ ତନ୍ତ୍ରର ଶକ୍ତି ମଧ ହ୍ରାସ ପାଉଥିବାର ବିଶେଷଜ୍ଞଙ୍କ ମତ ।

♦ ସକାଳୁ ଉଠିବାର ମଧ ଘଣ୍ଟା ମଧରେ ଜଳଖିଆ ଖାଇନେବା ଉଚିତ । ଅଧିକ ସମସ୍ୟା ଭୋକିଲା ରହିଲେ ଅମ୍ଳ ସମସ୍ୟା ହୋଇଥାଏ । ଶଯ୍ୟା ତ୍ୟାଗର ୫.୭ ମିନିଟ୍ ପରେ ୧ ଗିଲାସ ନଖ ଉଷୁମ



ପାଣି ପିଅନ୍ତୁ ।

♦ ଦ୍ୱିପହର ଭୋଜନ ଦିନ ୧୨ଟାରୁ ୨ଟା ମଧରେ କରିନେବା ଆବଶ୍ୟକ । ଜଳଖିଆ ଓ ଦ୍ୱିପହର ଭୋଜନ ମଧରେ ୪ ଘଣ୍ଟାରୁ ଅଧିକ ବ୍ୟବଧାନ ରଖିବା ଭଲ ନୁହେଁ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା, ଶରୀରକୁ ଭୋକିଲା ରଖି କଷ୍ଟ ଦିଅନ୍ତୁ ନାହିଁ । ସମୟକ୍ରମେ ଏହା ଆପଣଙ୍କ ଶରୀରକୁ ଦୁର୍ବଳ କରିଥାଏ ।

♦ ରାତ୍ରିଭୋଜନ ମଧ ସେଇ ଅନୁରୂପ ଶୀଘ୍ର ହେବା ଉଚିତ । ଯେତେ ଶୀଘ୍ର ଖାଇବେ, ତାହା ଆପଣଙ୍କ ପାଇଁ ସେତେ ଭଲ । ଶୋଇବାର ୩ ଘଣ୍ଟା ପୂର୍ବରୁ ହିଁ ରାତ୍ରିଭୋଜନ କରିନେଲେ ସେସବୁ ଖାଦ୍ୟ ହଜମ ହେବା ପାଇଁ ସମୟ ପାଇଥାଏ ।

## ବିଶ୍ୱର ବୃହତ୍ତମ ସପିଂ ମଲ୍



ବିଶ୍ୱର ବୃହତ୍ତମ ସପିଂ ମଲ୍‌ଟି ଚାଇନାର ଡୋଙ୍ଗ୍‌ଗୁଆନ୍‌ରେ ଅଛି। ନାମ- 'ସାଉଥ୍ ଚାଇନା ମଲ୍'। ସତୁରି ଲକ୍ଷ ବର୍ଗ ଫୁଟ୍ ପରିମିତ ଅଞ୍ଚଳରେ ମଲ୍‌ଟି ଛିଡ଼ାହୋଇଛି। ମଲ୍‌ରେ ରହିଛି ମୋଟ ୨୩୫୦ଟି ଦୋକାନ-ଘର। ଆଉ ମଲ୍ ସଂପର୍କରେ ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ଏକଦା ଏହାର ଅନେଶତ ପ୍ରତିଶତ ସ୍ଥାନ ଖାଲି ପଡ଼ିଥିଲା। ମଲ୍‌ଟି ନୂଆ ନୁହେଁ। ୨୦୦୫ରେ ହୁ ଗୁଇରଙ୍ଗ୍ ନାମକ ବ୍ୟବସାୟୀ ମଲ୍‌ଟି ତିଆରି କରାଇଥିଲେ। ତେବେ, କେହି ଭଡ଼ା ନ ନେବାରୁ ପ୍ରାୟ ଦଶ ବର୍ଷ ଖାଲି ପଡ଼ିଥିଲା। କେବଳ ତଳ ମହଲାରେ ଅଳ୍ପ କେତୋଟି ଫାଷ୍ଟ୍ ଫୁଡ୍ ଦୋକାନ ଥିଲା। ବିଶେଷ କେହି ଆସୁ ନ ଥିଲେ। ମଲ୍‌ରେ ଲାଗିଥିବା ଲିଫ୍‌ଟ, ଏସ୍‌କାଲେଟର ଆଦି ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇଯାଇଥିଲା। ହୁ ଜଣେ ନୁଡଲ୍ ବ୍ୟବସାୟୀ। ସେ ନିଜର ସଞ୍ଚିତ ଅର୍ଥର ଏକ ବଡ଼ ଭାଗ ମଲ୍ ?ରେ ଲଗାଇଥିଲେ। ମଲ୍ ଭିତରେ ନାନା ଅଭିନବ ବ୍ୟବସ୍ଥା କରାଇଥିଲେ। ରୋଲର କୋଷ୍ଟର ଲଗାଇଥିଲେ। ଭେନିସ୍ ଢାଞ୍ଚାରେ କୃତ୍ରିମ କେନାଲ୍ ଏବଂ ଗଣ୍ଡୋଲା ବିହାରର ବ୍ୟବସ୍ଥା କରିଥିଲେ। ବିଶିଷ୍ଟ ସିନେମା ନିର୍ମାତା ସାମ୍ ଗ୍ରିନ୍ ମଲ୍‌ଟି ଉପରେ 'ୟୁଟୋପିଆ ପାର୍ଟ୍ ଥ୍ରି : ଦ ୱାର୍ଲ୍‌ଡସ ଲାର୍ଜେଷ୍ଟ୍ ସପିଙ୍ଗ ମଲ୍' ନାମରେ ପ୍ରାମାଣିକ ଚଳଚ୍ଚିତ୍ର ତିଆରି କରିଥିଲେ। ୨୦୧୫ ପରେ ମଲ୍ କ୍ରମଶଃ ଏକ ବଡ଼ ବ୍ୟବସାୟ ପେଣ୍ଠରେ ପରିଣତ ହୋଇଥିଲା।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବାଂଲାଦେଶରେ ଧାର୍ମିକ ହିଂସା...

ଭାରତର ନିକଟ ପ୍ରତିବେଶୀ ଇଲାକାରେ କିଛିଦିନ ହେଲା ଅସ୍ୱାଭାବିକ ଅବସ୍ଥା ଦେଖାଯାଉଛି । ପାକିସ୍ତାନ ଓ ବାଂଲାଦେଶରେ କୌଣସି କାରଣରୁ ହେଉ ନା' କାହିଁକି, ସ୍ଥିତି ସାଧାରଣ ବା ସ୍ୱାଭାବିକ ରହୁନଥିବାର ଦେଖାଯାଉଛି । କେଉଁଠି ଶାସନତନ୍ତ୍ର ବିରୋଧରେ ଗଣବିକ୍ଷୋଭ ସଂଘଟିତ ହେଉଛି ତ' ଆଉ କେଉଁଠି ଧାର୍ମିକ ହିଂସାର ଜୁଆର ଉଠିବାରେ ଲାଗିଛି । ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ, କେତେକ ଅସହିଷ୍ଣୁ ଗୋଷ୍ଠୀ ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସାକୁ ତେଜାଇ ଦେଇଥିବାରୁ ଅବାଞ୍ଛିତ ସ୍ଥିତି ଉତ୍ପନ୍ନ ହୋଇଛି । ଧାର୍ମିକ ହିଂସାକାଣ୍ଡରେ ଅତିକମ୍‌ରେ ଛଅ ଜଣଙ୍କର ପ୍ରାଣ ଯାଇଛି ଏବଂ ବହୁଜଣ ଗୁରୁତର ଆହତ ହୋଇଛନ୍ତି । ଏହି ହିଂସାତ୍ମକ ବାତାବରଣକୁ ଉସୁକାଇବା ପାଇଁ ଯେଉଁ ସମାଜବିରୋଧୀ ତତ୍ତ୍ୱମାନେ ଦାୟୀ, ସେମାନଙ୍କ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଶହ ଶହ ଜନତା ସୋମବାର ଦିନ ରାଜରାସ୍ତାକୁ ଓହ୍ଲାଇଛନ୍ତି । ହିନ୍ଦୁମାନଙ୍କ ଉପରେ କେବଳ ନୁହେଁ, ସେମାନଙ୍କ ମନ୍ଦିର ଉପରେ କରାଯାଇଛି ହିଂସ୍ର ଆକ୍ରମଣ । ତାହାର ଜବାବ ମଧ ସ୍ଥଳ ବିଶେଷରେ ଦିଆଯାଇଛି ସିନା, ଯେହେତୁ ବାଂଲାଦେଶରେ ହିନ୍ଦୁମାନେ ସଂଖ୍ୟାଲଘୁ, ସ୍ୱର କ୍ଷୀଣ ହୋଇଥିବାରୁ ସେମାନଙ୍କର ବାଂଲାଦେଶୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସ୍ୱାଭାବିକ ଅବସ୍ଥା ଫେରାଇ ଅଣାଯିବା ପାଇଁ ଜରୁରୀ ପଦକ୍ଷେପ ନେବା ପାଇଁ କୁହାଯାଇଛି । ଏହି ଜଟିଳ ସ୍ଥିତି ସୃଷ୍ଟି ହେବାର କାରଣ କ'ଣ ? ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଗୋଟିଏ ଚିତ୍ର ବିବାଦର ଝଡ଼ ସୃଷ୍ଟି କଲା । ଇସ୍ଲାମ୍ ଧର୍ମର ପବିତ୍ର ଗ୍ରନ୍ଥ କୋରାନ୍ ଏକକିତା ପୂର୍ବାଞ୍ଚଳ କୁମିଲ୍ଲା ଜିଲ୍ଲାସ୍ଥିତ ଏକ ହିନ୍ଦୁ ଧର୍ମପୀଠରେ ପ୍ରତିମାର ପାଦତଳେ ରଖାଯାଇଥିବା ଚିତ୍ର ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିଲା । ତାହା ହିଁ ପ୍ରରୋଚନାର ମୂଳ ହେତୁ ବୋଲି କୁହାଯାଉଛି । ତୁରନ୍ତ ପ୍ରତିକ୍ରିୟା ସ୍ୱରୂପ ହିନ୍ଦୁ ସମ୍ପ୍ରଦାୟର ଲୋକମାନଙ୍କ ଉପରେ ହିଂସ୍ର ଆକ୍ରମଣ ଆରମ୍ଭ ହୋଇଗଲା ଓ ଧର୍ମପୀଠଗୁଡ଼ିକରେ ଲାଗିଗଲା ବ୍ୟାପକ ଭଙ୍ଗାରୁଜା । ନିଜେ ବାଂଲାଦେଶର ଗୃହମନ୍ତ୍ରୀ ସ୍ୱୀକାର କରିଛନ୍ତି ଯେ, ବାଂଲଦେଶରେ ସାଂପ୍ରଦାୟିକ ସଦ୍ଭାବକୁ କ୍ଷୁର୍ଣ୍ଣ କରିବା ପାଇଁ ଚେଷ୍ଟିତ ଥିବା ଅପଶକ୍ତିମାନେ ଆକ୍ରମଣ ଓ ଧର୍ମପୀଠଗୁଡ଼ିକୁ ଧ୍ୱଂସ କରିବାରେ ଲିପ୍ତ ଅଛନ୍ତି । ହିନ୍ଦୁ ସମ୍ପ୍ରଦାୟର ଦଶଦିନ ବ୍ୟାପୀ ଦଶହରା ପର୍ବ ପାଳନ ସମୟରେ ଏଭଳି ପବିତ୍ର କୋରାନର ଅମର୍ଯ୍ୟାଦା ନେଇ ବାଂଲାଦେଶର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ପ୍ରତିବାଦର ଝଡ଼ ଉଠିଲା । ନୂଆଖାଲି ଜିଲ୍ଲାର କେତେକ ସ୍ଥାନରେ ମୁସଲିମମାନେ ରାସ୍ତା ଉପରକୁ ଓହ୍ଲାଇ କେବଳ ପ୍ରତିବାଦ କରିନଥିଲେ, ହିଂସ୍ର ଆଚରଣରେ ମଧ ଲିପ୍ତ ହେଲେ । ହିନ୍ଦୁ ଧର୍ମପୀଠଗୁଡ଼ିକରେ ଆକ୍ରମଣ ସାଙ୍ଗକୁ ଅତିକମ୍‌ରେ ୨୦ଜଣ ହିନ୍ଦୁ ପରିବାରଙ୍କ ଘରେ ନିଆଁ ଲଗାଗଲା ଏବଂ ବହୁ ଲୋକଙ୍କର ଘର ଆସବାବ ପତ୍ରକୁ ଛାରଖାର କରିଦିଆଗଲା । ହାସିନା ସରକାର ହିଂସାତ୍ମକ କାର୍ଯ୍ୟକଳାପର ଦୃଢ଼ହସ୍ତରେ ଦମନ କରାଯିବ ବୋଲି କହିଥିଲେ ସୁଦ୍ଧା ଅପଶକ୍ତିମାନେ ତାହାକୁ କର୍ଣ୍ଣପାତ ନକରି ସହର ଓ ଗ୍ରାମାଞ୍ଚଳରେ ଲୁଟ୍‌ପାଟ ଓ ଭଙ୍ଗାରୁଜା ଚଳାଇଛନ୍ତି । ଏପର୍ଯ୍ୟନ୍ତ ପାଖାପାଖି ପଚାଶ ଜଣଙ୍କୁ ଗିରଫ କରି ନିଆଗଲାଣି । ଦଙ୍ଗା ଉପଦ୍ରୁତ ଇଲାକାରେ ଦାୟିତ୍ୱ ସମ୍ପାଦନରେ ଖିଲାପ କରିଥିବା ସାତ ଆଠଜଣ ପୁଲିସ ଅଧିକାରୀଙ୍କୁ ବଦଳି କରିଦିଆଯାଇ ସାରିଲାଣି । ତାହାରି ଭିତରେ ଗୁଡ଼ିଏ ହିନ୍ଦୁ ସଂଗଠନ ଧାର୍ମିକ ହିଂସାର ଶାନ୍ତିପୂର୍ଣ୍ଣ ପ୍ରତିବାଦ ବିକ୍ଷୋଭରେ ସାମିଲ ହୋଇଥିଲେ । ଏଭଳି ସମସ୍ୟାର ସମାଧାନ ପାଇଁ ଭାରତ ଓ ବାଂଲାଦେଶ ସରକାର କୂଟନୈତିକ ସ୍ତରରେ ସକ୍ରିୟତା ଦେଖାଇବା ଯେତିକି ଦରକାର, ତାହାଠାରୁ ଉଭୟ ପ୍ରତିବେଶୀ ଦେଶର ଜନସାଧାରଣ ସେମାନଙ୍କ ଭିତରେ ଭଲ ସମ୍ପର୍କ ପୁନଃପ୍ରତିଷ୍ଠା ପାଇଁ ମଧ ସଦିଚ୍ଛା ପ୍ରକଟ କରିବା ଆବଶ୍ୟକ । ଅଯଥା ଉତ୍ତେଜନା ବଢ଼ାଇବାକୁ ଅପଶକ୍ତିମାନେ ଚାହିଁ ବସିଥିବାରୁ ସେଥିରେ ପୂର୍ଣ୍ଣଚ୍ଛେଦ ଟଣାଯିବା ଅଧିକ ଜରୁରି । ବିଦେଶରେ ହିନ୍ଦୁମାନଙ୍କର ଏବଂ ସେମାନଙ୍କ ଧାର୍ମିକ ସ୍ୱତନ୍ତ୍ରତା ଯେଭଳି ସୁରକ୍ଷିତ ରହିବ, ସେଥିପାଇଁ ଭାରତ ସରକାର ଯାହା କିଛି ପଦକ୍ଷେପ ନେଉଥିବାର କୁହାଯାଉଛି, ତାହା ପର୍ଯ୍ୟାପ୍ତ କି ନୁହେଁ, ସେ ସଂକ୍ରାନ୍ତ ନୀତିର ସମୀକ୍ଷା କରାଯିବାର ବେଳ ଉପଗତ । ସୁତରାଂ, ଭାରତ ସହ ଅନ୍ୟ ସମ୍ପୃକ୍ତ ଦେଶଗୁଡ଼ିକ ଭିତରେ ସୁସମ୍ପର୍କ ରକ୍ଷା ସହିତ ପରିବର୍ତ୍ତିତ ସ୍ଥିତିର ମଧ ପର୍ଯ୍ୟାଲୋଚନା କରାଗଲେ ବିଷମ ସ୍ଥିତିକୁ ଟାଳି ଦିଆଯିବା ସମ୍ଭବ ।

## ତାଲା-ଚାବି



**ପଙ୍କଜ କୁମାର ପାଣିଗ୍ରାହୀ**

ବିଶ୍ୱସନୀୟତାର ଅନ୍ତରାଳେ ମାନସିକ ଭେଦଭାବରେ ଦ୍ୱେଦ, ନୈରାଶ୍ୟ ଜାଗ୍ରତ କରି ଆନ୍ତରିକତାକୁ କ୍ଷୀଣ କରୁଥିବାଏକ ମାଧମ ଯାହା ପ୍ରେମ ପରିବର୍ତ୍ତେ ହିଂସାତ୍ମକ ମନୋଭାବ ସୃଷ୍ଟି କରିବାରେ ଉପଯୋଗୀ ହାଇଥାଏ !

ନିଜ ଅଧିନସ୍ଥ କୌଣସି ମୂଲ୍ୟବାନ ବସ୍ତୁ, ପଦାର୍ଥକୁ ତାଲା ପକାଇ ଚାବିକାଠି ଟିକୁ ଅତ୍ୟନ୍ତ ସନ୍ତର୍ପଣରେ ରଖୁଥିବା ଅଭ୍ୟାସ ପ୍ରତ୍ୟକ ମନୁଷ୍ୟର ଏକ ସହଜାତ ପ୍ରକୃତି ଭାବେ ଦେଖିବାକୁ ମିଳେ । ଅଧିକନ୍ତୁ ସାମାଜିକ, ପାରିପାର୍ଶ୍ୱିକ ଶୈକ୍ଷିକତା ମଧ କିଛି କମ୍ ପ୍ରଭାବ ପକାଇ ନଥାଏ ଏହି କାର୍ଯ୍ୟ କରିବା ପାଇଁ । ହେଲେ ବାହ୍ୟ ପ୍ରଭାବ ଜନିତ ସୁରକ୍ଷାର ଅନିଶ୍ଚିତତା କାରଣରୁ ମଣିଷ ସବୁବେଳେ ସନ୍ଦେହ ଘେରରେ ରହୁଥିବା ବେଳେ ଗୋଟିଏ ପରିବାର କିମ୍ବା ସୀମିତ ପରିଚିତ, ସମ୍ପର୍କିତ ଲୋକଙ୍କ କାର୍ଯ୍ୟସ୍ଥଳ ମଧରେ ଏହି ତାଲା-ଚାବିର ବ୍ୟବହାର କେଉଁ ଆବଶ୍ୟକତା ରଖିଥାଏ ଏବଂ ତଜ୍ଜନିତ ମନୋଭାବ, ବ୍ୟବହାରିକ ପ୍ରଭାବ ଏବଂ ଆନ୍ତରିକତାର ଅନ୍ତର କେତେ ରହିଥାଏ ବୁଝିବା, ଭାବନା ବହିର୍ଭୂତ ମଣିଷଙ୍କ ସ୍ଥିତି କ'ଣ ବିଚାର କରି ଦେଖିବା..... ।

ସାଧାରଣତଃ ମଣିଷ ସବୁବେଳେ ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ସୁରକ୍ଷାକୁ ମଧ ପ୍ରାଧାନ୍ୟତା ଦେଇ ଆସୁଥିବା ଆମେ ସମସ୍ତେ ଭୁକ୍ତ ଭୋଗୀ । ହେଲେ ଏଠାରେ ଆମର ସୁରକ୍ଷା ଜନିତ ତାଲା-ଚାବିର ବ୍ୟବହାର ଉପରେ ଆଲୋକପାତ କରି ତର୍ଜମା କଲେ ଅନୁଭବ ହୁଏକି.....

ବାହ୍ୟ ବିପଦ ଦୃଷ୍ଟିରୁ ସୁରକ୍ଷା ପାଇଁ ଆମେ ତାଲା-ଚାବି ବ୍ୟବହାର କରୁଥିବା ବେଳେ ଘର ଭିତରେ ମଧ ତାହାର ବ୍ୟବହାର କରିଥାଉ ଯେଉଁଠି ଆମ ଆତ୍ମୀୟ ସ୍ୱଜନ ପରିବାର ବର୍ଗଙ୍କ ବାସସ୍ଥଳୀ । ଅନୁରୂପ କୌଣସି କାର୍ଯ୍ୟ ସ୍ଥଳରେ ପରିଚିତ, ସମ୍ପର୍କିତ ଲୋକଙ୍କ ଗ୍ରହଣ ରହିଥାଇ ସମସ୍ତେ ସମସ୍ତଙ୍କ ପ୍ରତି ସନ୍ଦେହ ଭାବ ରଖୁଥିବା ହେତୁ ଏହି ସୁରକ୍ଷା କବଚର ବ୍ୟବହାର କରାଯାଇଥାଏ । ଅର୍ଥାତ ଏହା ନିଶ୍ଚିତ ସାବ୍ୟସ୍ତ କରୁଛିକି ଆମେ ଯେଉଁ ପରିବାର, ପରିବେଶ ମଧରେ ରହୁଛେ ସେଇଠି କାହାର କାହା ପ୍ରତି ବିଶ୍ୱାସ ଭାବ ରହୁନାହିଁ ! ସମସ୍ତେ ସମସ୍ତଙ୍କ ପ୍ରତି କୌଣସି ପରିସ୍ଥିତିରେ ସନ୍ଦେହରେ ରହୁଥିବା ହେତୁ ସୁରକ୍ଷା ଆବଶ୍ୟକ ହେଉଥିବା କାରଣରୁ ଆମେ ଏହି ଆଭ୍ୟନ୍ତରୀଣ ତାଲା ବ୍ୟବହାର କରିବା ଶିକ୍ଷା କରିଛୁ ! କଥା ବାର୍ତ୍ତା, ଚାଲି ଚଳନ, ବାହ୍ୟ ପ୍ରଦର୍ଶନକୁ ସମସ୍ତେ ସମସ୍ତଙ୍କ ପ୍ରତି ଏତେ ଅନାବିଳ ଭାବ ପ୍ରଦର୍ଶନ କରିଥା'ନ୍ତି, ସତେ ଯେମିତି ସେମାନେ ଗୋଟିଏ ଆତ୍ମାର ଭିନ୍ନ ଭିନ୍ନ ଅଂଶ ବିଶେଷ ଶରୀର ମଧରେ ଜୀବିତ । କିନ୍ତୁ ବ୍ୟକ୍ତିଗତ ସ୍ୱାର୍ଥ ଦୃଷ୍ଟିରୁ କାହାର କାହାପ୍ରତି ତିଳେ ହେଲେ ବିଶ୍ୱସନୀୟତା ରହିନଥାବା ସାକ୍ଷ୍ୟ ପ୍ରମାଣ ଦେଇଥାଏ ଏହି ସୁରକ୍ଷା କବଚର ବ୍ୟବହାର । ଏହିଭଳି ପରିସ୍ଥିତିରେ ରହୁଥିବା ପରିବାର ପ୍ରାୟତଃ ୯୯ ରୁ ଉର୍ଦ୍ଧରେ ଥିବା ବେଳେ କୌଣସି କର୍ମ କ୍ଷେତ୍ରରେ କାର୍ଯ୍ୟରତ ସମକକ୍ଷ କର୍ମଚାରୀଙ୍କ ସଂଖ୍ୟା ୧୦୦ ହେବ ନିଶ୍ଚୟ ! ହେଲେ ଏହି ସୁରକ୍ଷା କବଚର ବ୍ୟବହାର କେବଳ ଅବିଶ୍ୱାସ କାରଣରୁ କରାଯାଉଥିବା ବେଳେ ତାହାର ଅନ୍ୟାନ୍ୟ ପ୍ରଭାବ ଗୁଡିକ କ'ଣ ହୋଇଥାଏ ବିଚାର କରିବା......

ପରିବାର ସ୍ୱଜନ ମଧରେ ଅବିଶ୍ୱାସ ଜନିତ ଆନ୍ତରିକତା କ୍ଷୀଣ ହେଉଥିବା ଏକ ସୁନିଶ୍ଚିତ ବ୍ୟବସ୍ଥା ଯାହା ଉପରେ କେତେ ପ୍ରେମର ବାର୍ତ୍ତା ପ୍ରକଟ କଲେ ମଧ ଆନ୍ତରିକ ପ୍ରେମ ଜାଗ୍ରତ ହେବା ଅନିଶ୍ଚିତ । ପ୍ରେମ ବିଶ୍ୱାସର ଏକ ପ୍ରତିରୂପ । ଅବିଶ୍ୱାସ ଘେରରେ ପ୍ରେମ ଏକ ପ୍ରେତାତ୍ମାର କାରୁଣ୍ୟତା ସଦୃଶ୍ୟ ଦୃଶ୍ୟମାନ । ସ୍ୱଜନଙ୍କୁ କିମ୍ବା ଅନ୍ୟାନ୍ୟ ବନ୍ଧୁ ମାନଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଅବିଶ୍ୱସନୀୟତା ଉପୁଜିବାର ଅତ୍ୟନ୍ତ ପଥ ପରିଷ୍କୃତ ହୋଇଥାଏ । ପାରିବାରିକ ସମ୍ପର୍କର ନିବିଡ଼ତା ମଧରେ ଅବିଶ୍ୱସନୀୟତା ଏମିତି ଏକ ପ୍ରାଚୀର ସୃଷ୍ଟି କରେ ଯାହା ପ୍ରେମ ବଦଳରେ ହିଂସାତ୍ମକ ଭାବ ସୃଷ୍ଟି କରିବାରେ ଯଥେଷ୍ଟ ସାହାଯ୍ୟ କରିଥାଏ । କୌଣସି ପରିବାର ମଧରେ ନିଜର ବ୍ୟକ୍ତିଗତ ସୁରକ୍ଷା ଖୋଜୁଥିବା ମଣିଷଙ୍କ ମଧରେ ପ୍ରେମ ପରିବର୍ତ୍ତେ ହିଂସାତ୍ମକ ଭାବ ରହିଥାଇ ପ୍ରେମର ମିଥ୍ୟା ବାହାନା ପ୍ରଦର୍ଶନ ପୂର୍ବକ ଆମେ ବଂଚୁଥିବା ଅତ୍ୟନ୍ତ ସତ୍ୟ। କୌଣସି କାର୍ଯ୍ୟ କ୍ଷେତ୍ରରେ କେତେକ ପରିଚିତ ମଣିଷ ନିଜର ହିତାହିତ ଜ୍ଞାନ ହଜାଇ ଦେଇ ସମସ୍ତଙ୍କ ପ୍ରତି ଅବିଶ୍ୱାସ ଭାବ ରଖୁଥିବା ମଧ ଦେଖିବାକୁ ମିଳେ । ଅବିଶ୍ୱାସ ଭାବ ରଖୁଥିବା ମଣିଷଙ୍କ ପ୍ରତି କାହାର ଆନ୍ତରିକତା ପରିବର୍ତ୍ତେ ହିଂସାତ୍ମକ ଭାବ ସୃଷ୍ଟି ହେବା ଅନିବାର୍ଯ୍ୟ । ସେହି ହିଂସା କାରଣରୁ ନିଜକୁ ଦୁଃଖୀ, ଅସନ୍ତୁଳିତ ଅବସ୍ଥାରେ ରଖିବା ଛଡା କାହାର ପ୍ରିୟ ଭାଜନ ହେବା ସମ୍ଭାବନା ନଥାଏ । ତେଣୁ ମଣିଷ ଏକ ପ୍ରେମମୟ ପରିବେଶ ସୃଷ୍ଟି କରି ଦୈନନ୍ଦିନ ଜୀବନ ଯାତ୍ରାକୁ ଆନନ୍ଦମୟ କରିବାକୁ ହେଲେ

> **ବାହ୍ୟ ବିପଦ ଦୃଷ୍ଟିରୁ ସୁରକ୍ଷା ପାଇଁ ଆମେ ତାଲା-ଚାବି ବ୍ୟବହାର କରୁଥିବା ବେଳେ ଘର ଭିତରେ ମଧ ତାହାର ବ୍ୟବହାର କରିଥାଉ ଯେଉଁଠି ଆମ ଆତ୍ମୀୟ ସ୍ୱଜନ ପରିବାର ବର୍ଗଙ୍କ ବାସସ୍ଥଳୀ । ଅନୁରୂପ କୌଣସି କାର୍ଯ୍ୟ ସ୍ଥଳରେ ପରିଚିତ, ସମ୍ପର୍କିତ ଲୋକଙ୍କ ଗ୍ରହଣ ରହିଥାଇ ସମସ୍ତେ ସମସ୍ତଙ୍କ ପ୍ରତି ସନ୍ଦେହ ଭାବ ରଖୁଥିବା ହେତୁ ଏହି ସୁରକ୍ଷା କବଚର ବ୍ୟବହାର କରାଯାଇଥାଏ। ଅର୍ଥାତ ଏହା ନିଶ୍ଚିତ ସାବ୍ୟସ୍ତ କରୁଛିକି ଆମେ ଯେଉଁ ପରିବାର, ପରିବେଶ ମଧରେ ରହୁଛେ ସେଇଠି କାହାର କାହା ପ୍ରତି ବିଶ୍ୱାସ ଭାବ ରହୁନାହିଁ ! ସମସ୍ତେ ସମସ୍ତଙ୍କ ପ୍ରତି କୌଣସି ପରିସ୍ଥିତିରେ ସନ୍ଦେହରେ ରହୁଥିବା ହେତୁ ସୁରକ୍ଷା ଆବଶ୍ୟକ ହେଉଥିବା କାରଣରୁ ଆମେ ଏହି ଆଭ୍ୟନ୍ତରୀଣ ତାଲା ବ୍ୟବହାର କରିବା ଶିକ୍ଷା କରିଛୁ !**

ନଥିଲେ ପ୍ରେମ ସୃଷ୍ଟି ହେବା ଅସମ୍ଭବ । କି'ନ୍ତୁ ଆମେ ଅନେକ ସମୟରେ ପ୍ରେମର ସଜ୍ଞାକୁ ଏତେ ନିକୁଷ୍ଟ କରି ପ୍ରକାଶ କରିଥାଉ ଯେଉଁଥିରେ ଅବିଶ୍ୱସନୀୟତା ଭରି ରହିଥାଏ । ତେଣୁ ସେହି ପ୍ରେମ ପ୍ରଳାପ ଏକ ଛଳନାତ୍ମକ ପରିବେଷ୍ଟନୀରେ ଅଂତରଣୀୟ ହୋଇଥାଏ ଯାହା ସମୟରେ ବିଶ୍ୱାସଘାତ କରିବାର ଅବିଶ୍ୱସନୀୟତା କାରଣରୁ ଆଭ୍ୟନ୍ତରୀଣ ସୁରକ୍ଷା କବଚର ବ୍ୟବହାର ଆବଶ୍ୟକ ହୋଇଥାଏ ।

ଅଧିକାଂଶ ପାରିବାରିକ କଳହ ସୃଷ୍ଟିର ମୂଳ କାରଣ ହୋଇଥାଏ ନିଜସ୍ୱ ସ୍ୱାର୍ଥ ଏବଂ ଅବିଶ୍ୱସନୀୟତା । ଇତି ମଧରେ ମିଥ୍ୟା ଗୋଟିଏ ମାଧମ ଭଳି କାର୍ଯ୍ୟ କରିଥାଏ ଯେଉଁଥିରେ ବ୍ୟକ୍ତିଙ୍କ କାର୍ଯ୍ୟ କଳାପରେ ମଧ ଅନୁରୂପ ଚିନ୍ତନ ଦେଖିବାକୁ ମିଳେ । ହେଲେ ଏହା ମଣିଷର ଏକ ମାନବୀୟ ଚରିତ୍ର କି ନାହିଁ ନିଜେହିଁ ବିଚାର କରି ଦେଖିବା କଥା । ଏହି ସୁରକ୍ଷା କବଚର ବ୍ୟବହାର ମଣିଷକୁ ଏକାକୀ କରି ଦେଉନାହିଁ ତ ? ବିଶେଷ ଭାବେ ବିଶ୍ଲେଷଣ କରି ଦେଖିଲେ ବୁଝି ହେବ ଯେ ମଣିଷ କେବଳ ଏହି ବ୍ୟକ୍ତିଗତ ସ୍ୱାର୍ଥ ତଥା ଅବିଶ୍ୱସନୀୟତାରୁ ହିଁ ଏକାକୀ ହୋଇ ରହିଥାଏ । ଅନ୍ୟମାନଙ୍କ ପ୍ରେମମୟ ପ୍ରବଚନ, ସମ୍ଭାଷଣ ଶୁଣି ମନରେ ଆନନ୍ଦ ଉପଲବ୍ଧ ହେଉଥିଲେ ମଧ ବାସ୍ତବିକ କାହାର କାହାପ୍ରତି ପ୍ରକୃତ ପ୍ରମ, ସମ୍ବେଦନଶୀଳତା ରହିନଥାଏ । କେତେକ କ୍ଷେତ୍ରରେ ଅନ୍ୟର କୁମନ୍ତ୍ରଣା, ପ୍ରରୋଚନାରେ ପଡି ବ୍ୟକ୍ତିଗତ ସ୍ୱାର୍ଥକୁ ପରିତ୍ୟାଗ କରିବାକୁ ହେବ । ସତ୍ୟବାଦୀ ଓ ବିଶ୍ୱସନୀୟତା ଭାବ ଜାଗ୍ରତ କରାଗଲେ ପରିବାର ଏବଂ କାର୍ଯ୍ୟକ୍ଷେତ୍ରରେ ଏକ ଆନନ୍ଦମୟ ବାତାବରଣ ସୃଷ୍ଟି ହେବା ସମ୍ଭବ ହୋଇ ପାରିବ । ଅନ୍ୟଥା ସବୁବେଳେ ଅବିଶ୍ୱସନୀୟତା, ମିଥ୍ୟାଚାରିତା ମଧରେ ନିଜକୁ ପରିଚାଳିତ କରି ଅନେକ ଦୁଃଖ, କଷ୍ଟ ପାଇବା ଛଡା ବାସ୍ତବ ଆନନ୍ଦ ଅନୁଭବ, ଉପଭୋଗ କରିବା ଅସମ୍ଭବ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି ବ୍ୟାଖ୍ୟା କରିବା ପାଇଁ ଅନୁରୋଧ........... ।


+ ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ମୋ: ୯୪୩୭୩୨୪୯୧୭


## ୭୫ ବର୍ଷ ପରେ ମଧ୍ୟ ଦେଶ କଣ ସତରେ ସ୍ୱାଧୀନ ପାଇଛି ?



**ସୁବ୍ରତ କର**

ଏହି ପ୍ରଶ୍ନର ଉତ୍ତର ଆମର ଦେଶର ପିତା ସ୍ୱର୍ଗତ ମହାତ୍ମା ଗାନ୍ଧିଜୀ ଉତ୍ତର ରଖି ଯାଇଛନ୍ତି। ଦେଶ ବ୍ରିଟିଶ ଶାସନରୁ ମୁକୁଳିବା ପରେ ସେ କହିଥିଲେ ଯେ ଏ ସ୍ୱାଧୀନତା ସ୍ୱାଧୀନତା ନୁହଁ। ଯେଉଁଦିନ ଆମ ଦେଶର ଝିଅ, ବୋହୂମାନେ ରାତି ଅଧରେ ନିଜ ଖୁସୀ ମୁତାବକ ସ୍ୱାଧୀନ ଭାବରେ ବୁଲି ପାରିବେ, କାମ କରିପାରିବେ ଆମେ ଜାଣିବା ସେହିଦିନ ଆମ ଦେଶ ଏବଂ ଦେଶର ଜନତା ସତରେ ସ୍ୱାଧୀନତା ପାଇଛନ୍ତି। ସସତରେ କଣ ମମିତାର ଜଘନ୍ୟ ଭାବରେ ମୃତ୍ୟୁ ସ୍ୱାଧୀନତା ଉପରେ କଣ ପରଦା ଟାଣି ଦେଇ ନାହିଁ କି? ସତରେ କଣ ଆମ ରାଜ୍ୟର ଶାସନ ପ୍ରକ୍ରିୟା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି? ଖୋଲମ ଖୋଲା ସତକଥା କହିବାର କାହାର ସାହସ ନାହିଁ। ସତ ମାନିବାକୁ ମଧ୍ୟ ନାରାଜ। ଯାହା କରିବା କଥା ପୁଲିସ କରୁଛି ଏବଂ କରିବ ମଧ୍ୟ। ଦେଶ ହେଉ ବା ରାଜ୍ୟ ହେଉ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ବା ନେତାଙ୍କ ନିର୍ଦ୍ଦେଶରେ ପୁଲିସ ଶାସନ କରୁଛି। କାହାର ଡର ନାହିଁ, ପୁଲିସର ମାଡ଼କୁ ବା ଜେଲକୁ? ମଜା କଥା ହେଉଛି ଏବେ ଜନତାଙ୍କ ମଧ୍ୟରେ କୌତୁହଳ ସୃଷ୍ଟି କରିଛି ମମିତା କଥା ହେଉ ବା ଉତ୍ତର ପ୍ରଦେଶର ଘଟିଥିବା ଚାଷୀମାନଙ୍କ ଉପରେ ଗାଡ଼ି ଚଲାଇବା ଘଟଣା ହେଉ ଏଥିରେ ଦିଲ୍ଲୀର ଗୃହ ବିଭାଗର ରାଷ୍ଟ୍ରମନ୍ତ୍ରୀ ଏବଂ ଓଡ଼ିଶାର ମଧ୍ୟ ରାଜ୍ୟ ଗୃହମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ପ୍ରାୟ ସମସ୍ତେ ନିଶ୍ଚିତ। ଉତ୍ତର ପ୍ରଦେଶ ଘଟଣାରେ ମନ୍ତ୍ରୀଙ୍କ ପୁଅ ଜେଲ ଭିତରେ କିନ୍ତୁ ତଥାପି ମନ୍ତ୍ରୀ ମହୋଦୟ ଏବେ ବି ମନ୍ତ୍ରୀ ପଦରେ ହୋଇ ଅଛନ୍ତି ଏବଂ ଟିକିଏ ହେଲେ ଚିନ୍ତା କରୁନାହାନ୍ତି ଯେ ସେ ସେ ପଦବିରେ ରହିଲେ କେବେହେଲେ ନିରପେକ୍ଷ ଭାବରେ ବିଚାର ହେବାରେ ଅସୁବିଧା ଉପୁଯିବ ଏବଂ ଠିକ୍ ସେହି ଭାବରେ ରାଜ୍ୟରେ ମଧ୍ୟ। ବେକାର ହେଉ ବା ରାଜ୍ୟରେ ହେଉ ମୁଖିଆ ମାନେ ତାଙ୍କର ସାଙ୍ଗମାନଙ୍କୁ ପଦବି ଛାଡ଼ିବାର ପରାମର୍ଶ କାହିଁକି ନେଉ ନାହାଁନ୍ତି? ଏହାଦ୍ୱାରା ଜନତାଙ୍କର ବିଶ୍ୱାସ, ଶାସନ ପ୍ରତି ସମ୍ମାନ, ଚିନ୍ତା କ୍ଷମତାର ଲୋଭ ସମସ୍ତଙ୍କୁ ଅନ୍ଧ କରିଦେଉଛି। ଉତ୍ତରଦାୟିତ୍ୱ ଏବଂ ନୈତିକତାର ପ୍ରଶ୍ନ ଉଠୁନାହିଁ। ଗୋଟାଏ ଚିନ୍ତା, ଯେନତେନ ପ୍ରକାରରେ କ୍ଷମତାକୁ ଜାବୁଡ଼ି ଧରିବା। କିଏ କଣ କହୁଛି କହୁଁ, କେତେ ଖବରକାଗଜ, ଟିଭିରେ ବାହାରିବା କଥା ବାହାରୁ, ସେଥିରେ ସେମାନଙ୍କ ପାଇବା କାରଣ ସେମାନେ ଚର୍ଚ୍ଚାର ଅଛନ୍ତି ଏବଂ ଏହିଭଳି କିଛିଦିନ କାନ, ନାକ, ପାଟି ବନ୍ଦ କରି ଲୁଚି ଛପି ରହିଗଲେ ଜନତା ଧୀରେ ଧୀରେ ଏହି ଘଟଣାକୁ ଭୁଲିଯିବେ। ଆଗରୁ ଏହିଭଳି ଘଟିଛି କିନ୍ତୁ ଏହିଭଳି ଘଟିଥିବା ଘଟଣାର ସମାଧାନ ହୋଇପାରିନାହିଁ। ସମାଧାନ ପ୍ରଶାସନ କରିପାରିନାହିଁ କି କୋର୍ଟ କଚେରୀ ବା ନ୍ୟାୟାଳୟ। ସବୁ ଅସମାଧିତ ହୋଇ ରହିଛି। ହଁ, ଏଇଟା ଠିକ୍ କଥା ଏହାର ନ୍ୟାୟ ଏକମାତ୍ର ଗୋଟାଏ ଲୋକ ଦେଇପାରିବ କିନ୍ତୁ ସେ ତ ଚାରି କାନ୍ଥ ମଧ୍ୟରେ ବନ୍ଦି ଜୀବନ ଯାପନ କରୁଛନ୍ତି। ତାଙ୍କୁ ଯେ ଯାହା କହୁଛନ୍ତି ସବୁ ଶୁଣି ଚୁପ୍ ରହୁଛନ୍ତି କାରଣ ଏମିତି ମନ୍ତ୍ରୀମାନଙ୍କୁ ବାହାର କରିଲେ ସବୁ ସରିଯିବ ଶେଷରେ ସେ ଏହା ରହିଯିବେ।

---

### କବିତା କୋଣାର୍କ



### ହେମନ୍ତ ଆଗମନେ
**ରାହାସ କୁମାର ବେହେରା**

ଆଜି ଆକାଶକୁ ଦେଖିଲି ସକାଳେ
ମୋ ଘର ଅଗଣା ଝରକା ଖୋଲି
ଦିସ୍ତା ଦିସ୍ତା ସଫା କାଗଜ ଦେହରେ
ରଙ୍ଗର ମୁରୁଜ ପଡିଛି ଝୁଲି ।

ମୁକୁତାର ବିନ୍ଦି ପିନ୍ଧିଛି ଧରଣୀ
ସଜେଇ ହୋଇଛି କଅଁଳ ଖରା
ପାଦରେ ନାଇଛି ଅଳତାର ଗାର
କାକରେ ଭିଜିଣ ଦିଶୁଛି ତୋରା ।

ଝରା ପତରର ସରସର ଶବ୍ଦେ
ସଂଗୀତ ଗାଉଛି ଶୀତଳ ବାଆ
ମାଟିକୁ ଚୁମୁଛି ନୂଆ ନୂଆ ଶୀତ
କି ସୁନ୍ଦର ଦିଶେ ଦୂରରୁ ଗାଆଁ।

ମହ ମହ ବାସେ ପଡ଼ୋଶୀ ଝିଅଟି
ଗଭାରେ ବାନ୍ଧିଛି ମଲ୍ଲି ଗଜରା
ହେମ ଋତୁ ବାଳା ସମବୟସୀ ସେ
ଝରିପଡ଼େ ପ୍ରୀତି ମଧୁ ଅସରା ।

ବଗୁଲା ବଗୁଲୀ ପ୍ରକୃତି ଶୋଭାରେ
ଅପୂର୍ବ ମିଳନେ ହଜିଯାଆନ୍ତି
କି ସୁନ୍ଦର ଲାଗେ ପାଖରୁ ସରସୀ
କାଚକେନ୍ଦୁ ଜଳେ ତୋଫା ଦିଶନ୍ତି ।

ହେମନ୍ତ ଋତୁରେ ସାପୁଆ ନଈରେ
ମୋ ପ୍ରିୟା ଭିଜାଏ ତା ଗୋରା ଦେହ
ଦୁହିଁଙ୍କର ରୂପ ରୁପା ଜରି ସମ
ଆଖି ଝଲସଇ ଦିଶଇ ମୁହଁ ।

ସଂଜରେ ଚନ୍ଦ୍ରମା ଲେଖୁଛି ଚିଟାଉ
ଖୋଜୁଛି ସୁନ୍ଦର ହୃଦୟଟିଏ
ଭାବର ଭାବୁକ ଉଛୁଳା ସପନେ
ଜୋଛନାରେ ଭିଜେ ପାଗଳ ପ୍ରାୟେ ।

+ ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ: ୭୫୯୦୧୫
(ମୋ) ୯୪୩୮୧୧୪୩୬୮

### ଆଜିବି ତୁମକୁ ଝୁରେ
**ସିଦ୍ଧେଶ୍ୱର ତ୍ରିପାଠୀ**

ବୟସ ବଢିଛି ସମୟ ଗଡ଼ିଛି
ଆଜିବି ତୁମକୁ ଝୁରେ
ଲିଭେଇ ପାରିନି ତୁମରି ସ୍ମୃତିକୁ
ସାଇତିଛି ହୃଦୟରେ ।
ପାହାନ୍ତି ସପନେ ତୁମେ ଆସ ପ୍ରିୟା
ମଧୁର ରାଗିଣୀ ଗାଇ
ସଞ୍ଜ ନଇଁଗଲେ ବିରହ ସ୍ମୃତିଟା
ଲୁହ ହୋଇ ଯାଏ ବହି ।
ତୁମ ଦୁଇ ପାଦ ପଡି ପାରିଲାନି
ଏଇ ମୋ ଅଗଣା ଘରେ
ବୟସ ବଢିଛି ସମୟ ଗଡ଼ିଛି
ଆଜିବି ତୁମକୁ ଝୁରେ ।
ଅକୁହା କଥାକୁ କାଆଗେ କହିନି
ଆଜିଯାଏଁ ମନଖୋଲି
କିଏବା ଜାଣିବ ସେଦିନର ନିଆଁ
ଏଯାଏଁ ଜଳୁଛି ବୋଲି ।
କୁଆଁରୀ ବେଳର ତୁମ ଗୋରା ମୁହଁ
ଦେଖେ ନିତି ଜୋଛନାରେ
ବୟସ ବଢିଛି ସମୟ ଗଡ଼ିଛି
ଆଜିବି ତୁମକୁ ଝୁରେ ।

+ କବିର ଘର
କୁଣ୍ଡିଲୋ, ଖୋର୍ଦ୍ଧା
୮୦୧୮୬୪୬୭୦୪

### ଡାକପ ଈଶ୍ୱର
**ଈଶ୍ୱର ମଙ୍ଗରାଜ**

ଡାକ ଈଶ୍ୱର ଯୋଡ ହସ୍ତର
ସେତ ଜଗତ ଠାକୁର,
କରୋନାବାଧି ହୋଇବ ଦୂର
ସେ ଏକା ସାହା ଆମର ।
ଈଶ୍ୱର ଏକ ଦ୍ୱିତୀୟ ନାଷ୍ଟି
ସେତ ସୃଷ୍ଟି କର୍ତ୍ତା,
ଗ୍ରୀଷ୍ମ ବର୍ଷା ଶୀତ ର ସୃଷ୍ଟି
ଅନୁଭବି ଜାଣେ ସତା ।
ସବୁ ଧର୍ମ ଈଶ୍ୱର
ହିନ୍ଦୁ ଡାକେ ରାମ ତାଙ୍କର,
ମୁସିଲିମୀ ଡାକେ ଆଲ୍ଲା
କ୍ରୀଷ୍ଟି ଧର୍ମୀ ଯୀଶୁ ତାଙ୍କର ।
କିଏ ପୂଜେ ମନ୍ଦିର
କେତାକେ ମସଜିଦି ଭିତର,
ପାର୍ଥନା ହୁଏ ଗିର୍ଜାର
ଧର୍ମ ପୂଜା ବିଭିନ୍ନ ପ୍ରକାର ।
କଳିଯୁଗ ଅବତାର
କରୋନା ରୂପେ ତାଙ୍କର,
ମହାମାରୀ ରୂପର
ହା ହାକାର କାତର ନର ।
ସ୍ୱଭାବ ଛାଡ ଅସୁର
ଛାଡ ମଣିଷ କଣ ଚତୁର
ଧନୀଦରିଦ୍ର ଏକାକାର
କରୋନା ନାହିଁ ତ ବିଚାର ।

+ ଖୋର୍ଦ୍ଧା, ୭୯୭୮୭୩୦୨୧୭

### ପ୍ରାର୍ବଣ
**ଧ୍ରୁବ ଚରଣ ବେହେରା**



ବିହିଙ୍କର ଦାନେ ସୁନ୍ଦର ଏ ଧରା
ସବୁଜିମା ଅଛି ଭରି
ଟିକି ଜୀବନରେ ନିହିତ ଥାଆଇ
ପ୍ରେମର ପ୍ରୀତି ସାୟରୀ ।।

ବିହଙ୍ଗ ଗାଆଇ ସୁରଭି ସଙ୍ଗୀତ
ମଧୁର ରାଗିଣୀ ସୁରେ
ଟିକି ଝରଣାର ଶୀତଳତା ନେଇ
କୁଳୁ କୁଳୁ ବହେ ଧିରେ ।।

ଅଶିଣ ଆକାଶେ ନାହିଁ ମେଘମାଳ
ନିର୍ମଳତା ପଡେ ଝରି
ଆଗମନୀ ମାଆ ପୁଣ୍ୟ ପାର୍ବଣରେ
କରୁଣା ଦିଅନ୍ତି ଭରି ।।

ପୂର୍ଣ୍ଣ ଶୀତଳତା ଅବନୀ କୋଳରେ
ଗାଆଇ ଦେବୀ ମା ସ୍ତୁତି
ନଈ ପଠା ଧାରେ ହସେ କାଶତଣ୍ଡୀ
ପ୍ରେମେ ଦେଇ ଅନୁଭୁତି ।।

ତମସା କୋଳରେ ଚାନ୍ଦିନୀ ଜୋଛନା
ଓଢଣା ଦିଅଇ ଟାଣି
ନୀରବତା ନେଇ ହସୁଥାଏ ରାତି
ଶୋଭା ଶୋଭିତେ ଧରଣୀ ।।

ଧୂପ ଦୀପ ଶଙ୍ଖ ପୂଜା ନୈଇବେଦେ
ହସଇ ଅବନୀ ରାଣୀ
କିଏ ସେ କଳିବ ପାର୍ବଣର ଶୋଭା
ଧନ୍ୟ ଦୁର୍ଗତି ନାଶିନୀ ।।

କି ବର୍ଣ୍ଣିବି ତୋର ଋତୁର ସମ୍ଭାର
ଉପମାର ଚାରୁ ଚିତ୍ର
ଦେଖିଲେ ଲାଗୁଛି କୋଟିରେ ଗୋଟିଏ
ତୋର ଏହି ନବରାତ୍ର ।।

ଧନ୍ୟ ତୁମ ଲୀଳା ଯୁଗ ଲାଗି ସାକ୍ଷୀ
ଭକ୍ତ ଲାଗି ଯାର ଜନ୍ମ
ଶକ୍ତି ସ୍ୱ ରୂପିଣୀ ଅଭୟ ଦାୟିନୀ
ନେଉଥିବି ତୋର ନାମ ।।

ଦିଅ 'ମା' ଆଶିଷ କରୁଣାର ବର୍ଷା
ପ୍ରାଣି ଜନ ହିତ ପାଇଁ
ପାର୍ବଣ କରୁଣା ନ କର ମା ଊଣା
ଜୟ .ମାଆ ବିରିଜାଈ ।।

+ ଭାରତୀୟ ସାମରିକ ସେନା
ଝାଡଖଣ୍ଡ, ନୂଆପଡା
(ମୋ) ୮୩୨୮୯୩୦୫୫୪

### କବିତା ଓ ତୁମେ
**ନିରଞ୍ଜନ ସାହୁ**



ତୁମ କଥା ଯେବେ କବିତାରେ ଲେଖେ
କବିତା ଲାଗଇ ଭଲ
ଯେଉଁ କବିତାରେ ତୁମେ ତ ନଥାଅ
ଲାଗୁଥାଏ ଗଲଗଲ ।।
କାହିଁକି କେଜାଣି ତୁମକୁ ନେଇ ମୁଁ
କବିତା ଲେଖଇ ଯେତେ
ଯେତେ ଲେଖିଲେ ବି ମନ ପୂରେ ନାହିଁ
ଲେଖୁଥାଏ ସେତେସେତେ
ତୁମରି ପ୍ରେମରେ ପକାଇ ଦେଇକି
କାହିଁକି ଏମିତି କଲ ?
କବିତା ତୁମର ସଉତୁଣୀ ବୋଲି
ଭାବିବନି ମୋ ରାଣ
କବିତା ପୃଷ୍ଠାରେ ନିମିତ୍ତମାତ୍ର ମୁଁ
ସବୁଠି ତୁମରି ଟାଣ
କବିତା ଲେଖୁଛି ବୋଲି କହିବନି
ବଞ୍ଚିଛ ଯାହା ନ ମଲ ?

+ ନିହଲପ୍ରସାଦ, ଗନ୍ଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
(ମୋ) ୯୯୩୮୭୪୧୫୮୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୫ ଅକ୍ଟୋବର, ସୋମବାର, ୨୦୨୧



# ବିଶ୍ୱଭାରତୀର ସାହାଡ଼ା ଗଛ ଉପାଖ୍ୟାନ

ଉମାକାନ୍ତ ରାଉତ (ଅରୂପ)

ତୁ'ଟା ପାଗଳଟା କିରେ ? ସେ ସାହାଡ଼ା ଗଛଟାକୁ ଯାଇ କ'ଣ ହାମୁଡ଼େଇ ଜୁହାର ହେଉଛୁ ?

ଗୋବର୍ଦ୍ଧନର ଏତାଦୃଶ କଟାକ୍ଷର ପ୍ରତ୍ୟୁତ୍ତରରେ ସନାତନ କହିଲା - ' ମୁଁ କ'ଣ ? ସେ ପବିତ୍ର ଓ ମହାନ୍ ବୃକ୍ଷର ମାହାତ୍ମ୍ୟ ଜାଣିଲେ ତୁ' ବି ଆଣ୍ଠେଇ ପଡ଼ି ଶହେବାର ସଲାମ୍ କରିବୁରେ ବାପ । ତା'ର କରିସ୍ମା ତୁ ଜାଣିନୁ !

- ହେଲେ ଆଗରୁ ତ ତୋତେ ଏମିତି ମୁଦ୍ରାରେ ଦେଖିନି ?

- ଠିକ୍ କହିଲୁ। ଆଗରୁ ଏମିତି କ୍ୟାଜୁଆଲି ନେଉଥିଲି । ହେଉଥିଲି ଯେ, ହେଲେ କେବେ କେବେ ମନକୁ ଆସିଲେ । ହେଲେ ଏବେ ରେଗୁଲାର୍ଲି ଚାଲିଛି ।

- କି ? ଏବେ କ'ଣ ହେଲା କି ?

- ମୋହିନୀ ସୁନ୍ଦରୀ ସେ ବିଶ୍ୱଭାରତୀର କାଣ୍ଡକାର୍ଖାନା ଜାଣିବା ପରଠାରୁ ସାହାଡ଼ା ମାହାତ୍ମ୍ୟର ପ୍ରତ୍ୟକ୍ଷ ପ୍ରମାଣ ମୁଁ ପାଇଗଲିରେ ଭାଇ । ସେହିଦିନୁ ପ୍ରତ୍ୟହ ସାହାଡ଼ା ବୃକ୍ଷକୁ ସ୍ମରଣ କରି ମୁଣ୍ଡିଆ ମାରୁଛି । ସେଇ ରଖିଲେ ରଖିବ; ସେଇ ମାରିଲେ ମାରିବ । ନୋହିଲେ ମୋତେ ଯଦି ଦୈବାତ୍ କେହି ସାହାଡ଼ା ଗଛ କରିଦେଲାନା, ବାସ୍ , କାମ ସଇଲା ।

- କ'ଣ ୟାଡୁ ସ୍ୟାଡୁ ବକୁଛୁ ବେ ସନାତନ ? ଆବେ ମୁଁ ତୋତେ ପାଗଳ ବୋଲି କହୁଥିଲି କ'ଣ ? ତୁ'ଟା ଗୋଟେ ବଦ୍ଧ ପାଗଳ ଭଳି ଲାଗୁଛୁ !

- ଆବେ ଗୋବରା, ତୁ' ବି ଜାଣିଲେ ପାଗଳ ହେଇଯିବୁ !

- ହଉ, କ'ଣ ଶୁଣେଇଲୁ....ଶୁଣେଇଲୁ ... ? ଶୁଣିବା ତୋ ପାଗଳାମୀର ରହସ୍ୟ !

- ବିଶ୍ୱଭାରତୀ ତା'ର ଅଫିସରିଆ ସ୍ୱାମୀଟାକୁ ସାହାଡ଼ା ଗଛ କରିବା ସମ୍ବାଦ ଓ ଭିଡିଓ ଆଦି ଭାଇରାଲ୍ ହୋଇ ରାଷ୍ଟ୍ର ହେବାକୁ ବସିଲାଣି । ଜାଣିନୁ ?

- ହଟ୍ କେକ୍ ଭଳି ଚାଲିଥିବା ଏଇ ଯେଉଁ ସ୍ୱାମୀ ହତ୍ୟାକାରିଣୀ ବିଶ୍ୱଭାରତୀ କଥା କହୁଛୁ କି ?

- ହଁ ରେ ଭାଇ ହଁ । ହେଲେ ସିଆଣିଆ ସାଜି ଜାଣିନୁ ବୋଲି ନାଟକ କରୁଛୁ କାହିଁକି ?

- ଆବେ , ନାଟକ କଲି କେଉଁଠି ? ହେଲେ ତୋର ଏ ସାହାଡ଼ା ମାହାଡା ଗଛ ଆଣି ସେଠି ପୁରେଇ ପାଗଳଙ୍କ ଭଳି ହେବା ମୋତେ ତାଜୁବ୍ ଲାଗୁଛି !

- ହଁ ; ନ ଜାଣିଲା ଲୋକକୁ ସେମିତି ଲାଗିବ । ଜାଣିବାକୁ ଇଚ୍ଛା ତ ମନଦେଇ ଶୁଣ୍।

- ଆଚ୍ଛା କହ ?

- ଆଦିକବି ଶୁଦ୍ରମୁନୀ ସାରଳା ଦାସ ତାଙ୍କ ଓଡ଼ିଆ ମହାଭାରତର ଆଦିପର୍ବରେ ସାହାଡ଼ା ଗଛର ମାହାତ୍ମ୍ୟ କଥା ଜୀବନ୍ତଭାବେ ଉପସ୍ଥାପନ କରିଛନ୍ତି । ସାହାଡ଼ା ବୃକ୍ଷ କେବଳ ବଳ ଓ ବୀର୍ଯ୍ୟବର୍ଦ୍ଧକ ନୁହେଁ , ଏହାର ପତ୍ର ମଧ୍ୟ ପ୍ରବଳ କୀଟନାଶକାରୀ ଏବଂ ଏହାର ପ୍ରତିଟି ଅଂଶର ଉପାଦେୟତା ଅସୁମାରୀ । ମାଟିର କବି ଏହି ବୃକ୍ଷକୁ ପୌରାଣିକ ଚରିତ୍ର ସହ ସଂଯୋଗ କରି ଏହାକୁ ଏକ ମହନୀୟ ସ୍ଥାନରେ ଆସୀନ କରାଇଛନ୍ତି । ଏହି ଗୋଲକ ବୃକ୍ଷ (ସାହାଡ଼ା ଗଛ)ର କାଠରେ ସୂର୍ଯ୍ୟଙ୍କର ରଥର ଚକ ତିଆରି ହିଁ ଏହାର ଦୃଢ଼ତାକୁ ପ୍ରତିପାଦିତ କରିଥାଏ ।

କୁରୁପୁତ୍ର ଧୃତରାଷ୍ଟ୍ରଙ୍କ ଜନ୍ମ କୃତ୍ତିକା ନକ୍ଷତ୍ର ବୃଷ ରାଶିରେ ଅମାବାସ୍ୟା ଦିନ ହୋଇଥିବାରୁ ସେ ବ୍ରହ୍ମରାକ୍ଷସ ଦୋଷରେ ଆକ୍ରାନ୍ତ ଥିଲେ । ଅବିକଳଭାବେ ଗାନ୍ଧାର ନରେଶଙ୍କ କନ୍ୟା ଗାନ୍ଧାରୀ ମଧ୍ୟ ବ୍ରହ୍ମରାକ୍ଷସୀ ଦୋଷରେ ଆକ୍ରାନ୍ତ ଥିଲେ । ଫଳତଃ ଧୃତରାଷ୍ଟ୍ର ଏବଂ ଗାନ୍ଧାରୀଙ୍କର ବିବାହ ପ୍ରସ୍ତାବ ଯେଉଁଠି ପଡୁଥିଲା ସେଇ ରାଜକୁମାରୀ ଅବା ରାଜକୁମାର ମୃତ୍ୟୁ ମୁଖରେ ପଡୁଥିଲେ । ଗାନ୍ଧାରୀ ରୂପବତୀ , ଗୁଣବତୀ , ସୁକୁମାରୀ ଆଦି ସର୍ବଗୁଣଭୂଷିତା ହୋଇଥିଲେ ହେଁ ଉପରୋକ୍ତ କାରଣରୁ ପିତା ଗାନ୍ଧାର ନରେଶ ବିଚଳିତ ହୋଇ ବେଦବ୍ୟାସଙ୍କର ପରାମର୍ଶ ଓ ସାହାଯ୍ୟ ଲୋଡିଲେ । ପତିନିଧନ ଦୋଷ କାଟିବାକୁ ସମସ୍ତ ବିପଦକୁ ପ୍ରତିହତ କରି ଅଭୀଷ୍ଟ ପୂରଣ କରେଇପାରୁଥିବା ଶକ୍ତ ,ସବଳ ଓ ସୁଦୃଢ଼ ଗୋଲକ ବୃକ୍ଷ ବା ସାହାଡ଼ା ଗଛକୁ ପ୍ରଥମେ ପତିଭାବେ ବରଣ କରି ତା'ପରେ ଧୃତରାଷ୍ଟ୍ରଙ୍କୁ ବିବାହ କରିବାକୁ ବେଦବ୍ୟାସ ପରାମର୍ଶ ଦେଲେ । ଫଳତଃ ତାହା ଧୃତରାଷ୍ଟ୍ରଙ୍କ ସହ ଗାନ୍ଧାରୀଙ୍କର ବିବାହ ସମ୍ଭବ କରାଇ ଏକ ଖୁବ୍ ସଫଳ ଦାମ୍ପତ୍ୟର ପ୍ରମାଣ ରଖିଗଲା । ଏଥିପାଇଁ ସାହାଡ଼ା ଗଛକୁ ମହାକଳ୍ପ ବୃକ୍ଷ ମଧ୍ୟ କୁହାଯାଏ । ମାଟିର କବି ସାରଳା ଏକଥାକୁ ଦାଣ୍ଡୀ ବୃତ୍ତରେ ଲେଖିଦେଲେ --

'ଗୋଲକ ବୃକ୍ଷ କରତାର ରଥେ ଚକ୍ର
ମହାକଳପ ବୃକ୍ଷ ସେ ହରେ ମହାପାତକ
ପୂର୍ବେ ପ୍ରିଜିତି ତାହା କଲେ ପ୍ରଜାପତି
ଦୋଷୀ କନ୍ୟା ହୋଇଲେ ତାକୁ ବିଭା କରିବ ଯୁଗତି'

- ହେଲେ ବିଶ୍ୱଭାରତୀ ତା'ର ଅଫିସରିଆ ସ୍ୱାମୀଟାକୁ ସାହାଡ଼ା ଗଛ କଲା ବୋଲି କହୁଛୁ । ସେଇଟା କ'ଣ ? ଏ କଥା ସହ ତା'ର ସମ୍ପର୍କ ?

- ଆବେ ଗୋବରା, ଶିଳ ଶିଳିପତା ପରାଯାଇ ଗଗନରେ ଉଡିଲାଣି ! ତୁ ଜାଣିପାରୁନୁ ?

ଯେ ବିଶ୍ୱଭାରତୀର ଜନ୍ମକୁଣ୍ଡଳୀରେ ସେଇଭଳି ବିଧବା ଯୋଗ ଥିଲା । ଅର୍ଥାତ୍, ସିଏ ପ୍ରଥମେ ଯାହାକୁ ବିବାହ କରିବ ସେ ବ୍ୟକ୍ତିଟି ମରିବାଟା ଥୟ । ସେଇ ଦୋଷଟା ପାର ହୋଇ କଟିଗଲେ , ବାସ୍ ଗାଡ଼ି ଚାଲିଲା । ତା'ର ଆଉ କିଛି ଅସୁବିଧା ନାହିଁ ।

- ସେଇଠୁ ??

- ସେଇଠୁ ଆଉ କ'ଣ ? କେହି କ'ଣ ତା'ର ପ୍ରେମିକ ସ୍ୱାମୀକୁ ମାରି ତା'ର ଦାମ୍ପତ୍ୟ ଜୀବନକୁ ବର୍ବାଦ କରିଦେବାକୁ ଚାହେଁ ?

- ତା'ହେଲେ ବିଶ୍ୱଭାରତୀ ତା'ର ବିବାହିତ ସ୍ୱାମୀର ମୃତ୍ୟୁର କାରଣ ସାଜିଲା କାହିଁକି ?

- ସେଇଠି ତ ରହିଛି ଅସଲ ପେଞ୍ଚ !

- କି ପେଞ୍ଚ ରେ ?

- ବିଶ୍ୱଭାରତୀର ଆଉ ଜଣକ ସଙ୍ଗେ ଗଭୀର ପ୍ରେମ ସମ୍ପର୍କ ଥିଲା । ତା'ଛଡ଼ା ଆଉ କାହାପାଖକୁ ଯିବନାହିଁ ବୋଲି ସେ ଅଡି ବସିଲା । ତା'ର ବାପମାଆ, ନିକଟ ସମ୍ପର୍କୀୟ ସମସ୍ତେ ତାର ବିଧବା ଯୋଗ କଥା ଜାଣିଥିଲେ । ସ୍ୱୟଂ ବିଶ୍ୱଭାରତୀ ବି ।

- ଯଦି ଜାଣିଥିଲେ, ଗୋଟେ ଝଟକା ଅଛି ଯେତେବେଳେ, ସାହାଡ଼ା ଗଛ ସହ ପ୍ରଥମେ ବିବାହ କରାଇ ତା'ର ପ୍ରତିକାର କଲେନାହିଁ ?? ବିଚରା ଏ ନିରୀହ , ଭଦ୍ର , ସୁଗୁଣୀ ଓ ସଚ୍ଚୋଟ ଅଫିସରଟାକୁ ପ୍ରଥମେ ବିବାହ କରାଇ ମରଣ ଫାଶ ତିଆରି କଲେ କାହିଁକି ?

- ହଁ , ସେମିତି କରିଥିଲେ। ହେଲେ ରାଜି ହେଲାନାହିଁ ବିଶ୍ୱଭାରତୀ । ବାପା ସାହାଡ଼ା ଗଛ ସହ ବିବାହ କରାଇ ଦୋଷ କାଟିବାର ପ୍ରସ୍ତାବ ଦେଲାମାତ୍ରେ ଚିହିଙ୍କି ଉଠିଲା ଉଗ୍ରା ଆଧୁନିକା ବିଶ୍ୱଭାରତୀ। ଆଏଁ ସିଏ ପୁଣି ଇଜ୍ଜତକୁ ପଦାରେ ପକାଇ ବାହାହେବ ଗୋଟେ ଗଛକୁ ? ନା , ସେମିତି ହେଇପାରିବ ନାହିଁ ! ରୂପବତୀ ଚିତ୍ରିଣୀଟି ମୋହିନୀ କଳାରେ ନିପୁଣା ,ଅସମ୍ଭବ ଭାବେ ଉଚ୍ଛୃଙ୍ଖଳା ତଥା ପ୍ରେମର ଫାଶରେ ଅନେକଙ୍କୁ ଫଶେଇବାର ବିପୁଳ ଅଭିଜ୍ଞତା ଥିବାରୁ ସେଭଳିଭାବେ ନିଜର ଡମ , ଅହଂକାର ଓ ଆତ୍ମସମ୍ମାନ ସହ ସାଲିସ୍ କରିବାପାଇଁ ଆଦୌ ମଙ୍ଗିଲା ନାହିଁ । ବରଂ ନିର୍ଦ୍ଧାରିତ କରିସାରିଥିବା ପ୍ରେମିକ ସହ ବିଚାର ଆଲୋଚନା କରି ଅନ୍ୟ କାହାକୁ ଫଶାଇ ସିଏ ନାମକୁ ମାତ୍ର ପ୍ରଥମ ପତି ବରଣ କରି ତା'ର ମୃତ୍ୟୁ ଯାଏଁ ଅପେକ୍ଷା କରିବ ; ହେଲେ କସ୍ମିନକାଳେ ସାହାଡ଼ା ଗଛକୁ ବରଣ କରି ନିଜର ସାମାଜିକ ମାନମର୍ଯ୍ୟାଦାକୁ ସାମାନ୍ୟତମ ହାନି ହେବାକୁ ଦେବନାହିଁ । ଏହା ଥିଲା ତା'ର ଏକାନ୍ତ ଜିଦ୍ ।

- ଆଚ୍ଛା , ସେଇଠୁ ପୁଣି କ'ଣ ହେଲା ?

- ବାପ ମାଆ ଜ୍ଞାତି ପରିଜନ ଯେତେବେଳେ କିଛି ଚାପ ପ୍ରୟୋଗ କଲେ , ବିଶ୍ୱଭାରତୀ ଉଦଣ୍ଡୀ ସାଜି ଦେ' ଚମ୍ପଟ୍ ଛୁ ...ଫେରାର.....!

- କୁଆଡେ ... ?

- ସେଇ ପ୍ରେମିକ ସହ ମାସ ମାସ ଧରି ଫେରାର୍ ହେଇଗଲା । ଘରଲୋକେ ଯେତେବେଳେ କିଛି କହିଲେ ଆତ୍ମହତ୍ୟାର ମିଛ ଧମକ ବି ଦେଲା । ଡିବି ଡିବି ବାଜି ଏକଥା ଗଳି କନ୍ଦି ଗାଆଁ ହାଟ ବଜାର ଯେତେବେଳେ ରାଷ୍ଟ୍ର ହେବାକୁ ଲାଗିଲା ବିଚାରା ଘରଲୋକେ ସାମାଜିକ ସମ୍ମାନ କ୍ଷୁର୍ଣ୍ଣ ହେବା ଦେଖି ତା'ର କଥାରେ ରାଜି ହୋଇ ତାକୁ ବୁଝାଇ ସୁଝାଇ ଉଦ୍ଧାର କରି ଘରକୁ ଫେରେଇ ଆଣିଲେ ।

- ତା'ପରେ ?

- ତା'ପରେ କଲିଜା ଖାଇବା ପାଇଁ କୁମ୍ଭୀରର ଷଡ଼ଯନ୍ତ୍ର ଭଳି ସେମାନେ ଉକ୍ତ ଅଫିସରଙ୍କ ସହ ପ୍ରସ୍ତାବ ପକେଇଲେ। କନ୍ୟା ମୋହରେ ଆକ୍ରାନ୍ତ ପିତା ହିତାହିତ ଜ୍ଞାନ ପାଶୋରି ସମସ୍ତ ମାନବିକତାକୁ ଜଳାଞ୍ଜଳି ଦେଇ କନ୍ୟା ଚାହୁଁଥିବା ସୁଖକୁ ଧ୍ୟାନ ଦେଲେ !

ସାମାଜିକ ପ୍ରତିଷ୍ଠା ବଜାୟ ରଖିବା ଦାୟରେ ଉକ୍ତ ସରଳ ଓ ଦକ୍ଷ ଅଫିସରଙ୍କ ସହ କନ୍ୟାର ବିବାହ କାର୍ଯ୍ୟ ସମ୍ପାଦନ କଲେ ପିତା। ହେଲେ ବରଣ କରିଥିବା ପତି ପାଇଁ ବିଶ୍ୱଭାରତୀର ମନରେ ନା ଥିଲା ସାମାନ୍ୟତମ ପ୍ରେମ ନା କିଞ୍ଚିତ ଆନ୍ତରିକତା ! ବରଂ ସିଏ ତା'ଭିତରେ ଘୃଣା ଅମଳ କରିବାର ନିରନ୍ତର ଚେଷ୍ଟାରେ ଥିଲ। ତା' ଭିତରେ କୁହୁଳୁଥିଲା ଷଡ଼ଯନ୍ତ୍ରର ହଳାହଳ ବିଷ - କେତେ ଶୀଘ୍ର ମୃତ୍ୟୁର ଶିକାର ହୋଇପାରିବ ତା'ର ନାମମାତ୍ର ସ୍ୱାମୀ । ଅନ୍ତ ହେବାର କିଛିଦିନ ପରେ କୌଶଳ ରଚନା କରି ଏକ ଆଦର୍ଶ ବିବାହର ଆଳ ଦେଖାଇ ସେ ଚାଲିଯାଇପାରିବ ତା'ର ପୂର୍ବୋକ୍ତ ପ୍ରେମିକ ପାଖକୁ ଦାମ୍ପତ୍ୟ ଅମଳ କରିବାକୁ।

- ଆଏଁ ! ଏଡ଼େ ବଦମାସ୍ ? ଏତେ ଡେଞ୍ଜରସ୍ ଯେ ବିଷକନ୍ୟା ?

- ହେଲେ, ଦିନେ, ଦୁଇଦିନ, ଦଶ, ପଚାଶ, ଶହେ ଦିନ ଯାଇ କେଇ ମାସ ବି କଟିଗଲା। ହେଲେ ବିଧବା ଯୋଗର କୌଣସି ଲକ୍ଷଣ ଦେଖିବାକୁ ପାଇଲା ନାହିଁ ବିଶ୍ୱଭାରତୀ ! ବିଚଳିତ ଓ ବ୍ୟତିବ୍ୟସ୍ତ ହୋଇପଡ଼ିଲା ସେ । ଗୋଟେ ଗୋଟେ ଦିନ ତାକୁ ଗୋଟିଏ ଗୋଟିଏ ବର୍ଷ ଭଳି ଲାଗିଲା । କାହିଁକି ମରୁନାହିଁ ତାର ନାମମାତ୍ର ଅଭାଗା ସ୍ୱାମୀଟା ? ପୂର୍ବୋକ୍ତ ପ୍ରେମିକକୁ ତା'ର ସତୀତ୍ୱର ପ୍ରମାଣ ଓ ପରାକାଷ୍ଠା ଦେଖାଇବାପାଇଁ ସିଏ କୌଶଳକ୍ରମେ ଫଶାଇ ଏକ ଲିଖିତ ଚୁକ୍ତିନାମା କରିନେଲା ଅଗ୍ନିକୁ ସାକ୍ଷୀ ରଖି ହାତ ଧରିଥିବା ତା'ର ସୁଧାର ସରଳ ଓ ତାକୁ ପ୍ରାଣଭରି ଭଲ ପାଉଥିବା ବିଚରା ସ୍ୱାମୀଟି ସହିତ !

ସେ ଚୁକ୍ତିନାମା ଥିଲା - 'ଗୋଟିଏ ବାସଭବନରେ ରହୁଥିଲେ ହେଁ ଦେଢ଼ ବର୍ଷ ଯାଏଁ କେହି କାହା ସହ କୌଣସି ଶାରିରୀକ ସମ୍ପର୍କ ରଖିବେ ନାହିଁ କି ଗୋଟିଏ ବିଛଣାରେ ଶୋଇବେ ନାହିଁ।' ବିଚରା ସ୍ୱାମୀଟି ଅବିଶ୍ୱସନୀୟଭାବେ ଭଦ୍ର, ସରଳ, ନମ୍ର ଓ ସଂସ୍କାରସମ୍ପନ୍ନ ଥିଲା । ପତ୍ନୀ ବିଶ୍ୱଭାରତୀକୁ ଅକପଟ ସ୍ନେହ କରୁଥିବା ହେତୁ ତା'ର ସନ୍ତୋଷ ପାଇଁ ଏବଂ ଅଶାନ୍ତିର ବାତାବରଣରୁ ମୁକ୍ତ ହେବା ମନେକରି ମାନସିକ କଷ୍ଟ ସତ୍ତ୍ୱେ ବି ସମସ୍ତ ସର୍ତ୍ତରେ ସେ ରାଜି ହୋଇଯାଇଥିଲା। ଯା ଭିତରେ ଥିବା ମାରାତ୍ମକ ଷଡଯନ୍ତ୍ରକୁ ସିଏ ସ୍ୱପ୍ନରେ ସୁଦ୍ଧା କଳନା କରିପାରି ନଥିଲା।

- ବଡ଼ ବିଚିତ୍ର କଥା !! ସେଇଟା ଗୋଟେ ଛଦ୍ମବେଶିନୀ ଅସୁରୁଣୀଟେ ନା କ'ଣ ବେ ?

- ଅଧିକକାଳ ବିଳମ୍ବ ବରଦାସ୍ତ କରିପାରିଲା ନାହିଁ ବିଶ୍ୱଭାରତୀ। ସରଳ ସ୍ୱାମୀକୁ ନିଜବାଗରେ ନଚାଇବାପାଇଁ , ଗଭୀର ମାନସିକ ଯନ୍ତ୍ରଣା ଓ ନଷ୍ଟ ହେବାକୁ ପ୍ରବର୍ତ୍ତାଇବା ଲକ୍ଷ୍ୟରେ ସେ ନିଜର ପ୍ରେମ , ଦେହ ଓ ରୂପର ମାୟାଜାଲରେ ସ୍ୱାମୀର ଉପରିସ୍ଥ ଅଫିସରମାନଙ୍କୁ ଫଶେଇ ବକରା ବନେଇବାକୁ ବି ସକ୍ଷମ ହେଲା।

ସରଳ ଅଫିସର୍ ସ୍ୱାମୀଟି ସରକାରି କର୍ତ୍ତବ୍ୟ ସମ୍ପାଦନରେ ଥିଲା ଖୁବ୍ ଶକ୍ତ ,ସଚ୍ଚୋଟ, ସତ୍ୟନିଷ୍ଠ ଓ କଠୋର। ଫଳତଃ ତା'ର ଉପରିସ୍ଥ ଦୁର୍ନୀତିଗ୍ରସ୍ଥ ଅଧିକାରୀର ଅତ୍ୟନ୍ତ ଗର୍ହିତ କଳାକାରନାମାଗୁଡିକ ଧରାପଡିଯିବାର ନିଶ୍ଚିତ ଆଶଙ୍କା ଉପୁଜିଥିଲା। ତେଣୁ ସିଏ ରକ୍ତ ଚାଉଳ ଚୋବାଇ ମଉକା ଅପେକ୍ଷାରେ ଥିଲା। ଏତିକିବେଳେ ବିଲେଇ କପାଳକୁ ଶିକା ଛିଣ୍ଡିଲା। କଙ୍କଡ଼ାକୁ ଗୋଳିଆ ପାଣି ସୁହାଇଲା ଭଳି ମୁନାଫାଖୋର୍ ବସ୍‌କୁ ଖୋରାକ ମିଳିଗଲା । ମଲୁ ଖୋଜୁଥିଲା ଯାହା, ବଇଦ ବତେଇଲା ତାହା । ଏକାସଙ୍ଗେ ଦୁଇପଟୁ ମୁନାଫା ! ଯାବତୀୟ କଳାଧନ୍ଦା ପାଇଁ ରାସ୍ତା ସଫା ସାଙ୍ଗକୁ କଞ୍ଚା ଜରଜର ନରମ ଚମଡ଼ାର ଅର୍ଘ୍ୟ !

ନିଜର ମନ୍ଦ ଉଦ୍ଦେଶ୍ୟ ପରିପୂରଣ ପାଇଁ ସର୍ବନିମ୍ନ ସ୍ତରକୁ ବି ହାତଛଡ଼ା କଲାନାହିଁ ଚିତ୍ରିଣୀ ବିଶ୍ୱଭାରତୀ। କଥାରେ ନାହିଁ - ନାରୀ ମାୟା ନାରାୟଣଙ୍କୁ ବି ଅଗୋଚର । ଦିନେ ହଠାତ୍ ଦେଖାଗଲା, ସିଏ ସାମିଲ୍ ଥିବା ଷଡ଼ଯନ୍ତ୍ର ଯୋଗୁ ତା'ର ଅଫିସର୍ ସ୍ୱାମୀ ଘରଭିତରେ ତା'ରି ଆଗରେ ପଡ଼ି ମୃତ୍ୟୁ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ମରଣକାଳୀନ ସେ ଯନ୍ତ୍ରଣାକୁ ମନଭରି ଉପଭୋଗ କଲା ବିଶ୍ୱଭାରତୀ। ଏକ ଦୀର୍ଘଶ୍ୱାସ ବାହାରିଗଲା ତା' ନାକପୁଡାରୁ.....ଯାହାହେଉ ଅବଶେଷରେ ସେ ସଫଳ ହୋଇଛି। ତା'ରି ଆଗରେ ଛଟପଟ ହୋଇ ବିଚରା ସ୍ୱାମୀଟା କଳାକାଠ ହେଇଗଲା। ଅନ୍ୟମାନଙ୍କ ସହ ସିଏ ବି କୁମ୍ଭୀର କାନ୍ଦଣାର ସୁନ୍ଦର ଅଭିନୟରେ ମସଗୁଲ୍ ହେଲା।

- ହଁ, ହଁ, ଏବେ ବୁଝିଲିରେ ସନାତନ। ସେ ପାପିନୀଟାର ସାମାନ୍ୟତମ ଦୟା ମାୟା ବି ହେଲାନି ?

- ସେତିକି ମାନବୀୟ ଗୁଣ ଥିଲେ ତ ସିଏ ଖାଲି ଔପଚାରିକଭାବେ ନିର୍ଦ୍ୱନ୍ଦ୍ୱରେ ସାହାଡ଼ା ଗଛକୁ ପ୍ରଥମେ ବରଣ କରିପାରିଥାନ୍ତା। ତାହା ନକରି ଉକ୍ତ ଶାନ୍ତ, ସରଳ ଓ ଅତି ଉତ୍ତମ ମଣିଷଟିକୁ ସାହାଡ଼ା ଗଛ କରିଦେଲା।

ହେଲେ ସାହାଡ଼ା ବୃକ୍ଷ ଭଳି ସକଳ ରିଷ୍ଟ, କଣ୍ଟକ , ବିପଦ ଆପଦକୁ ଅକ୍ଳେଶରେ ନିଜ ଭିତରେ କିଳିଦେଇ ସମସ୍ତ ଅଭୀଷ୍ଟ ପୂରଣ କରିବାର ଶକ୍ତି, ସାମର୍ଥ୍ୟ ଓ ଦୃଢ଼ତା ମଣିଷଠାରେ ଥିଲେ ତ....... ?? ଞଞଞଞଞଞଞ

+ବିଜେଗଙ୍ଗାଧରପୁର , ହାତିସାହି
ପୋଷ୍ଟ - ସଉଦା , ଭଦ୍ରକ

## ଦୁଇଟି ମିନି ଗପ

ରବିନାରାୟଣ ଦାଶ
ନିଯୁକ୍ତକଲୋନୀ, ଗଣ୍ଡରପୁର, କଟକ
ମୋ-୯୪୩୭୦୯୧୬୩୭

# ଚିଠି



ଚାରି ଭାଙ୍ଗ ହୋଇପଡ଼ିଥିବା କାଗଜଟା ଯେ ଗୋଟେ ପ୍ରେମପତ୍ର ଥିଲା ଏକଥା ଜାଣିବା ପରେ ବିଚଳିତ ହୋଇପଡ଼ିଲେ ଦେବଦତ୍ତ। ଅତି ସୁନ୍ଦର ଅକ୍ଷରରେ ଲେଖା ହୋଇଥିବା ଚିଠିରେ ଥିଲା ତାରୁଣ୍ୟର ଚମକ। ଆବେଗ ଓ ଅନୁରାଗ ସହ ପିଲାଳିଆମୀ ସ୍ୱଷ୍ଟ ବାରି ହେଇପଡୁଥିଲା ଲେଖାରୁ। ମୋବାଇଲ୍ ଯୁଗରେ ପ୍ରେମପତ୍ର କିଏ କାହାକୁ ଲେଖେ ? ଦେବଦତ୍ତ ବିସ୍ମିତ ହେଲେ। କାହା ପାଇଁ କିଏ ଲେଖିଛି ଏ ଚିଠି ? କଲେଜ ଯାଉଥିବା ତାଙ୍କ ଦୁଇ ପୁଅ ଝିଅ ତାରୁଣ୍ୟର ମହକରେ ପୁଲକିତ। ଦେବଦତ୍ତଙ୍କ ମନରେ ଆଶଙ୍କା ଡାଳପତ୍ର ମେଲୁଛି ଧୀରେ ଧୀରେ। ପୁଅ ଅରୋମାନ୍, ଝିଅ ଅନୁଷ୍କା... କାହା ପାଇଁ ଏ ଚିଠି ? ଯାହା ପାଇଁ ହେଲେ ବି ଚିନ୍ତା ସୃଷ୍ଟିକାରୀ। ପାଠପଢ଼ା ବୟସରେ ଏ ରାସ୍ତାରେ ଗୋଡ଼ ଦେଲେ ପତନ ନିଶ୍ଚୟ। କେମିତି ଜାଣିବେ କାହା ପାଇଁ କିଏ ଲେଖିଛି ଏ ଚିଠି, କେମିତି ଧରିବେ କିଏ ବୋଲି ହୋଇସାରିଲାଣି ପ୍ରେମର ଫଲ୍‌ଗୁ। କାହା ମନ ଉଡ଼ାଣ ଦେଲାଣି, ଆନମନା ହେଲାଣି ସାଥୀ ପାଇଁ ?

ଦେବଦତ୍ତ ପାଖରେ କୌଣସି ପ୍ରଶ୍ନର ଉତ୍ତର ନ ଥିଲା। ସେ ବିରକ୍ତ ହେଉଥିଲା ସୁରଭି ଉପରେ। ମା' ହୋଇ ପିଲାମାନଙ୍କ ଉପରେ ନଜର ରଖୁନି କେମିତି ? କମ୍‌ସେ କମ୍ ଅନୁଷ୍କା ଉପରେ ତ ନଜର ରଖିଥା'ନ୍ତା। ଆଜି ଚିଠି ମିଳିଲା କାଲି ହୁଏତ କାହା ସହ ଫେରାର ହେଇଯାଇପାରେ !

ସଂଜବେଳେ ଦେବଦତ୍ତ ମୁହଁକୁ ଦେଖି ସୁରଭି ଅନୁମାନ କରିନେଲେ ଗଡ଼ବଡ଼ ଆରମ୍ଭ ହେଇଯାଇଛି।

ହାତକୁ ଚା'କପ୍‌ଟା ବଢ଼େଇଦେଇ ଚାହିଁଲେ ସେ ନିରବରେ, ଦେବଦତ୍ତଙ୍କ ମୁହଁରେ ବ୍ୟସ୍ତ ବିବ୍ରତର ଚିହ୍ନ।

– କ'ଣ ହେଇଛି ?

ତୁମ ଖାମଖିଆଲ୍ ରଙ୍ଗଢ଼ଙ୍ଗର ଫଳ ଦେଖ ! ଚିଠିଟାକୁ ଫିଙ୍ଗିଦେଲେ ଦେବଦତ୍ତ।

ହସିହସି ଚିଠିଟାକୁ ଗୋଟେଇ ନେଇ ସୁରଭି ନିଜ ଛାତିରେ ଜାକି ଧରି କହିଲେ, ତୁମ ଆଖିରେ ପରଳ ମାଡ଼ିଗଲାଣି। ନା ଅକ୍ଷର ତୁମେ ଚିହ୍ନିପାରୁଛ ନା ଆବେଗ। କଲେଜରେ ଏମିତି କେତେ ଚିଠି ଦିଆନିଆ ଆମେ ହେଇଛେ। କେତେ ସଞ୍ଜ ଏକାଠି ବିତାଇଛେ। ସବୁ ଭୁଲିଗଲଣି ଦେଖୁଛି। ଚାକିରି, ଟଙ୍କା, ପଦୋନ୍ନତି ପଛରେ ତୁମେ ଏମିତି ଦୌଡୁଛ ଯେ ଆମେ ଦିନେ ଭଲପାଇ ବାହା ହେଇଥିଲେ ବୋଲି ବି ପାସୋରିଗଲଣି। କହିଲ ଦେଖି ଆମ ଶେଷ ଥର ପାଇଁ କେବେ ପାର୍କରେ ବସିଥିଲେ, ଶେଷ ଥର ପାଇଁ ତୁମେ ମୋ କାନ୍ଧରେ ହାତ ଥୋଇଥିଲ, ଶେଷଥର ପାଇଁ କେବେ ମୋତେ ଭିଡ଼ି ଆଣିଥିଲ ତୁମ ଛାତି ଉପରକୁ ? ସେତକ ମନେ ପକେଇ ଦେବା ପାଇଁ ଏ ଚିଠି ମୁଁ ଲେଖିଥିଲି ତୁମ ପାଖକୁ। ଭାବିଥିଲି ଅକ୍ଷର ଦେଖି, ଡବଲ ପାନପତର ଚିହ୍ନ ଦେଖି ନିଶ୍ଚେ ମନେ ପଡ଼ିଯିବ ପୁରୁଣା ସ୍ମୃତି। ହେଲେ ତୁମେ ସବୁ ପୋଡ଼ି ଖାଇସାରିଲଣି।'

ରାଗରେ ଦୁମ୍‌ଦୁମ୍ ହେଇ ସୁରଭି ପଶିଗଲେ ରୋଷେଇ ଘର ଭିତରକୁ। ହାଁ କରି ଅନେଇଥା'ନ୍ତି ଦେବଦତ୍ତ।

# ସୁଗନ୍ଧରାଜ

ସବୁଦିନ ଭୋରୁ ଫୁଲ ଆଣିବାକୁ ଗଲାବେଳେ ସୁଗନ୍ଧରାଜ ଗଛ ପାଖରେ ଭେଟ ହୁଏ ତା' ସହ। ଭେଟ ହେବାର ଲୋଭରେ ଭୋରୁ ଭୋରୁ ଫୁଲ ତୋଳିବାକୁ ଚାଲିଆସେ ସୁବ୍ରତ, ଯଦିଓ ଫୁଲ ତୋଳିବାର କିଛି ଆବଶ୍ୟକତା ନ ଥାଏ। ବୋଉ କି ଆଉ କେହି ଫୁଲ ଆଣିପାରେନ୍ତ ଠାକୁରଙ୍କ ପାଇଁ। ମାତ୍ର ସୁବ୍ରତକୁ ରାତିରେ ନିଦ ହୁଏନା, ଭୋରୁ ଫୁଲ ଆଣିବାକୁ ଯିବ ବୋଲି। ରାସ୍ତାକଡ଼ରେ ଟଗର, ତରାଟ, ମନ୍ଦାର ଓ କନିଅର ଗଛ। ଯାହାକୁ ଯେତେ ଫୁଲ। ହେଲେ ତା'ର ଲୋଭ ସୁଗନ୍ଧରାଜଠି। ନରି ପିଇସାଙ୍କ ବାଡ଼ିରେ ଗୋଟେ ବଡ଼ ସୁଗନ୍ଧରାଜ ଗଛ। ଫୁଲରେ ଭର୍ତ୍ତି ହୋଇଥାଏ ଗଛ, ଆଖପାଖ ମହକି ଉଠେ ତା' ବାସ୍ନାରେ। ନରି ମଉସା ବାଡ଼ିକୁ ପଶିବା ଅସମ୍ଭବ, ଦେଖିଲେ ଆଉ ରକ୍ଷା ନାହିଁ। ସେହି ଡରରେ କେହି ଯାଆନ୍ତି ନାହିଁ ତାଙ୍କ ବାଡ଼ିକୁ। କିନ୍ତୁ ଗଛର କିଛି ଡାଳ ଓହଳି ଆସିଥାଏ ରାସ୍ତା ଉପରକୁ। ଡାଳରେ ଲଦି ହୋଇଥାଏ ଧଳାଧଳା ସୁଗନ୍ଧରାଜ। ସେହି ଫୁଲ ଲୋଭରେ ସେ ଭୋରୁ ଏପଟସେପଟ ହେଉଥାଏ। ସୁବ୍ରତ ପହଞ୍ଚିବା ପରେ ବାଁରେଇ ଆସେ ଗଛ ମୂଳକୁ। ହାତ ପାଉ ନ ଥିବା ଡାଳରୁ ଫୁଲ ତୋଳିବା ପାଇଁ ମିଛିମିଛିକା ବିଫଳ ପ୍ରୟାସ କରେ ସେ। ସୁବ୍ରତ ଡିଆଁ କୁଦା ମାରି ମେଞ୍ଚାଏ ଫୁଲ ତୋଳିପକାଏ, ତା' ଡାଲାରେ ଅଜାଡ଼ି ଦିଏ। ପ୍ରତିଦାନରେ ଗୋଟେ ସ୍ମିତହାସ୍ୟ ଖେଳାଇ ସେ ଚାଲିଯାଏ।

ଝାମ୍ପୁରା ବବ୍‌କଟ୍ ଚୁଟି, ମୁଣ୍ଡରେ ପ୍ରଜାପତିର ଗୋଟେ ହେୟାର କ୍ଲିପ୍, ଫୁଲପକା ଫ୍ରକ୍, ହଳଦିଆ ରଙ୍ଗର ଚପଲ। ଗାଁରେ ପ୍ରାୟ କେହି ଚପଲ ପିନ୍ଧି ବୁଲନ୍ତି ନାହିଁ। ପ୍ରଥମ ଦେଖାରୁ ସୁବ୍ରତ ଜାଣିଲା ନୂଆ ଅତିଥି ଯେ ଗାଁର। ନୂଆ ଝିଅଟି ଏକୁଟିଆ ଫୁଲ ଆଣିବାକୁ ଆସିବା ଦେଖି ବିସ୍ମିତ ହେଲା ମଧ୍ୟ। ସ୍କୁଲ୍‌ରୁ ଫେରିବା ପରେ ଆରମ୍ଭ ହେଲା ତା'ର ଅନୁସନ୍ଧାନ। ଜାଣିଲା ମିଶ୍ର ସାହି ସୁଦାମ କକେଇଙ୍କ ଘରକୁ ଆସିଛି ସେ। କେଉଁ ଗୋଟେ ସମ୍ମୋହନରେ ସୁବ୍ରତ ସବୁଦିନ ଚାରିଟା ବେଳେ ଅକାରଣରେ ଘେରାଏ ମିଶ୍ର ସାହି ଆଡ଼େ ବୁଲିଆସେ, ଯଦିଓ ତା'ର ଦେଖାମିଳେନି ସେ ଝିଅଟି। ପାଖାପାଖି ସପ୍ତାହ ପରେ ସୁଗନ୍ଧରାଜ ଗଛମୂଳେ ଆଉ ଦେଖିବାକୁ ମିଳିଲାନି ସେ। ପଦେ କଥା କହିବା ପୂର୍ବରୁ ସେ ଉଡ଼ିଯାଇଥିଲା ନିଜ ଜାଗାକୁ। ଅବସୋସ, ଅଶାନ୍ତିରେ କେତେ ଦିନ ଯେ ବିତିଛି ତାହା ସୁବ୍ରତ ହିସାବ ରଖିନି। ଆଜି ବି ପରିଣତ ବୟସରେ ସେ ଝିଅର ଛବି ବାରମ୍ବାର ଆଖି ସାମ୍ନାକୁ ଚାଲିଆସେ। ସୁଗନ୍ଧରାଜ ବାସ୍ନା ବିହ୍ୱଳ କରେ ତାଙ୍କୁ। ଖାସ ସେହି ସ୍ମୃତିକୁ ଛାତିରେ ସାଇତି ରଖିବା ପାଇଁ ସୁବ୍ରତ ନିଜ ଛୋଟ ବଗିଚାରେ ଗୋଟ ବଡ଼ ଜାଗା ଦେଇଛନ୍ତି ସୁଗନ୍ଧରାଜ ପାଇଁ। ଶ୍ରୀମତୀ ବେଳେବେଳେ ଥଟ୍ଟା କରନ୍ତି- ସୁଗନ୍ଧରାଜ ପାଇଁ ତୁମ ମନରେ ଏତେ ବ୍ୟାକୁଳତା କ'ଣ ପାଇଁ। କିଛି ସିକ୍ରେଟ୍ ଅଛି କି ?

ସୁବ୍ରତଙ୍କ ଓଠରେ ଖେଳିଯାଏ ଗୋଟେ ସ୍ମିତ ହାସ୍ୟ, ସେ ଝିଅ ପରି।



# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବାମପନ୍ଥୀ ଦଳମାନଙ୍କର ବିକ୍ଷୋଭ

ଭୁବନେଶ୍ୱର,୨୪/୧୦ (ନି.ପ୍ର): ଶିକ୍ଷୟିତ୍ରୀ ମମିତା ମେହେରଙ୍କ ବୀଭତ୍ସ ହତ୍ୟା ଓ ଯୌନ କେଲେଙ୍କାରୀ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ତତ୍ୱାବଧାନରେ ଏସଆଇଟି ଗଠନ କରିବା, ନିରପେକ୍ଷ ତଦନ୍ତ ସକାଶେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା, ଦୋଷୀମାନଙ୍କୁ କଠୋର ଦଣ୍ଡଦେବା, ମୃତକଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତି ପୂରଣ ଓ ଜଣଙ୍କୁ ସରକାରୀ ଚାକିରି ଦାବିରେ ଆଜି ୪ଟି ବାମପନ୍ଥୀ ଦଳ ସିପିଆଇ, ସିପିଆଇ (ଏମ), ସି ପି ଆ ଇ (ଏ ମ . ଏ ଲ .) ଲିବରେସନ ଓ ଫରୱାର୍ଡ ବ୍ଲକ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଶନିବାର ପୂର୍ବାହ୍ନରେ ୪ ଦଳର ଶତାଧିକ ନେତା ଓ କର୍ମୀ ମାଷ୍ଟରକ୍ୟାଂଟିନଠାରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେଠାରେ ବିକ୍ଷୋଭକାରୀମାନଙ୍କୁ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା, ଅଭୟ ସାହୁ ଓ ଜୋନ ସମ୍ପାଦକ ସୁର ଜେନା, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ ଓ ଜଗନ୍ନାଥ ମିଶ୍ର, ସି ପି ଆ ଇ (ଏ ମ . ଏ ଲ .) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ରାଧାକାନ୍ତ ସେଠୀ ଓ ମହେନ୍ଦ୍ର ପରିଡ଼ା ଏବଂ ଫରୱାର୍ଡ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଉଦ୍‌ବୋଧନ ଦେଇ କହିଲେ– ହତ୍ୟାକାଣ୍ଡର ମୁଖ୍ୟ ଅପରାଧୀ ସହିତ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଅନ୍ତରଙ୍ଗତା, ତାଙ୍କ ମାଲିକାନାଧୀନ କଲେଜ ଓ ସ୍କୁଲ ପ୍ରତି ଅହେତୁକ ଅନୁଦାନ ଏବଂ ମୃତକଙ୍କ ପରିବାର ବର୍ଗଙ୍କ ଉପରେ ପୋଲିସ୍‌ର ଚାପ ପ୍ରଭୃତି ଅଭିଯୋଗ ଦୃଷ୍ଟିରୁ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ପଦରେ ରହିଲେ ତଦନ୍ତ ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏଣୁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ତୁରନ୍ତ ବହିଷ୍କାର କରିବା ପାଇଁ ୪ ଦଳର ନେତାମାନେ ଦାବି କରିବା ସହିତ ବହିଷ୍କାର କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସତର୍କ କରାଇ ଦେଇଥିଲେ ।

# ଶିକ୍ଷା ବିକାଶ ସମିତିର ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ ଉଦ୍‌ଘାଟିତ

ଭୁବନେଶ୍ୱର,୨୪/୧୦ (ନି.ପ୍ର): ଓଡ଼ିଶା ଶିକ୍ଷା ବିକାଶ ସମିତିର ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ ଶନିବାର କଟକ ଗତିରାଉତପାଟଣା ସ୍ଥିତ କେଶବଧାମ ଠାରେ ଉଦଘାଟିତ ହୋଇଯାଇଛି । ଶିକ୍ଷା ବିକାଶ ସମିତି ସଭାପତି ଡ଼ଃ କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଭାରତୀ ପୂର୍ବକ୍ଷେତ୍ର କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ଗଣେଶ କୁଲକର୍ଣ୍ଣି ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତ ସଂଘ ଚାଳକ ସମୀର ମହାନ୍ତି ମୁଖ୍ୟବକ୍ତାଭାବେ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାମାନଙ୍କ ଗୁଣ ଓ କର୍ତବ୍ୟ ବିଷୟରେ ମାର୍ଗଦର୍ଶନ କରିଥିଲେ । ପୂର୍ବକ୍ଷେତ୍ର ସଂଗଠନ ମନ୍ତ୍ରୀ ଦିବାକର ଜୀ ଘୋଷ ବିଦ୍ୟାଳୟର କାର୍ଯ୍ୟବୃଦ୍ଧି, ବିକାଶ ଓ ବିସ୍ତାର ବିଷୟରେ ଆଲୋକପାତ କରିଥିଲେ । ରାଷ୍ଟ୍ରକୁ ସମ୍ପନ୍ନ, ସମରସ ଓ ସୁସଂସ୍କୃତ କରିବାର ଲକ୍ଷ୍ୟନେଇ କାର୍ଯ୍ୟକର୍ତ୍ତା ନିଜର ସାମର୍ଥ୍ୟ, ଦକ୍ଷତା ଓ ସମର୍ପିତ ଭାବନେଇ କାର୍ଯ୍ୟକରିବା ପାଇଁ ଆହ୍ୱାନ ଦେଇଥିଲେ । ଶିକ୍ଷା ବିକାଶ ସମିତି, ଓଡ଼ିଶାର ସମ୍ପାଦକ ମାନନୀୟ କମଳାକାନ୍ତ ମିଶ୍ର ମଂଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ କାର୍ଯ୍ୟ ଓ କାର୍ଯ୍ୟକ୍ରମର ବୃତ କଥନ କରିଥିଲେ । ଶିକ୍ଷା ବିକାଶ ସମିତିର ସଂଗଠନ ମନ୍ତ୍ରୀ ରମାକାନ୍ତ ମହାନ୍ତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତର-ପୂର୍ବ ସଂଭାଗ ସଂପାଦକ ମହେନ୍ଦ୍ର କୁମାର ଘଡ଼ାଇ ମଂଚକାର୍ଯ୍ୟ ପରିଚାଳନା କରିଥିଲେ । ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ସଭାପତି ଡ଼ଃ ଲକ୍ଷ୍ମୀକାନ୍ତ ମହାରଣା, ମନ୍ତ୍ରୀ ଡ଼ଃ ସରୋଜ କୁମାର ହାତୀ, ସହ-ମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ, କୋଷାଧକ୍ଷ ରବିନ୍ଦ୍ର ସାମଲ, ଶିକ୍ଷା ବିକାଶ ସମିତିର ଉପସଭାପତି ଲିଙ୍ଗରାଜ ଗୌଡ଼, ସହ ସମ୍ପାଦକ ଉମେଶ ଚନ୍ଦ୍ର ନାୟକ, ସହ ସଂପାଦିକା ଡ଼ଃ ତରୁଲତା ଦେବୀ, କୋଷାଧକ୍ଷ ସତ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସମଗ୍ର ଓଡ଼ିଶାର ସଂକୁଳ ପ୍ରମୁଖ, ଜିଲ୍ଲା ପ୍ରମୁଖ ତଦୂର୍ଦ୍ଧ୍ୱ ୨୦୦ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ । ଆସନ୍ତା ୨୪ ତାରିଖ ଅପରାହ୍ଣରେ ଏହି କାର୍ଯ୍ୟକ୍ରମର ସମାପନ ଉତ୍ସବ ଅନୁଷ୍ଠିତ ହେବ ।

# ଦିବ୍ୟଶଙ୍କର ମିଶ୍ରଙ୍କ ଗିରଫ ଦାବିରେ ଯୁବ କଂଗ୍ରେସର ଡିଜିପି ଅଫିସ୍ ଘେରାଉ ଆସନ୍ତା ୨୬ରେ

ଭୁବନେଶ୍ୱର,୨୪/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେର ହତ୍ୟା ମାମଲାର ନିରପେକ୍ଷ ତଦନ୍ତ ପାଇଁ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ଗିରଫ କରି ତଦନ୍ତ ପରିସରଭୁକ୍ତ କରିବା ପାଇଁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ଦାବି କରିଛି । ଏଥିସହ ଶିକ୍ଷୟିତ୍ରୀ ମମିତା ମେହେରଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ କଳାହାଣ୍ଡିରେ ଆନ୍ଦୋଳନ କରୁଥିବା ଯେଉଁ ଯୁବ କଂଗ୍ରେସ କର୍ମୀଙ୍କୁ ପୁଲିସ ବଳ ପୂର୍ବକ ଗିରଫ କରିଛି ସେମାନଙ୍କୁ ତୁରନ୍ତ ଛାଡ଼ିବା ପାଇଁ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା ଦାବି କରିଛନ୍ତି । ଏନେଇ ଆସନ୍ତା ୨୬ ଅକ୍ଟୋବରରେ କଟକ ସ୍ଥିତ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ.ଲେଙ୍କା କହିଛନ୍ତି ଯେ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ସହ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଘନିଷ୍ଠ ସମ୍ପର୍କ ରହିଥିବା ଓ ମନ୍ତ୍ରୀଙ୍କ ଛତ୍ରଛାୟା ତଳେ ରହି ଅଭିଯୁକ୍ତ ତା'ର ଅପରାଧ ସାମ୍ରାଜ୍ୟ ବଢ଼ାଇଛି । ଅଭିଯୁକ୍ତ ଅତି ସହଜରେ ପୋଲିସ ହେଫାଜତରୁ ଖସିଯାଇ ହତ୍ୟା ମାମଲା ଓ ତା'ର ଅପରାଧ ସାମ୍ରାଜ୍ୟର ଅନେକ ପ୍ରାମଣ ନଷ୍ଟ କରିବାରେ ସକ୍ଷମ ହୋଇଛି । ଏଥିରେ ମଧ ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହେଉଛି । କ୍ୟାପ୍‌ଟେନ ମିଶ୍ର ନିଜେ ଗୃହ ବିଭାଗର ମନ୍ତ୍ରୀ ଓ ପୋଲିସ ବିଭାଗ ତାଙ୍କ ହାତରେ ରହିଛି, ତେଣୁ ଘଟଣାର ନିରପେକ୍ଷ ତଦନ୍ତ ହୋଇପାରିବ ନାହିଁ । ଏହା ସତ୍ୱେ ସ୍ୱଚ୍ଛ ଶାସନର ଡିଣ୍ଡିମ ପିଟୁଥିବା ନବୀନ ବାବୁ ଅଦ୍ୟାବଧି ତାଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କଲେନାହିଁ । ବିଜେଡି ଶାସନରେ ପୁଲିସ ପ୍ରଶାସନ ଅପରାଧୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଭଉଣୀ ମମିତା ମେହେରଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଆନ୍ଦୋଳନ କରୁଥିବା ଯୁବ କଂଗ୍ରେସ କର୍ମୀଙ୍କୁ ଗିରଫ କରୁଛି । ଯାହାକି ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥା କେଉଁ ଆଡକୁ ଗତି କରୁଛି ବୋଲି ସ୍ପଷ୍ଟ ହେଉଛି । ଯଦି ପୁଲିସ ପ୍ରଶାସନ ଅସହାୟ ହୋଇପଡ଼ିଛି, ତେବେ ଯୁବ କଂଗ୍ରେସକୁ ରାଜ୍ୟର ଅପରାଧ ନିୟନ୍ତ୍ରଣ ଦାୟିତ୍ୱ ଦିଆଯାଉ । ନଚେତ ଭଉଣୀ ଇତିଶ୍ରୀ, ବେବିନା, ମାଧବୀଲତା ଓ କୁନ୍ଦୁଲି ପୀଡ଼ିତାଙ୍କ ଭଳି ମମିତା ମେହେରଙ୍କ ପରେ ଆଉ କାହା ପାଳି ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ପ୍ରକାଶ କରିଛନ୍ତି । ଆଜି ସାମ୍ବାଦିକ ସମ୍ମିଳନୀରେ ଡ. ଲେଙ୍କାଙ୍କ ସହ ଉପସଭାପତି ମହମ୍ମଦ ଅଲିମ, ସାଧାରଣ ସମ୍ପାଦକ ବୀରେନ କୁମାର ଦଳାଇ, ଆଦିତ୍ୟ ପ୍ରସାଦ ପରିଡ଼ା, ଅମ୍ରିତା ଦାଶ, ଜୀବନ ଶାହାଣୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଦିବ୍ୟ ଶଙ୍କରଙ୍କ ସୁପାରିଶରେ ଗୋବିନ୍ଦ ସାହୁଙ୍କର ଶିକ୍ଷାନୁଷ୍ଠାନକୁ ମିଳୁଥିଲା କୋଟି କୋଟି ଟଙ୍କାର ସରକାରୀ ସହାୟତା: କଂଗ୍ରେସ

ଭୁବନେଶ୍ୱର,୨୪/୧୦ (ନି.ପ୍ର): ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିକୁ ଜୋରଦାର କରିଛି ପ୍ରଦେଶ କଂଗ୍ରେସ । ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ସହ ଦିବ୍ୟ ଶଙ୍କର ମିଶ୍ରଙ୍କ ସହ ବିଜେଡ଼ି ସରକାରର ବହୁ ନେତା ଓ ଅଧିକାରୀଙ୍କ ବିବାଦୀୟ ସଂପର୍କ ଥିଲା । ଏଥିଯୋଗୁଁ ଲକ୍ଷାଧିକ ଟଙ୍କାର ସରକାରୀ ଅର୍ଥ ଗୋବିନ୍ଦ ସାହୁଙ୍କ ଘରୋଇ ଶିକ୍ଷାନୁଷ୍ଠାନକୁ ମିଳୁଥିଲା ବୋଲି ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ସତ୍ୟ ପ୍ରକାଶ ନାୟକ ପ୍ରକାଶ କରିଛନ୍ତି । ସିଏଜିଙ୍କ ରିପୋର୍ଟ ଅନୁଯାୟୀ ଲକ୍ଷାଧିକ ଟଙ୍କାର ସରକାରୀ ଅର୍ଥ ଯାହାକି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ବିନିଯୋଗ ହେବା କଥା, ସେ ଅର୍ଥକୁ ବାଟମାରଣା କରାଯାଇ ଗୋବିନ୍ଦ ସାହୁର ଘରୋଇ ଶିକ୍ଷାନୁଷ୍ଠାନରେ ଖର୍ଚ୍ଚ କରାଯାଇଛି । ପଂଚାୟତ ରାଜ ବିଭାଗର ଏଭଳି ବେଆଇନ ନିଷ୍ପତି ଉପରେ ଘୋର ଆପତି ମଧ ଉଠାଇଛନ୍ତି ସି.ଏ.ଜି । ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ଅର୍ଥକୁ ମହାଲିଙ୍ଗ ଘରୋଇ କଲେଜର ଲେଡିଜ ହଷ୍ଟେଲର ଲନ୍ ତିଆରି କରିବାର ଖର୍ଚ୍ଚ କରାଯାଉଥିଲା କିଭଳି ବୋଲି ଶ୍ରୀ ନାୟକ ପ୍ରଶ୍ନ କରିଛନ୍ତି । କେବଳ ପଂଚାୟତ ରାଜ ବିଭାଗ ଅର୍ଥ ନୁହେଁ ପର୍ଶ୍ଚିମ ଓଡ଼ିଶା ବିକାଶ ପରିଷଦର କୋଟି କୋଟି ଟଙ୍କା ମଧ ଗୋବିନ୍ଦ ସାହୁର ଘରୋଇ ଶିକ୍ଷାନୁଷ୍ଠାନରେ କିଭଳି ଖର୍ଚ୍ଚ ହେଉଥିଲା ? ଏହା ପଛରେ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କର ସୁପାରିଶ ହିଁ ମୂଳ କାରଣ ବୋଲି ଅଭିଯୋଗ କରିଛନ୍ତି ସତ୍ୟ ପ୍ରକାଶ ନାୟକ । ୨୦୧୩ ମସିହାରେ +୨ ପରିକ୍ଷାରେ କେମେଷ୍ଟ୍ରିପେପରର ପ୍ରଶ୍ନପତ୍ର ଲିକ୍‌ରେ କେନ୍ଦ୍ରସ୍ଥଳ ଥିଲା । ଗୋବିନ୍ଦ ସାହୁଙ୍କ ମହାଲିଙ୍ଗ ଆଂଚଳିକ ମହାବିଦ୍ୟାଳୟ ସେତେବେଳେ ଏହାର ତଦନ୍ତ ଭାର କ୍ରାଇମବ୍ରାଂଚକୁ ଦିଆଯାଇଥିଲା । କିନ୍ତୁ ତଦନ୍ତ କ'ଣ ହେଲା ଓ କ'ଣ କାର୍ଯ୍ୟାନୁଷ୍ଠାନ ନିଆଗଲା ତାହା ଆଜି ଯାଏ କେହି ଜାଣିପାରିଲେନି । ଗୋଟି ଦାଗୀ ଅନୁଷ୍ଠାନ ଓ ଦାଗୀ ବ୍ୟକ୍ତିଙ୍କୁ ନବୀନବାବୁଙ୍କ ସରକାରରେ ଏତେ ଅନୁକମ୍ପା ଓ ସହାୟତା କ'ଣ ପାଇଁ ଦିଆଯାଉଥିଲା ବୋଲି ପ୍ରଶ୍ନ କରିଛନ୍ତି ସତ୍ୟ ନାୟକ । ଦିବ୍ୟ ଶଙ୍କର ମିଶ୍ରଙ୍କ ଫୋନ୍‌ର କଲ ରେକର୍ଡ ସାର୍ବଜନୀନ କଲେ ଗୋବିନ୍ଦ ସାହୁଙ୍କୁ ସୁରକ୍ଷା ଦେବାପାଇଁ ମନ୍ତ୍ରୀ ନିଜର ପଦ ଓ ଗାରିମାର ଅପବ୍ୟବହାର କରିଛନ୍ତି ତାହା ସ୍ପଷ୍ଟ ହୋଇଯିବ । ତେଣୁ ତୁରନ୍ତ ଦିବ୍ୟଶଙ୍କରଙ୍କୁ ନବୀନବାବୁ ମନ୍ତ୍ରୀ ମଣ୍ଡଳରୁ ବହିସ୍କାର କରନ୍ତୁ ବୋଲି ସତ୍ୟ ନାୟକ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ମୁଖପାତ୍ର ମନୋରଞ୍ଜନ ଦାଶ ଏବଂ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

# ଭୁବନେଶ୍ୱର , କଟକ ବ୍ୟତୀତ ସବୁ ଦୂରଦର୍ଶନ କେନ୍ଦ୍ର ବନ୍ଦ ହେବ

ଭୁବନେଶ୍ୱର ,୨୪/୧୦ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟର ଆଗୁଆ ସୂଚନାଠାରୁ ଆରମ୍ଭ କରି ଋତୁଭିତ୍ତିକ ଚାଷ ସମ୍ପର୍କିତ ପରାମର୍ଶ ଓ ସର୍ବୋପରି ପାଲା, ଦାସକାଠିଆ ଆଦି ପୁରାତନ ଲୋକ ସଙ୍ଗୀତ ସମେତ ବିଭିନ୍ନ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ରାଜ୍ୟର ଦୁର୍ଗମ ତଥା ବିପର୍ଯ୍ୟୟପ୍ରବଣ ଅଞ୍ଚଳର ଲୋକେ ଏବେ ବି ରେଡ଼ିଓ ଏବଂ ଦୂରଦର୍ଶନ ଉପରେ ନିର୍ଭରଶୀଳ । କେବଳ ସେତିକି ନୁହେଁ, ସୀମାନ୍ତ ରାଜ୍ୟ ଓ ନକ୍ସଲ ଅଧ୍ୟୁଷିତ ଅଞ୍ଚଳରେ ବିଦେଶୀ ଶକ୍ତି ଓ ଦେଶ ବିଭାଜନକାରୀ ଶକ୍ତିଙ୍କ ଉପଦ୍ରବ ସମ୍ପର୍କିତ ସୂଚନା ଦୁର୍ଗମ ଅଞ୍ଚଳବାସୀଙ୍କୁ ସତର୍କ କରାଇଥାଏ । ଏ ଦୃଷ୍ଟିରୁ ରେଡ଼ିଓ ଏବଂ ଦୂରଦର୍ଶନ ସେବାର ପ୍ରସାର ବିଶେଷକରି ରାଜ୍ୟ ତଥା ଦେଶର ଉପାନ୍ତ ଅଞ୍ଚଳଗୁଡ଼ିକ ପାଇଁ ଅପରିହାର୍ଯ୍ୟ । କାରଣ ଅଧିକାଂଶ ଉପାନ୍ତ ଅଞ୍ଚଳରେ ଡିରେକ୍ଟ ଟୁ ହୋମ୍ (ଡିଟିଏଚ୍) ସେବା ଉପଲବ୍ଧ ନୁହେଁ କିମ୍ବା ଏଥିପାଇଁ ଦରିଦ୍ର ପରିବାରର ସାମର୍ଥ୍ୟ ନାହିଁ । ଏଭଳି ପରିସ୍ଥିତିରେ ଦୁର୍ଗମ ଅଞ୍ଚଳବାସୀଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ସେବା ପ୍ରଦାନ କରିଆସୁଥିବା ଦୂରଦର୍ଶନର ୪୧୨ଟି ଅନାଲୋଗ୍ ଟିଭି ପ୍ରସାରଣ (ଏଟିଟି) ସମେତ ଉଚ୍ଚ ଶକ୍ତି ଓ ସ୍ୱଳ୍ପ ଶକ୍ତିସମ୍ପନ୍ନ ପ୍ରସାରଣ କେନ୍ଦ୍ରକୁ ପର୍ଯ୍ୟାୟକ୍ରମେ ବନ୍ଦ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ।

ଏକ ପକ୍ଷରେ ଦେଶର ୬୦୦ରୁ ଅଧିକ ସ୍ଥାନରେ ଅତ୍ୟାଧୁନିକ ବୈଷୟିକ କୌଶଳସମ୍ପନ୍ନ ଦୂରଦର୍ଶନ ପ୍ରସାରଣ କେନ୍ଦ୍ର ସ୍ଥାପନ ନିମନ୍ତେ ଇତିମଧ ?ରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅନ୍ୟ ପକ୍ଷରେ ୪୧୨ଟି ଆଞ୍ଚଳିକ ପ୍ରସାରଣ କେନ୍ଦ୍ରକୁ ବନ୍ଦ କରିବା ଲାଗି ପ୍ରସାର ଭାରତୀ ପରିଚାଳନା ବୋଡ଼ର୍ ନିଷ୍ଠୁର ନିଷ୍ପତ୍ତି ନେଇଛି । ଏହି ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଓ କଟକ ପ୍ରସାରଣ କେନ୍ଦ୍ର ବ୍ୟତୀତ ଓଡ଼ିଶାର ପ୍ରାୟତଃ ଅନ୍ୟ ସବୁ ପ୍ରସାରଣ କେନ୍ଦ୍ର ପର୍ଯ୍ୟାୟକ୍ରମେ ବନ୍ଦ କରିବାକୁ ପ୍ରସାର ଭାରତୀ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିର୍ଦ୍ଦେଶ ଅନୁଯାୟୀ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ବାଣପୁର, ବ୍ରହ୍ମପୁର, ତିର୍ତ୍ତୋଲ, ନରସିଂହପୁର, ପାରାଦୀପ ଆଦି ଉପକୂଳ ଅଞ୍ଚଳରେ ଥିବା ଦୂରଦର୍ଶନ ପ୍ରସାରଣ କେନ୍ଦ୍ର ଆସନ୍ତା ୩୧ ତାରିଖରୁ ବନ୍ଦ ହେବ । ସେହିପରି ଦୁର୍ଗମ କୋରାପୁଟ, ଜୟପୁର, ସେମିଳିଗୁଡ଼ା, ବାଲିଗୁଡ଼ା, ମାଲକାନଗିରି, ପାରଳାଖେମୁଣ୍ଡି, ଖରିଆର, ନୂଆପଡ଼ା, ପାଟଣାଗଡ଼, ରାୟଗଡ଼ା, ଉମରକୋଟ, ଅନୁଗୁଳ, ତାଳଚେର, ଆଠମଲ୍ଲିକ, ଦୁର୍ଗାପୁର ଆଦି ୪୧ ପ୍ରସାରଣ କେନ୍ଦ୍ରଗୁଡ଼ିକ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ବନ୍ଦ ହେବ । ଏଥି ସହ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର, ପାଲଲହଡ଼ା, ବଣାଇଁ, ଦେବଗଡ଼, କୁଚିଣ୍ଡା, ପଦ୍ମପୁର, ବୌଦ୍ଧ ଆଦି ସ୍ୱଳ୍ପ ଶକ୍ତିସମ୍ପନ୍ନ କେନ୍ଦ୍ରରେ କାର୍ଯ୍ୟରତ ଯାନ୍ତ୍ରିକ ବିଭାଗ କର୍ମଚାରୀଙ୍କୁ ଡିସେମ୍ବର ୩୧ ସୁଦ୍ଧା ଅପସାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଗାମୀ ୨୦୨୨ ମାର୍ଚ୍ଚ ୨୧ ସୁଦ୍ଧା ବାରିପଦା, ଭଞ୍ଜନଗର, ଫଲବାଣୀ, ଢ଼େଙ୍କାନାଳ, ନବରଙ୍ଗପୁର, କେନ୍ଦୁଝର, ସୁନ୍ଦରଗଡ଼, ବଲାଙ୍ଗୀର ଓ ବ୍ରଜରାଜନଗରସ୍ଥିତ ସ୍ୱଳ୍ପ ଶକ୍ତିସମ୍ପନ୍ନ ପ୍ରସାରଣ କେନ୍ଦ୍ର ଭବାନୀପାଟଣାସ୍ଥିତ ଉଚ୍ଚ ଶକ୍ତିସମ୍ପନ୍ନ କେନ୍ଦ୍ରକୁ ବନ୍ଦ କରିବା ସହ ସେଠାରୁ କର୍ମଚାରୀ ଅପସାରଣ ଲାଗି ଏହି ତାରିଖକୁ ପ୍ରସାର ଭାରତୀ କର୍ତ୍ତୃପକ୍ଷ ଦିନ ଧାର୍ଯ୍ୟ କରିଛନ୍ତି । ପ୍ରସାର ଭାରତୀର ଏଭଳି ଜନସ୍ୱାର୍ଥ ପରିପନ୍ଥୀ ପଦକ୍ଷେପ ରୋକିବା ସହ ଉପାନ୍ତ ଅଞ୍ଚଳର ନିର୍ଭରଶୀଳ ସାଧାରଣ ଦର୍ଶକ ଏବଂ ସେସବୁ କେନ୍ଦ୍ର ବନ୍ଦ କରିବା ବଦଳରେ ସେଥିରେ ଭିତ୍ତିଭୂମି ଉପଯୋଗରେ ଶ୍ରୋତାଙ୍କ ପାଇଁ ବରଂ ବିନା ଖର୍ଚ୍ଚରେ ଏଫ୍‌ଏମ୍ ରେଡ଼ିଓ କେନ୍ଦ୍ର ସ୍ଥାପନ ନିମନ୍ତେ ଦୂରଦର୍ଶନ ଓ ଆକାଶବାଣୀ ଯାନ୍ତ୍ରିକ କର୍ମଚାରୀ ସଂଘ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ସଂଘର ଓଡ଼ିଶା ଶାଖା କର୍ମଚାରୀମାନେ ମଧ୍ୟ ଏ ସମ୍ପର୍କରେ ରାଜ୍ୟର ପ୍ରମୁଖ ବିଧାୟକ ଓ ସାଂସଦମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଅତି ନିମ୍ନ ରୁଚିର ରାଜନୀତି କରୁଛି ବିଜେପି ମହିଳା ମୋର୍ଚ୍ଚା : ବିଜେଡି

ଭୁବନେଶ୍ୱର,୨୪/୧୦ (ନି.ପ୍ର): ଓଡିଶା ବିଜେପିର ମହିଳା ମୋର୍ଚ୍ଚା ଆଜି ତାହାର ଘେରାଉ ସମୟରେ ମିଥ୍ୟା ଓ ଭିତିହୀନ ବିବୃତି ଦେଇ ସମସ୍ତ ଲଜ୍ଜାକୁ ଅତିକ୍ରମ କରି ଅତି ନିମ୍ନ ସ୍ତରକୁ ଖସି ଆସିଛି । ଏଭଳି ଭାବେ ନିମ୍ନ ସ୍ତରକୁ ଯିବା ସମ୍ପୂର୍ଣ୍ଣ ନୂଆ ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଶ୍ରୀମତୀ ଏଲିନା ଦାସ ଓ ସୁଶ୍ରୀ ଇପ୍ସିତା ସାହୁ ।
ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ମହିଳା ମୋର୍ଚ୍ଚାକୁ କଡା ଜବାବ ଦେଇ ଶ୍ରୀମତୀ ଦାସ ଓ ସୁଶ୍ରୀ ସାହୁ କହିଛନ୍ତି ଯେ ଓଡିଶା ବିଜେପିର ମହିଳା ମୋର୍ଚ୍ଚା ବେଶ୍ ଭଲ ଭାବେ ଜାଣିଛି ଯେ ମମିତା ମେହେର ମାମଲାରେ ଗୋଟିଏ ଏଫଆଇଆର ରୁଜୁ ହୋଇଥିବାରୁ ସମାନ ମାମଲାରେ ଆଉ ଗୋଟିଏ ଏଫଆଇଆର ହୋଇପାରିବ ନାହିଁ । ଏହା ଜାଣି ମଧ ସେମାନେ ଗତକାଲି ଭୁବନେଶ୍ୱରର କ୍ୟାପିଟାଲ ଥାନାକୁ ଆସି ଆଉ ଗୋଟିଏ ଏଫ୍‌ଆଇଆର ଦେଇଛନ୍ତି । କିଏ କେତେ ଅଧିକ ଟିଭିରେ ମୁହଁ ଦେଖାଇବ ସେଥିପାଇଁ ବିଜେପି ନେତାଙ୍କ ମଧରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଥିବାରୁ ସେମାନେ ଏଭଳି ନିମ୍ନ ରୁଚିର କାର୍ଯ୍ୟ କରୁଛନ୍ତି ।
ବିଜେଡି ପ୍ରବକ୍ତା କହିଛନ୍ତି ଯେ ସାରା ଓଡିଶା ଏପରିକି ସାରା ଭାରତ ଜାଣିଛି ଯେ ଉତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଏବଂ ଆସାମ ଭଳି ବିଜେପି ଶାସିତ ରାଜ୍ୟଗୁଡିକରେ ମହିଳାଙ୍କ ବିରୁଦ୍ଧରେ ହେଉଥିବା ଜଘନ୍ୟ ଅପରାଧ ମାମଲା ସର୍ବାଧିକ ରହିଛି । ପ୍ରତି ମାସରେ ବିଜେପି ଶାସିତ ରାଜ୍ୟରେ ମହିଳାଙ୍କ ବିରୁଦ୍ଧରେ ହେଉଥିବା ଜଘନ୍ୟ ଅପରାଧ ମାମଲା ସଂଖ୍ୟା ବଢି ବଢି ଚାଲିଛି ଏବଂ ସଂଖ୍ୟାଧିକ ମାମଲାରେ ବିଜେପି ନେତାମାନେ ଜଡିତ । ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ବିଭିନ୍ନ ମାମଲାରେ ଓଡିଶା ବିଜେପି ପୂର୍ବରୁ ଅଦାଲତର ଦ୍ୱାରସ୍ଥ ହୋଇଛି ଏବଂ ସବୁ ଘଟଣାରେ ମାନ୍ୟବର ଅଦାଲତ ସେମାନଙ୍କ ଆବେଦନକୁ ଗ୍ରହଣ କରିନାହାନ୍ତି । ସତ କ'ଣ ଜାଣିବା ସତ୍ୱେ ଓଡିଶା ବିଜେପି ଶସ୍ତା ରାଜନୀତି କରିବାକୁ ଚେଷ୍ଟା କରିଥାଏ ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ।
କଳାହାଣ୍ଡିର ଜନସାଧାରଣ ଏବଂ ଓଡିଶାବାସୀ ଓଡିଶା ବିଜେପି ମହିଳା ମୋର୍ଚ୍ଚାର ମିଥ୍ୟା ଓ ଭିତିହୀନ ଆଚରଣକୁ ଦେଖୁଛନ୍ତି ଏବଂ ମହିଳା ହିଂସା ଭଳି ସମ୍ବେଦନଶୀଳ ଘଟଣାକୁ ନେଇ ସେମାନେ ଯେଉଁ ନିମ୍ନ ରୁଚିର ରାଜନୀତି କରୁଛନ୍ତି ସେଥିପାଇଁ ସେମାନଙ୍କୁ ଆଦୌ କ୍ଷମା କରିବେ ନାହିଁ ବୋଲି ବିଜେଡି ପ୍ରବକ୍ତା ଶ୍ରୀମତୀ ଦାସ ଓ ସୁଶ୍ରୀ ସାହୁ କହିଛନ୍ତି ।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯାଉ : ଭାନଥୀ ଶ୍ରୀନିବାସନ

ଭୁବନେଶ୍ୱର,୨୪/୧୦ (ନି.ପ୍ର): ଓଡିଶାର କଳାହାଣ୍ଡି ଜିଲ୍ଲା ମହାଲିଙ୍ଗସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ସନସାଇନ ସ୍କୁଲ ଅଧକ୍ଷା ୨୪ ବର୍ଷୀୟା ମମିତା ମେହେର ହତ୍ୟାକାଣ୍ଡ ଘଟଣା ସାମ୍ନାକୁ ଆସିଛି । ଏହି ଅମାନବୀୟ ଘଟଣାର ଅଭିଯୁକ୍ତଙ୍କ ସହ ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସଂପର୍କ ପ୍ରସଙ୍ଗରେ ବହୁ ତଥ୍ୟ ମଧ ସାମ୍ନାକୁ ଆସିଛି । ଏହି ସଂପର୍କ କାରଣରୁ ଗିରଫ ହୋଇଥିବା ଘଟଣାର ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ମନ୍ତ୍ରୀ ଶ୍ରୀ ମିଶ୍ର ଷଡଯନ୍ତ୍ର କରି ସମସ୍ତ ତଥ୍ୟ ଓ ପ୍ରମାଣ ନଷ୍ଟ କରିବାରେ ସହଯୋଗ କରିଥିଲେ । ଏହି ଜଘନ୍ୟ ହତ୍ୟାକାଣ୍ଡକୁ ବିଜେପି ମହିଳା ମୋର୍ଚ୍ଚା ତରଫରୁ ଦୃଢ ନିନ୍ଦା କରାଯାଉଛି ବୋଲି କହିବା ସହ ଏହି ଘଟଣାରେ ସଂପୃକ୍ତିର ଅଭିଯୋଗ ଥିବା ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ତୁରନ୍ତ ବହିଷ୍କାର କରିବାକୁ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷା ଶ୍ରୀମତୀ ଭାନଥୀ ଶ୍ରୀନିବାସନ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଦାବୀ କରିଛନ୍ତି । ଗତ ୮ ତାରିଖରୁ ନିଖୋଜ ଥିବା ସଂପର୍କରେ ମମିତା ମେହେରଙ୍କ ପରିବାର ତରଫରୁ ଥାନାରେ ଏଫଆଇଆର ରୁଜୁ ହୋଇଥିଲେ ସୁଦ୍ଧା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା । ବହୁ ଚାପ କାରଣରୁ ଶ୍ରୀ ସାହୁଙ୍କୁ ଗିରଫ କରାଯାଇଥିଲା । ମାତ୍ର ଗିଫର ୪ ଦିନ ପରେ ଶ୍ରୀ ସାହୁ ପୋଲିସ ବ୍ୟାରେକରୁ ଚଂପଟ ମାରିଥିଲେ । ଏହା ପରେ ମୃତ ମମିତାଙ୍କ ମୃତ ଶରୀର ଅର୍ଦ୍ଧ ପୋଡା ଅବସ୍ଥାରେ ମାଟି ତଳୁ ଉଦ୍ଧାର କରାଯାଇଥିଲା । ସ୍କୁଲରେ ଅଧୟନ କରୁଥିବା ଛାତ୍ରୀମାନଙ୍କୁ ପରୀକ୍ଷାରେ ମାର୍କର ଭୟ ଦେଖାଇ ଅଭିଯୁକ୍ତ ଶ୍ରୀ ସାହୁ ସେକ୍ସ ରାକେଟ ଚଳାଉଥିବାର ସଂଗୀନ ଅଭିଯୋଗ ମଧ ସାମ୍ନାକୁ ଆସିଛି ।

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍‌ରେ ଦେଶୀୟ ଜ୍ଞାନକୌଶଳ: ଜନଜାତିଙ୍କର ଖାଦ୍ୟସଂଗ୍ରହ ପଦ୍ଧତି

ଭୁବନେଶ୍ୱର,୨୪/୧୦ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଖୋଲି ଅକ୍ଟୋବର ୨୪ ତାରିଖ ଦିନ ଓଡ଼ିଶାର ଜନଜାତି ସଂପ୍ରଦାୟଙ୍କର ଦେଶୀୟ ଜ୍ଞାନକୌଶଳରେ ଖାଦ୍ୟସଂଗ୍ରହ ପଦ୍ଧତି ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର(ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଓଡ଼ିଶାରେ ବିବିଧ ଜନଜାତି ସଂପ୍ରଦାୟ ବସବାସ କରିଥାନ୍ତି । ଘଂଚ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଜନଜାତି ସଂପ୍ରଦାୟ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ମେଂଟାଇବା ନିମନ୍ତେ ସେହି ପରିବେଶରେ ମିଳୁଥିବା ପ୍ରାକୃତିକ ସଂପଦ ଉପରେ ନିର୍ଭର କରିଥାନ୍ତି । ସେମାନେ କୃଷିକୁ ଜୀବିକା ଭାବେ ଗ୍ରହଣ କରିଥାନ୍ତି । ଜନଜାତିମାନେ ବିଭିନ୍ନ ପ୍ରକାରର କୃଷି ପଦ୍ଧତିକୁ ଆପଣେଇଥାନ୍ତି । ପୋଡୁଚାଷ ସହିତ ଉଦ୍ୟାନକୃଷି, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ଶିକାର ଓ ମାଛ ଧରିବାକୁ ସେମାନେ ବୃତି ଭାବେ ଗ୍ରହଣ କରିଥାନ୍ତି । ବିଭିନ୍ନ ପ୍ରକାରର ଜଙ୍ଗଲଜାତ ଫଳ, ପତ୍ର, ଖାଦ୍ୟ ଉପଯୋଗୀ ଫୁଲ, କୀଟ, ଛତୁ ଓ ଆଳୁକୁ ଜନଜାତିମାନେ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି । ବିଭିନ୍ନ ପ୍ରକାରର ଜଙ୍ଗଲୀ ମୂଳ ଓ ଆଳୁ ରହିଛି । ସେଗୁଡ଼ିକ ମଧ୍ୟରୁ କେତେକ ମାଟିର ଉପରି ଭାଗରେ ଏବଂ ଆଉ କେତେକ ମାଟି ତଳୁ ଖୋଳା ଯାଇ ସଂଗ୍ରହ କରାଯାଇଥାଏ । ଜନଜାତିମାନେ ଜଙ୍ଗଲରୁ ସଂଗ୍ରହ କରୁଥିବା ଜଙ୍ଗଲୀ ମୂଳ ଓ ଆଳୁ ଅତ୍ୟନ୍ତ ପୁଷ୍ଟିକର ଅଟେ । ଜନଜାତି ସଂପ୍ରଦାୟ ଏହାକୁ ନିଆଁରେ ଭାଜି, ସିଝାଇ କିମ୍ବା ତରକାରି ରୂପେ ପ୍ରସ୍ତୁତ କରିଥାନ୍ତି ।

# ଭଗବତୀ ପାଣିଗ୍ରାହୀଙ୍କ ସ୍ମୃତି ସମାରୋହ

ଭୁବନେଶ୍ୱର,୨୪/୧୦ (ନି.ପ୍ର): ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ଭଗୀରଥ, କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ସମ୍ପାଦକ ତଥା ଓଡ଼ିଆ ସାହିତ୍ୟରେ ମାର୍କ୍ସବାଦୀ ଚିନ୍ତାଧାରାର ଆଦ୍ୟ ପ୍ରବର୍ତକ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୭୮ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଆଜି ସନ୍ଧ୍ୟାରେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନ ଠାରେ ପାଳିତ ହୋଇଯାଇଛି । ବରିଷ୍ଠ ସିପିଆଇ ନେତା ଦିବାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସମାରୋହରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା, ସିପିଆଇ(ଏମ) ନେତା ସୁରେଶ ପାଣିଗ୍ରାହୀ ଓ ସି ପି ଆ ଇ (ଏ ମ . ଏ ଲ .) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ– ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ ଯଥାକ୍ରମେ ଓଡ଼ିଆ ଜାତୀୟତା ଓ ମହାଭାରତୀୟ ଜାତୀୟତାର ଧାରାକୁ ଓଡ଼ିଶାରେ ପ୍ରବାହିତ କରିଥିବାବେଳେ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀ ତାଙ୍କର ଦୁଇ ସହଯୋଗୀ ପ୍ରାଣନାଥ ପଟ୍ଟନାୟକ ଓ ଗୁରୁଚରଣ ପଟ୍ଟନାୟକଙ୍କ ସହ ମିଶି ୧୯୩୬ ମସିହାରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରି ଶ୍ରେଣୀହୀନ ଓ ଶୋଷଣହୀନ ସମାଜ ଗଠନର ଆନ୍ତର୍ଜାତୀୟତାବାଦର ମନ୍ଦାକିନୀ ଧାରାକୁ ଓଡ଼ିଶା ମାଟିରେ ପ୍ରବାହିତ କରିଥିଲେ ଏବଂ ଏହି ସାମ୍ୟବାଦୀ ସମାଜ ହିଁ ହେଉଛି ମାନବ ଜାତିର ଭବିଷ୍ୟତ ଯାହାକୁ କେହି ଅନ୍ୟଥା କରିପାରିବ ନାହିଁ । ସେମାନେ କହିଥିଲେ– ଯେଉଁ ସାମ୍ପ୍ରଦାୟିକତାବାଦୀ ମାନେ ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ ନ କରି ଧର୍ମ ଭିତିରେ ଦେଶ ବିଭାଜନ ପାଇଁ ଇଂରେଜ ସରକାରକୁ ସହଯୋଗ କରିଥିଲେ, ସେମାନେ ଆଜି କେନ୍ଦ୍ର କ୍ଷମତାକୁ ଦଖଲ କରି ଧର୍ମୀୟ ମୌଳବାଦ, ସାମ୍ପ୍ରଦାୟିକତା ଓ ଅସହିଷ୍ଣୁତାର ବିଷମଞ୍ଜି ବୁଣି ମହାନ୍ ଭାରତୀୟ ସମାଜର ଏକତା ଓ ଧର୍ମ ନିରପେକ୍ଷତାକୁ ବିପନ୍ନ କରୁଥିବାବେଳେ, ସଂସଦୀୟ ଗଣତନ୍ତ୍ର ଉପରେ ଆକ୍ରମଣ ଚଳାଇଛନ୍ତି । ସଂସଦୀୟ ନୀତି ନିୟମକୁ ପାଦରେ ଦଳିଦେଇ ସେମାନେ କୃଷି ଓ କୃଷକ ବିରୋଧୀ କଳା ଆଇନ ଏବଂ ଶ୍ରମିକ ବିରୋଧୀ ଲେବର କୋଡ୍‌କୁ ପାର୍ଲାମେଣ୍ଟରେ ପାଶ୍ କରାଇଛନ୍ତି । ଦେଶର ସମ୍ପତି ରାଷ୍ଟ୍ରାୟତ ଉଦ୍ୟୋଗକୁ ପୁଞ୍ଜିପତିମାନଙ୍କ ହାତରେ ଟେକି ଦିଆଯାଉଥିବାବେଳେ ପ୍ରତିରକ୍ଷା ଶିଳ୍ପର ମଧ ଘରୋଇକରଣ କରାଯାଉଛି । ଏହା ବିରୋଧରେ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ସଂଗ୍ରାମ ଚଳାଇବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ । ଏହି ସମାରୋହରେ ରାଜ୍ୟ ସହସମ୍ପାଦକ ପ୍ରଶାନ୍ତ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଭୁବନେଶ୍ୱର ଜୋନ୍ ସମ୍ପାଦକ ସୁର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ 'ନୂଆଦୁନିଆ'ର ଭଗବତୀ ବିଶେଷାଙ୍କକୁ ଉନ୍ମୋଚିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନୂଆଦୁନିଆର ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ, ବିଶ୍ୱ ଶିକ୍ଷକ ସଂଘର ସଭାପତି ଡ. ଅମୀୟ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# କେନ୍ଦ୍ରରେ ବଜେପି ଜନତାଙ୍କ ପାଇଁ ଦୁଃଖ !

## ଶାନ୍ତ ମୟୂରଭଞ୍ଜକୁ ଅଶାନ୍ତ କରୁଛି ବିଜେପି : ବିଜେଡି




ବାରିପଦା, ୨୪/୧୦(ନିପ୍ର): ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଗତ ୨୨ ତାରିଖରେ ମୟୂରଭଞ୍ଜବାସୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ନିମନ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ପାଇଁ ଆସିଥିବା ସମୟରେ ଭାରତୀୟ ଜନତା ପାର୍ଟି ତରଫରୁ ଯେଭଳି କଳାପତାକା ଦେଖାଇବା ପାଇଁ ଉଦ୍ୟମ କରାଗଲା ତାହାକୁ ଜିଲ୍ଲା ବିଜୁ ଜନତା ଦଳ ତୀବ୍ର ଭର୍ତ୍ସନା କରିଛି। ବିଭିନ୍ନ ପ୍ରସଙ୍ଗରେ ରବିବାର ସନ୍ଧ୍ୟା ସମୟରେ ହୋଟେଲ ଅମ୍ବିକା ଠାରେ ପ୍ରେସ ମିଟ ମାଧ୍ୟମରେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ସହିତ ରାଜ୍ୟ ମୁଖପାତ୍ର ଅନୁଭବ ପଟ୍ଟନାୟକ, ପ୍ରିୟବ୍ରତ ମାଝି, ବିଜେଡି ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଜନ୍ମଜୟ ଲେଙ୍କା, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ରାଜ୍ୟ ସାଧାରଣ ସମ୍ପାଦକ ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା ଉପସ୍ଥିତ ଥିଲେ। ତେବେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ୬ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରକୁ ସ୍ୱାସ୍ଥ୍ୟ ସୁରକ୍ଷା ଦେବା ପାଇଁ ୧୦ ଲକ୍ଷ ଟଙ୍କାର ସାସ୍ଥ୍ୟ ବୀମା କାର୍ଡ ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ସ୍ୱାସ୍ଥ୍ୟ ବୀମା କାର୍ଡ ବଳରେ ପରିବାରର ସମସ୍ତ ସଦସ୍ୟ/ସଦସ୍ୟ ବିଭିନ୍ନ ବେସରକାରୀ ହସପିଟାଲ, ନର୍ସିଂ ହୋମରେ ମାଗଣା ଚିକିତ୍ସାର ସୁବିଧା ପାଇପାରିବେ। ଏତତ୍ ବ୍ୟତୀତ ମାନ୍ୟବର ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କ ଉନ୍ନତି ନିମନ୍ତେ ପ୍ରାୟ ୨ ହଜାରରୁ ଉର୍ଦ୍ଧ କୋଟି ଟଙ୍କାର ସାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଗମନାଗମନ ତଥା ଅନ୍ୟାନ୍ୟ ସୁବିଧା ନିମନ୍ତେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରି ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ ଏଭଳି ଏକ ଜନହିତକର କାର୍ଯ୍ୟ ନିମନ୍ତେ ମୁଖ୍ୟମନ୍ତ୍ରୀ ଜିଲ୍ଲାକୁ ଆସିଥିବା ବେଳେ ବିଜେପି ଦଳ ଏହାକୁ ବିରୋଧ କରିବା ଜିଲ୍ଲାବାସୀଙ୍କ ନିମନ୍ତେ ଅପମାନ ଅଟେ। ଏବଂ ବିରୋଧ ପ୍ରଦର୍ଶନ କରିବା ନିମନ୍ତେ ଭାରତୀୟ ଜନତାପାର୍ଟି ଜିଲ୍ଲା ବାହାରର ଦଳୀୟ କର୍ମକର୍ତ୍ତାଙ୍କୁ ଆଣି ପ୍ରଦର୍ଶନ କରିବା ଅତ୍ୟନ୍ତ ଲଜ୍ଜାକର ବିଷୟ। ଶାନ୍ତ ମୟୂରଭଞ୍ଜ ଜିଲ୍ଲାକୁ ବାହାରର ଗୁଣ୍ଡା ଆଣି ଅଶାନ୍ତ କରିବାକୁ ମୟୂରଭଞ୍ଜବାସୀ କେବେ ଗ୍ରହଣ କରିବେ ନାହିଁ। ଅତୀତରେ ଫାଇଲିନ, ଫନି, ୟଶ ବାତ୍ୟା ସମୟରେ ବିଜେଡି ଦଳ ମୟୂରଭଞ୍ଜବାସୀଙ୍କ ପଛରେ ଛିଡା ହୋଇଥିବା ବେଳେ ଭାରତୀୟ ଜନତା ପାର୍ଟିର ନେତା ଓ କର୍ମୀଙ୍କ ଦର୍ଶନ ସାଧାରଣ ଜନତା କରିପାରି ନ ଥିଲେ। କେନ୍ଦ୍ରରେ ବିଜେପି ଦଳ କ୍ଷମତାକୁ ଆସିବାର ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ହୋଇଯାଇଥିଲେ ମଧ୍ୟ ମୟୂରଭଞ୍ଜବାସୀଙ୍କ ନିମନ୍ତେ କେତୋଟି ପ୍ରକଳ୍ପ ଆଣିପାରିଛନ୍ତି ବୋଲି ପ୍ରଶ୍ନ କରିଛି ବିଜେଡି। କେନ୍ଦ୍ରୀୟ ଯୋଜନାରେ ଜିଲ୍ଲାର ବିକାଶ ନିମନ୍ତେ ଏ ପର୍ଯ୍ୟନ୍ତ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟ ମଧ୍ୟ କରାଯାଇ ନାହିଁ। ରେଳବାଇ କ୍ଷେତ୍ରରେ କେନ୍ଦ୍ର ସରକାର ମୟୂରଭଞ୍ଜକୁ କ୍ରମାଗତ ଭାବେ ଅବହେଳା କରିଚାଲିଛନ୍ତି। ଆଜିର ସମୟରେ ପେଟ୍ରୋଲ, ଡିଜେଲ ଦର ଶହେ ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ରନ୍ଧନ ଗ୍ୟାସର ଦର ଏକ ହଜାର ଟଙ୍କାରେ ପହଞ୍ଚିବାକୁ ବସିଛି। ଖାଉଟୀ ଦ୍ରବ୍ୟର ଦର ହୁ ହୁ ହୋଇ ବଢି ଚାଲିଥିବା ବେଳେ କେନ୍ଦ୍ରର ବିଜେପି ସରକାର ହାତ ଟେକି ଦେଇ ସାଧାରଣ ଜନତାକୁ ଦୁଃଖ ଦୁର୍ଦ୍ଦଶାକୁ ଠେଲି ଦେଇଛନ୍ତି। ଦେଶରେ ଏଭଳି ଅଭାବନୀୟ ଦୁର୍ଦ୍ଦଷା ଆଗରୁ କେବେ ଦେଖାଯାଇ ନ ଥିଲା। ଏଭଳି ପରିସ୍ଥିତିରେ ସାଧାରଣ ଜନତାଙ୍କ ଦୃଷ୍ଟିକୁ ଅନ୍ୟ ଆଡକୁ ନେବା ପାଇଁ ବିଜେପି ଦଳ ଜିଲ୍ଲାବାହାର ବ୍ୟକ୍ତିମାନଙ୍କୁ ଆଣି ଜିଲ୍ଲାରେ ଶାନ୍ତର ବାତାବରଣକୁ ଅଶାନ୍ତ କରିବାକୁ ହୀନ ପ୍ରୟାସ କରୁଅଛି। ଅତୀତରେ ଜିଲ୍ଲାର ବିଭିନ୍ନ କେନ୍ଦ୍ରରେ ରାଜ୍ୟ ସରକାର ଜିଲ୍ଲାବାସୀଙ୍କୁ କରୋନା ଦାଉରୁ ରକ୍ଷା କରିବା ନିମନ୍ତେ ଟୀକା ଦେବାର ବ୍ୟବସ୍ଥା କରିଥିବା ବେଳେ ଉକ୍ତ କେନ୍ଦ୍ରରେ ଭାରତୀୟ ଜନତା ପାର୍ଟିର ନେତାମାନେ ଅନୁପ୍ରବେଶ କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ଅସମ୍ମାନ, ଜିଲ୍ଲାର ଏକମାତ୍ର କେନ୍ଦ୍ର ମନ୍ତ୍ରୀଙ୍କ ମାନ୍ୟବର ମୁଖ୍ୟମନ୍ତ୍ରୀ, ପ୍ରଶାସନିକ ଅଧିକାରୀମାନଙ୍କ ବିରୁଦ୍ଧରେ ଅପମାନ ସୂଚୀନ ମନ୍ତବ୍ୟ ଦେବା ବେଳେ ବିଜୁ ଜନତା ଦଳର କର୍ମୀମାନେ କେବେବି ଏଭଳି ଅଶୋଭନୀୟ, ହୀନ ଆଚାରଣ କରିନାହାନ୍ତି ମାତ୍ର ବିଜେପି ଜିଲ୍ଲା ବାହାରର ଲୋକଙ୍କୁ ଆଣି ଆଇନଭଙ୍ଗ କରି ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବ୍ୟାରିକେଡକୁ ଭାଙ୍ଗି ଏଭଳି ଆଚରଣ କରିବାକୁ ବିଜୁ ଜନତା ଦଳ ନିଶ୍ଚିତ ଭାବେ ପ୍ରତିବାଦ କରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ମାମଲାରେ....

ଫଟୋ ଆରୟନଙ୍କ ସହ ଭାଇରାଲ ହୋଇଥିଲା । ପ୍ରଭାକର ସୈଲଙ୍କ କହିବା ମୁତାବକ, ସେ ଏନସିବି ଅଫିସରେ ଥିବାବେଳେ କେପି ଗୋସାବି ଏବଂ ସୈମ୍ ଡିସୁଜା ନାମକ କୌଣସି ବ୍ୟକ୍ତିଙ୍କ ମଧ୍ୟରେ ଫୋନରେ ଆଲୋଚନା ହୋଇଥିଲା । ଏଥିରେ ଦୁହିଁଙ୍କ ମଧ୍ୟରେ ୧୮ କୋଟି ଟଙ୍କାକୁ ନେଇ ଡିଲ ହୋଇଥିଲା । ଏଥିରୁ ୮ କୋଟି ଟଙ୍କା ସମୀର ଓ୍ୱାଙ୍ଖଡେଙ୍କୁ ଦିଆଯିବାର ଥିଲା । ସୈଲ ଏହା ମଧ୍ୟ କହିଛନ୍ତି ଯେ, କେପି ଗୋସାବିଙ୍କ ଠାରୁ ଟଙ୍କା ନେଇ ଡିସୁଜାଙ୍କ ପାଖରେ ସେ ହିଁ ପହଞ୍ଚାଇଥିଲେ । ଏସବୁ ମନ୍ତବ୍ୟକୁ ନେଇ ସେ ଏକ ହଲପନାମା ଜାରି କରିଛନ୍ତି । ଏବେ କେପି ଗୋସାବିଙ୍କ ଜୀବନକୁ ବିପଦ ଥିବାବେଳେ ସେ ନିଖୋଜ ଥିବା ମଧ୍ୟ କହିଛନ୍ତି ପ୍ରଭାକର ସୈଲ । ଅନ୍ୟପଟେ ଏସବୁ ଅଭିଯୋଗ ଭିତ୍ତିହୀନ ବୋଲି ଏନସିବି ପକ୍ଷରୁ କୁହାଯାଇଛି । ଏନସିବି ଅଫିସରେ ସିସିଟିଭି ଫୁଟେଜରେ ସବୁ ଚିତ୍ର କଏଦ ଅଛି । ତେଣୁ ଏସବୁ ଅଭିଯୋଗର ପ୍ରମାଣ ସେଥିରେ ଅଛି କି ନାହିଁ ଯାଞ୍ଚ କରାଯାଉ । ଏନସିବି ଭଳି ଏକ ନୀରପେକ୍ଷ ବିଭାଗକୁ ବଦନାମ କରିବାକୁ ଏହା ଏକ ଚାଲ । ଏହା ପୂର୍ବରୁ ବି ବଲିଉଡରୁ ଆରମ୍ଭ କରି ନେତା ମନ୍ତ୍ରୀଙ୍କ ସ୍ତରରେ ଏନସିବିକୁ ନିନ୍ଦା କରାଯାଇ ଅନେକ ଅସମ୍ଭବ ଅଭିଯୋଗ ଆସିଛି ବୋଲି ଏନସିବି ଅଧିକାରୀ ସମୀର ଓ୍ୱାଙ୍ଖଡେ କହିଛନ୍ତି । ତେବେ ପ୍ରଭାକର ସୈଲଙ୍କ ହଲପନାମାକୁ ଏନଡିପିଏସ୍ କୋର୍ଟରେ ପହଞ୍ଚାଯିବ । ସେଠାରେ ଏନସିବି ମଧ୍ୟ ନିଜର ପ୍ରତିକ୍ରିୟା ରଖିବ ବୋଲି ସୂଚନା ରହିଛି ।

### ସାମ୍ନାକୁ ଆସିଲା ଗୋବିନ୍ଦର....

ଏହି ସାଂଘାତିକ ଘଟଣାର ପୂରା କାହାଣୀ ଜାଣିଲେ ଯେକୌଣସି ଲୋକର ଲୋମ ଟାଙ୍କୁରି ଉଠିବ । ଆଉ ମମିତା ମେହେରା ହତ୍ୟାକାଣ୍ଡର ଅଭିଯୁକ୍ତ ଗୋବିନ୍ଦ ସାହୁର କୁକର୍ମର କଳାଚିଠା ସାମ୍ନାକୁ ଆସିଯିବ । ପଂଚାୟତ ନିର୍ବାଚନରେ ଗୋବିନ୍ଦ ସାହୁଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ହରାଇ ସମିତି ସଭ୍ୟ ଭାବେ ବିଜୟୀ ହୋଇଥିଲେ ମୋତିଲାଲଙ୍କ ଭାଇ । ଏହି ପରାଜୟରେ ଉତକ୍ଷିପ୍ତ ହୋଇ ପଂଚାୟତ ସମିତି ଷ୍ଟ୍ରଙ୍ଗରୁମରେ ଥିବା ଭୋଟ୍ ବାକ୍ସକୁ ପେଟ୍ରୋଲ ଢାଳି ପୋଡି ଦେଇଥିଲା ଗୋବିନ୍ଦ । ଦ୍ୱିତୀୟ ଥର ତା' ସମର୍ଥିତ ପ୍ରାର୍ଥୀ ପୁଣି ହାରିଯିବାରୁ ଗୋବିନ୍ଦର ରାଗ ପଂଚମକୁ ଉଠି ଯାଇଥିଲା । ମୋତିଲାଲଙ୍କ କୁନିଝିଅ ଉପରେ ରାଗ ସୁଝାଇଥିଲା ଏହି ନରରାକ୍ଷସ । ଟାକ୍ଟର ଚଢ଼ାଇ ଅତି ନିର୍ମମ ଭାବେ ରାଜେଶ୍ୱରୀକୁ ମାରି ଦେଇଥିଲା । ଛୋଟ ଛୋଟ ଠିକାଦାରୀରୁ କାମ ଆରମ୍ଭ କରିଥିଲେ ବି ଗୁଣ୍ଡାବାହିନୀ ଗଢ଼ି ସ୍ଥାନୀୟ ଅଂଚଳରେ ଆତଙ୍କରାଜ ଚଳାଇଥିଲା ଗୋବିନ୍ଦ । ପୁଲିସ ଓ ପ୍ରଶାସନକୁ ବି ନିଜ ଅକ୍ତିଆରରେ ରଖି ଗଢ଼ିଥିଲା ପାପାର ବିଶାଳ ସାମ୍ରାଜ୍ୟ । ରାଜେଶ୍ୱରୀଙ୍କ ମୃତ୍ୟୁକୁ ନେଇ କେଗାଁ ଥାନାରେ ଏତଲା ଦିଆଯାଇଥିଲା । ଶହ ଶହ ଲୋକ ଥାନା ଘେରାଉ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ହେଲେ ସମସ୍ତଙ୍କୁ ପ୍ରଭାବିତ କରି ଘଟଣାକୁ ବାଏଁ ବାଏଁ ଉଡାଇ ଦେଇଥିଲା ଗୋବିନ୍ଦ । ଦୁଇ ଦଶନ୍ଧୀରୁ ଅଧିକ ଦିନ ଧରି ଲମ୍ବିଛି ଗୋବିନ୍ଦର ପାପକର୍ମର କଳାଚିଠା । ମମିତାଙ୍କ ହତ୍ୟାକାଣ୍ଡ ସାମନାକୁ ଆସିବା ପରେ ଧୀରେ ଧୀରେ ଖୋଲିବାରେ ଲାଗିଛି ତାର କଳାକାହାଣୀ ।

### ଦିବ୍ୟଶଙ୍କର ମିଶ୍ର ମନ୍ତ୍ରିମଣ୍ଡଳରୁ ....

ଏଥିପାଇଁ ନବରଙ୍ଗପୁର ସହରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଜୋରଦାର ପ୍ରସ୍ତୁତି ହୋଇଥିଲା । ସେ କେଉଁ ଦଳରେ ମିଶିବେ ଏପର୍ଯ୍ୟନ୍ତ ସ୍ୱଷ୍ଟ ହୋଇନଥିବା ବେଳେ, ବିଜେଡି ଯୋଗ ଦେବା ନେଇ ଚର୍ଚ୍ଚା ହେଉଛି । ଗତ କିଛି ଦିନ ଧରି ଜିଲ୍ଲା କଂଗ୍ରେସର ବିଭିନ୍ନ ପଦପଦବୀରେ ଥିବା ନେତା କଂଗ୍ରେସରୁ ଇସ୍ତଫା ଦେଇଥିଲେ । ସେହି ଅନୁଗତ ସମର୍ଥକଙ୍କୁ ନେଇ ନିଜ ଭବିଷ୍ୟତ ରାଜନୈତିକ କାର୍ଯ୍ୟପନ୍ଥା ସମ୍ପର୍କରେ ମଧ୍ୟ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଅନେକ ସମର୍ଥକ ଏଥିରେ ଉପସ୍ଥିତ ରହିବେ ।

### ରଜନୀକାନ୍ତ ପାଇବେ....

ସେ ପୁରସ୍କାର ପାଇବା ଦେଖି ତାଙ୍କ ପରାମର୍ଶଦାତା କେ ବାଲାଚାନ୍ଦ ଜୀବିତ ନାହାନ୍ତି ବୋଲି ସେ ଦୁଃଖ ପ୍ରକାଶ କରିଛନ୍ତି । ସୋମବାର ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ପୁରସ୍କାର କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ରଜନୀକାନ୍ତ କହିଛନ୍ତି । ରଜନୀକାନ୍ତ ଦେଶର ଅନ୍ୟତମ ଲୋକପ୍ରିୟ ତାରକା । ସେ ଏହା ପୂର୍ବରୁ ୨୦୦୦ରେ ପଦ୍ମ ଭୂଷଣ ଏବଂ ୨୦୧୬ରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ଫିଲ୍ମ ଦୁିଆରେ ରଜନୀକାନ୍ତ ତାମିଲ ସିନେମାରେ ଅପୂର୍ବ ରଙ୍ଗଗଳରେ ପ୍ରଥମେ ପାଦ ରଖିଥିଲେ । ତାଙ୍କର ହିଟ୍ ଚଳଚ୍ଚିତ୍ର ଗୁଡ଼ିକ ହେଉଛି ବାଶା, ଶିବାଜୀ ଏବଂ ଏନ୍ଥିରନ୍ । ସେ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଥାଲାଇଭର (ନେତା) ଭାବରେ ଜଣାଶୁଣା ।

## ପ୍ରଧାନମନ୍ତ୍ରୀ ଆର.କେ ଲକ୍ଷ୍ମଣଙ୍କୁ ତାଙ୍କର ୧୦୦ ତମ ଜନ୍ମ ବାର୍ଷିକୀରେ ମନେ ପକାଇଲେ

ନୂଆଦିଲ୍ଲୀ,୨୪/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବ୍ୟଙ୍ଗ ଚିତ୍ରକର ଆର.କେ.ଲକ୍ଷ୍ମଣଙ୍କୁ ତାଙ୍କର ୧୦୦ ତମ ଜନ୍ମ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ୨୦୧୮ରେ "ଟାଇମଲେସ ଲକ୍ଷ୍ମଣ" ପୁସ୍ତକ ଉନ୍ମୋଚନ କରିବା ସମୟରେ ସେ ଦେଇଥିବା ଅଭିଭାଷଣକୁ ଶ୍ରୀ ମୋଦୀ ପ୍ରକାଶ କରିଥିଲେ । ଏକ ଟୁଇଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, "ତାଙ୍କର ୧୦୦ ତମ ଜନ୍ମ ବାର୍ଷିକୀରେ ବହୁମୁଖୀ ପ୍ରତିଭାଧାରୀ ଆର.କେ ଲକ୍ଷ୍ମଣଙ୍କୁ ମନେ ପକାଉଛି । ସେ ତାଙ୍କର ବ୍ୟଙ୍ଗଚିତ୍ର ମାଧ୍ୟମରେ ସେହି ସମୟର ସାମାଜିକ-ରାଜନୈତିକ ବାସ୍ତବତାକୁ ସୁନ୍ଦର ଭାବରେ ବଖାଣୁଥିଲେ । ୨୦୧୮ ରୁ ଏକ ଭାଷଣକୁ ମନେପଡେ, ଯେତେବେଳେ ମୁଁ "ଟାଇମଲେସ୍ ଲକ୍ଷ୍ମଣ" ପୁସ୍ତକକୁ ଉନ୍ମୋଚନ କରିଥିଲି ।"

## ଡାଇରିଆ ପ୍ରଭାବିତ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ

ନୀଳଗିରି,୨୪/୧୦ (ନି.ପ୍ର):- ନୀଳଗିରି ବ୍ଲକ କେ.ସି.ପୁର ପଞ୍ଚାୟତର ଟୁଲୁଙ୍ଗଡାବ ଗ୍ରାମରେ କିଛିଦିନ ପୂର୍ବରୁ ଝାଡ଼ାବାନ୍ତି ଆକ୍ରାନ୍ତରେ ୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରଶାସନ ପକ୍ଷରୁ ଏକ ମେଡିକାଲ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ବିଭିନ୍ନ ଉତ୍ସରୁ ଜଳ ସଂଗ୍ରହ କରି ପରୀକ୍ଷା ନିରୀକ୍ଷା ପାଇଁ ନମୁନା ନେଇଛନ୍ତି । ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱ ଦେଇ କଂଗ୍ରେସର ଟାଣୁଆ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲ୍ଲା ଯୁବକଂଗ୍ରେସ ସଭାପତି ରଂଜନ ଦାଶଙ୍କ ନେତୃତ୍ୱରେ ବଣସୀମା ପଞ୍ଚାୟତର ବିଭିନ୍ନ ଅଞ୍ଚଳରୁ କଂଗ୍ରେସର ଯୁବକମାନେ ଏକତ୍ରିତ ହୋଇ ଉକ୍ତ ଗ୍ରାମରେ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ପ୍ରତ୍ୟେକ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିବା ବେଳେ ଉକ୍ତ ଅଞ୍ଚଳର ଧନଜୀବନ ଯେପରି କ୍ଷତି ନ ଘଟେ ସେଥିପାଇଁ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିବେ ବୋଲି ରଂଜନ ଦାଶ ସୂଚନା ଦେଇଛନ୍ତି। ଏହି ବଣ୍ଟନ ଅବସରରେ ଶ୍ରୀନାଥ ସିଂ, ପ୍ରଭଞ୍ଜନ ନାୟକ,ମଳୟ ବେହେରା, ଜୟନ୍ତ ଦାଶ, ଅମରେନ୍ଦ୍ର ଦାଶପଟ୍ଟନାୟକ, ହରିଶ୍ଚନ୍ଦ୍ର ବେହେରା, ପ୍ରଣବ ରାଜ ପ୍ରମୁଖ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ଏକ୍ସ କ୍ୟାଡର ଶିକ୍ଷକଙ୍କ ଜୋନ ସ୍ତରୀୟ ବୈଠକ



ବାଲିଆପାଳ,୨୪/୧୦ (ନି.ପ୍ର): ବାଲିଆପାଳ ଗୁରୁ କୂଳ ଭବନରେ ରବିବାର ଅଣଆନୁଷ୍ଠାନିକ ଇଜିଏସ ଗଣ ଶିକ୍ଷକ ଏକ୍ସ କ୍ୟାଡର ଶିକ୍ଷକ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ଶିକ୍ଷକ ଅମୂଲ୍ୟ ବିଶ୍ୱାଳ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ସଂଘର ଗଙ୍ଗାନାରାୟଣ ପାଢୀ ଯୋଗ ଦେଇ ଏକ୍ସ କ୍ୟାଡର ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ସଓ ଦାବି ସଂପର୍କରେ ଆଲୋଚନା କରିଥିଲେ । ସକୁମାର ଦାସ,ବିକ୍ରମ କିଶୋରୀ ଗିରି,ଭଜହରି ବାରିକସ,ପୂର୍ଣ୍ଣଚନ୍ଦ୍ର ଦାସ,ସୁନିଲ କୁମାର ବେହେରା,ତନ୍ମୟ ସାମଲ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଦୀର୍ଘ ୨୫ରୁ ୩୦ ବର୍ଷ ଧରି ଏକ୍ସ କ୍ୟାଡର ଶିକ୍ଷକମାନେ ଶିକ୍ଷାଦାନ କରୁଥିବା ବେଳେ ସେମାନଙ୍କୁ ନିୟମିତ ଶିକ୍ଷକର ସୁବିଧା ସୁଯୋଗ ମଳୁନରନାହିଁ । ତେବେ ଆଗାମୀ ଦିନରେ ଏହି ସବୁ ଦାବି ହାସଲ ପାଇଁ ଏକ୍ସ କ୍ୟାଡର ଶିକ୍ଷକମାନେ ଆନ୍ଦୋଳନକୁ ଉହ୍ଲାଇବେ ବୋଲି ବୈଠକରେ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଏଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶିକ୍ଷା ଶାସନ ସଚିବ,ଶିକ୍ଷା ନିର୍ଦ୍ଦେଶକଙ୍କୁ ଜଣାଇଛନ୍ତି । ତେବେ ଅଦ୍ୟାବଧି କୌଣସି ପ୍ରତିକାର ନ ହେବା କ୍ଷୋଭର ବିଷୟ ବୋଲି ସେମାନେ ପ୍ରକାଶ କରିଛନ୍ତି । ସୁବୋଧ କୁମାର ପାଳ ଧନ୍ୟବାଦ ଦେଇଥିଲେ ।

## ସିପିଆଇ.(ଏମ)ର ସାମ୍ବାଦିକ ସମ୍ମିଳନୀ

ନୀଳଗିରି,୨୨/୧୦ (ନି.ପ୍ର): ଦଳ ଛାଡ଼ି ଉମାକାନ୍ତ ସ ବିଜେପିର ମିଶିଥିବା ନେଇ ଯେଉଁ ତଥ୍ୟ ରଖାଯାଇଛି ତାହା ମିଥ୍ୟା । ଉମାକାନ୍ତ ସ ଜଣେ ଅବସରପ୍ରାପ୍ତ କର୍ମଚାରୀ ଥିବା ବେଳେ ତାଙ୍କୁ ବିଜେପି ସି.ପି.ଆଇ.(ଏମ) ର ଆଖ୍ୟା ଦେଇଥିବା ନେଇ ନୀଳଗିରି ସି.ପି.ଆଇ.(ଏମ) ଆଞ୍ଚଳିକ କମିଟି ତୀବ୍ର ଅସନ୍ତୋଷ ଦେଖାଦେଇଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସ.ପି.ଆଇ.ଏମ. ର ନେତା ଯୋଗାନନ୍ଦ ଦାସ, ଜ୍ୟୋର୍ତିମୟ ରାଉତ, ବିଜୟ ପାତ୍ର, ପ୍ରମୁଖ ଏଭଳି ସୂଚନା ଦେଇଛନ୍ତି । ସେହିପରି ମମିତା ମେହେର ହତ୍ୟାକାଣ୍ଡରେ ଏ ପର୍ଯ୍ୟନ୍ତ ଗୃହରାଷ୍ଟ୍ରମନ୍ତ୍ରୀ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରେସମିଟରେ ଉତ୍ଥାପନ କରିଥିଲେ ।

## ହେରିଟେଜ୍ ରାଇଡ୍‌ର ଭାଗନେଲେ ଛାତ୍ର ଛାତ୍ରୀ

ପୁରୀ,୨୪/୧୦ (ନି.ପ୍ର): ପୁରୀ ସହରର ପ୍ରାଚୀନ ମଠ ମନ୍ଦିର ଏବଂ ଆଶ୍ରମ ସମ୍ପର୍କରେ ଆଗାମୀ ପିଢୀକୁ ତଥ୍ୟଭିତ୍ତିକ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ଇକୋ ଟୁରିଜିମ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଆରମ୍ଭ ହୋଇଛି 'ହେରିଟେଜ୍ ଓ୍ୱାକ୍ ଆଣ୍ଡ ରାଇଡ୍' । ଏହି କ୍ରମରେ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ୨୦ଜଣ ଛାତ୍ର ଛାତ୍ରୀ ଆଜି ନିଳାଦ୍ରୀ ବିଚ ଠାରୁ ବାହାରି ଶଙ୍କରାଚାର୍ଯ୍ୟ ମଠ, ତୋଟା ଗୋପୀନାଥ,ବାଉଳିମଠ ଓ ବିଦୁର ମଠ ପ୍ରଭୃତି ବୁଲି ଦେଖିଥିଲେ । ସିଦ୍ଧାର୍ଥ ଆଚାର୍ଯ୍ୟ ପିଲାମାନଙ୍କୁ ଉପରୋକ୍ତ ସ୍ଥାନ ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ । ଏଥିସହିତ ଇନରହୁଇଲ କ୍ଲବ ଓ ଇକୋ ଟୁରିଜିମ୍ ଫାଉଣ୍ଡେସନ ପକ୍ଷରୁ ଆଭା ବିରିଷ୍ଠନାଗରିକ ଆବାସର ୨୫ଜଣ ଅନ୍ତେବାସୀଙ୍କୁ ବଡ଼ ଓଡ଼ିଆମଠ, ଗଙ୍ଗାମାତାମଠ,ଶଙ୍କରେଶ୍ୱର ଓ ଓଁକାରେଶ୍ୱର ମନ୍ଦିର ପରିଦର୍ଶନର ବ୍ୟବସ୍ଥା କରାଯାଇଥିଲା । ଏଥିପାଇଁ ପ୍ରଶାସନ ପକ୍ଷରୁ ୪ଗୋଟି ଗଲ୍ଫ କାର୍ଟର ବ୍ୟବସ୍ଥା କରାଯାଇଥିଲା ।

## ଓବିସି ସଂଘ ର ସଚେତନତା ଶିବିର ଓ କାଯ୍ୟକାରିଣି ବୈଠକ

ଜୟପୁର,୨୪/୧୦ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ ପଛୁଆ ବର୍ଗର ସଚେତନତା ଶିବିର ସହ କାଯ୍ୟକାରିଣି ବୈଠକର ନିବାଚନ ଅନୁଷ୍ଠିତ ହୋଇଛି । ରାଜ୍ୟ ସ୍ତରିୟ ନେତା ଜଗଦିଶ ଯାଦବ ଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଛି । ନବ ନିବାଚିତ ସଭାପତି ମଦନ ମୋହନ ନାୟକ, ଉପ ସଭାପତି ପିତାମ୍ବର ମାଣିଆ, ସାଧାରଣ ସମ୍ପାଦକ ପରମେଶ୍ୱର ପାତ୍ର, ସହ ସମ୍ପାଦକ ବିରେନ ବିଷୋୟି, ମୁଖ୍ୟ ଉପଦେଷ୍ଟା ଚନ୍ଦ୍ର କାନ୍ତ ସୁତାର, ମୁଖ୍ୟସଙ୍ଗଠକ ଯୁଧିଷ୍ଠିର ରାଉଳ, ପ୍ରମୋଦ କୁମାର ମହାନ୍ତି, ରାଜେନ୍ଦ୍ର ଗୌଡ. ରାଜେଶ କୁମାର ଗୌଡ, ରବିନ୍ଦ୍ର ସାହୁ, ରାଜେନ୍ଦ୍ର ଜେନା, ସତ୍ୟ ନାରାୟଣ ବରାଳ, ସଂଗ୍ରାମ ଜେନା, ରାମ କୃଷ୍ଣ ସାହୁ ନିବାଚିତ ହୋଇଥିଲେ । ଏହି ବୈଠକରେ ପଛୁଆ ବର୍ଗର ବ୍ୟକ୍ତି ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ ।

## ପରିମଳ ଅଧିକାରୀ-ସଫେଇ କର୍ମଚାରୀ ବିବାଦ
## ଥାନା ଘେରାଓ କଲେ ମହିଳା ସଫେଇ କର୍ମଚାରୀ

ବାଲେଶ୍ୱର,୨୪/୧୦ (ନି.ପ୍ର): ବିନା କାରଣରେ ବାଲେଶ୍ୱର ପୌରପାଳିକା ପରିମଳ ଅଧିକାରୀଙ୍କ ଦ୍ୱାରା ଆକ୍ରୋଶର ଶିକାର ହୋଇଥିବା ମହିଳା ସଫେଇ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ମହିଳାମାନେ ରବିବାର ସହଦେବଖୁଣ୍ଟା ଥାନା ଘେରାଓ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ପୌରପାଳିକାର ଠିକା ସଫେଇ କର୍ମଚାରୀ ଭାବେ ଭାସ୍କରଗଞ୍ଜ ଅଞ୍ଚଳର ସ୍ୱର୍ଗତ ଶମ୍ଭୁ ନାୟକଙ୍କ ପତ୍ନୀ କୁସୁମ ନାୟକ ଗତ ୨୧ ତାରିଖ ଦିନ ରାସ୍ତା ସଫେଇ କରୁଥିବା ବେଳେ ପରମଳ ଅଧିକାରୀ ବିପ୍ଳବ କେଶରୀ ଦାସ ତାଙ୍କୁ ନାନା ପ୍ରକାର ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିବା ସେ ଆରୋପ ଉଠାଇଛନ୍ତି। ଏମିତିକି ଛୋଟ ଜାତି ବୋଲି କହି ଗାଳି ଦେଇଥିବା ସେ ଅଭଯୋଗ କରିଛନ୍ତି। ଘଟଣାର ତଦନ୍ତ ସହ ଅଭିଯୁକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କୁସୁମ ନାୟକ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଇତି ମଧ୍ୟରେ ୩ଦିନ ବିତି ଯାଇଥିଲେ ବି ଥାନାଧିକାରୀ ମାମଲା ରୁଜୁ ନ କରିବାରୁ ଶେଷରେ ମହିଳା ସଫେଇ କର୍ମଚାରୀମାନେ ଥାନା ଘେରାଓ କରିଥିବା କହିଥିଲେ। ଏନେଇ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ପଚାରିବାର ଅଭିଯୋଗର ସତ୍ୟତାକୁ ନେଇ ତଦନ୍ତ ସହ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ସୂଚନା ଦେଇଛନ୍ତି।

## ଖୁଣ୍ଟା ଡ଼ିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦ୍ୱାରା ପୂଜା ସ୍ୱତନ୍ତ୍ର ଶିବିର




ଉଦଳା,୨୪/୧୦ (ନି.ପ୍ର): ଚଳିତ ବର୍ଷ ଦୁର୍ଗାପୂଜା ଛୁଟି ସମୟରେ ଖୁଣ୍ଟା ଡ଼ିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଦ୍ୱାରା ଏକ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ଚଳିତ ଅକ୍ଟୋବର ୧୬ ତାରିଖ ଦିନ ପତାକା ଉତ୍ତୋଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ । ମୋଟ ୫୦ ଜଣ ଛାତ୍ର ଛାତ୍ରୀ ଏହି ଶିବିରରେ ଅଂଶ ଗ୍ରହଣ କରିଥିବା ବେଳେ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଗୋପା ସିଂ ଓ ତପନ କୁମାର ବାରିକ ଶିବିର ପରିଚାଳନା କରିଥିଲେ । ନିୟମିତ ପ୍ରଭାତରେ ଶିବିରାର୍ଥି ମାନେ ସର୍ବଧର୍ମ ପ୍ରାର୍ଥନା ବୋଲିବା ପରେ ଯୋଗ, ପ୍ରାଣାୟାମ ଅଭ୍ୟାସ କରୁଥିଲେ । ଏହା ସହିତ ମହାବିଦ୍ୟାଳୟ ପରିସର ଓ ଖୁଣ୍ଟା ବଜାରକୁ ପ୍ରତିଦିନ ସଫେଇ କରୁଥିଲେ । ଦିର୍ଘ ୧ ସପ୍ତାହ ଧରି ଚାଲିଥିବା ଏହି ଶିବିର ପରିଚାଳନାରେ ଯୁବରେଡ଼କ୍ରସ କାଉନ୍‌ସିଲର ଅଧାପକ ରଞ୍ଜନ କୁମାର ମହାପାତ୍ର ଓ କ୍ରୀଡ଼ା ଶିକ୍ଷକ କିଶୋରଚନ୍ଦ୍ର ଦାସ ସହଯୋଗ କରିଥିଲେ । ଲୋକଙ୍କୁ ମ୍ୟାଲେରିଆ, ଡ଼େଙ୍ଗୁ, ହଇଜା ଓ କରୋନାରୁ ରକ୍ଷା ପାଇବା ପାଇଁ ଆମକୁ କିପ୍ରକାର ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ସେ ବିଷୟରେ ଘରକୁ ଘର ବୁଲି ସଚେତନ କରାଉଥିଲେ । ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମନ କରିବା ପାଇଁ ଅଗ୍ନିଶମ ବିଭାଗ ତରଫରୁ ଶିବିରାର୍ଥି ମାନଙ୍କୁ ଉଦ୍ଧାର କାର୍ଯ୍ୟ ଓ ପ୍ରାଥମିକ ଚିକିତ୍ସା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ଏନ୍.ଏସ୍.ଏସ୍. ଜିଲ୍ଲା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଡ଼. ସ୍ମୃତିରଂଜନ ଦାସ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସ୍ୱେଚ୍ଛାସେବୀ ଜନ୍ମେଜୟ ଗିରି, ସ୍ୱେଚ୍ଛାସେବୀ ସଞ୍ଜିବ ଘୋଷ, ସୁକନ୍ୟା ବାନାର୍ଜି, ପ୍ରମୁଖ ବିଭିନ୍ନ ଦିବସ ମାନଙ୍କରେ ଯୋଗ ଦେଇ ଶିବିରାର୍ଥି ମାନଙ୍କୁ ଉତ୍ସାହିତ କରିଥିଲେ । ନିୟମିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ଅକ୍ଟୋବର ୨୨ ତାରିଖ ଦିନ ଶିବିରର ଉଦ୍‌ଯାପନୀ ଉତ୍ସବରେ ସମସ୍ତ ଶିବିରାର୍ଥି ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ପରଲୋକ



ପାରାଦୀପ,୨୪/୧୦ (ନି.ପ୍ର): ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଗୀତା ରାଣୀ ସିହ୍ନାଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୧ବର୍ଷ ବୟସ ହୋଇଥିଲା । ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ୍ ରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଶ୍ରୀମତୀ ସିହ୍ନା ଦୀର୍ଘ ୩୫ ବର୍ଷ ଧରି ଶିକ୍ଷକତା କରିବା ସହିତ ପ୍ରଧାନ ଶିକ୍ଷୟତ୍ରୀ ଭାବେ ୨୦୦୯ ମସିହାରେ ଅବସର ଗ୍ରହଣ କରିଥିଲେ । କଟକର ରୋଭର୍ସ ଷ୍ଟ୍ରିଟ୍‌ସ୍ଥିତ ବାସଭବନରେ ତାଙ୍କ ପରଲୋକ ସମୟରେ ଦୁଇ ପୁଅ ସତ୍ୟଜିତ୍ ଓ ପ୍ରସନ୍‌ଜିତ୍ ଓ ଦୁଇ ବୋହୂ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ । ତାଙ୍କର ଶୃଙ୍ଖଳିତ ଶିକ୍ଷାଦାନ ଶୈଳୀ ଯୋଗୁଁ ସେ ଛାତ୍ରଛାତ୍ରୀ, ଅଭିଭାବକ, ସହକର୍ମୀମାନଙ୍କ ନିକଟରେ ପ୍ରିୟଭାଜନ ହୋଇ ପାରିଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ପାରାଦୀପର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ପୁରାତନ ଛାତ୍ର ଚନ୍ଦ୍ରଶେଖର ଆଚାର୍ଯ୍ୟ, ସଂଜୟ ମଲ୍ଲ, ତୁଷାରକାନ୍ତ ଭୋଇ,ଭାନୁକର ମହାପାତ୍ର, ମୁରଲୀଧର ଦାଶ, ବାଦଲ ମହାପାତ୍ର,ନୃସିଂହ ଶତପଥି, ବ୍ରିଜେଶ ଲେଙ୍କା,ସାମ୍ବାଦିକ ରାମଚନ୍ଦ୍ର ସ୍ୱାଇଁ, ଶଶାଙ୍କ ଶେଖର ଆଚାର୍ଯ୍ୟ, ସଂଜୟ କୁମାର ମିଶ୍ର, ନାରାୟଣ ବେହେରା, ଆଦିତ୍ୟ ରଂଜନ ରାଉତରାୟ, ଜଗନ୍ନାଥ ଶତପଥି, ରବିନ୍ଦ୍ର କୁମାର ଜେନା,ମହେନ୍ଦ୍ର ପରିଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

ବାଲେଶ୍ୱର, ସୋମବାର, ୨୫ ଅକ୍ଟୋବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ସାବରମତୀର ପବିତ୍ର ସ୍ମୃତିସ୍ଥଳକୁ ସୌଖୀନ ପର୍ଯ୍ୟଟନ ସ୍ଥଳୀ କରା ନଯାଉ

ଭଦ୍ରକ,୨୪/୧୦ (ନି.ପ୍ର): ଭାରତର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସ୍ମାରକୀ ସାବରମତୀ ଆଶ୍ରମ। ସତ୍ୟ, ସାଧନା, ସଂକଳ୍ପ, ସତ୍ୟାଗ୍ରହ, ଶୃଙ୍ଖଳା ଆଧାରରେ ଗଢା ସତ୍ୟାଗ୍ରହ ଅସ୍ତ୍ରର ସଫଳ ପ୍ରୟୋଗଶାଳା ସାବରମତୀ ଆଶ୍ରମ କେବଳ ଆମ ଦେଶକୁ ନୁହେଁ, ବିଶ୍ୱକୁ ନୂତନ ସୂର୍ଯ୍ୟୋଦୟର ସୂଚନା ଦିଏ। ଗାନ୍ଧିଜୀ ଉକ୍ତ ଆଶ୍ରମ ପାଇଁ ୩୬ ଏକର ଜାଗା କ୍ରୟ କରି ଉକ୍ତ ଆଶ୍ରମ ନିର୍ମାଣ କରିଥିଲେ। ଆଶ୍ରମରେ ଥିବା କେଇ ବଖରା ଖପରଲି ମଧ୍ୟରେ ଗାନ୍ଧିଜୀଙ୍କ ସରଳ ଜୀବନ ଓ ଉଚ୍ଚ ଚିନ୍ତନ ମଧ୍ୟରେ ଚାଲିଥିଲା ସତ୍ୟର ପରଖ। ୟଙ୍ଗ ଇଣ୍ଡିଆ ଭଳି ସ୍ୱାଧୀନତା ସଂଗ୍ରାମ ଓ ସାଧାରଣ ଜନତାଙ୍କ ମୁଖପତ୍ର ପ୍ରକାଶିତ ହୋଇଥିଲା। ଦେଶ ବିଦେଶର ସତ୍ୟ ସନ୍ଧାନୀମାନେ ମାଟି କାଦୁଅ ଭରା ସାବରମତୀ ଆଶ୍ରମକୁ ସ୍ୱର୍ଗ ସମ ମଣୁଥିଲେ। ଏଇ ଆଶ୍ରମର ସ୍ପର୍ଶରେ ମିସ୍ ମେଡ଼ଲିନ୍ ସ୍ଲେଡ ସ୍ୱାଧୀନତା ସଂଗ୍ରାମୀ ମୀରା ବେନ୍‌ରେ ପରିଣତ ହୋଇଥିଲେ। ଏ ଆଶ୍ରମ ଦେଶକୁ ସର୍ଦ୍ଦାର ପଟେଲ, କୁମାରାପ୍ପା, ବିନୋବା ଭାବେ ଆଦି ବହୁ ମହାପୁରୁଷଙ୍କୁ ସୃଷ୍ଟି କରିଛି। ଏଇ ଆଶ୍ରମ ମାର୍ଟିନ ଲୁଥର କିଙ୍ଗ୍, ନେଲସନ୍ ମାଣ୍ଡେଲା, ବାରାକ ଓବାମା, ଡୋନାଲ୍ଡ଼ ଟ୍ରମ୍ପଙ୍କ ପରି ବହୁ ରାଷ୍ଟ୍ର ମୁଖ୍ୟ ଓ ରବିନ୍ଦ୍ର ନାଥ ଟାଗୋର, ମଦର ଟେରେସାଙ୍କ ଭଳି ଲକ୍ଷ ଲକ୍ଷ ବିଶିଷ୍ଟ ବ୍ୟକ୍ତିଙ୍କୁ ନିଜ ପାଖକୁ ଟାଣି ଆଣିଛି । ଆଜି ପର୍ଯ୍ୟନ୍ତ ବର୍ଷକୁ ହାରାହାରି ୭ ଲକ୍ଷ ପରିଦର୍ଶକ ଆସନ୍ତି। ଏଠିକାର ସଂଗ୍ରହାଳୟରେ ରହିଛି ୩୪,୧୧୭ ପୃଷ୍ଠାର ଗାନ୍ଧିଜୀଙ୍କ ମୂଳ ଚିଠି, ୮୭୮୧ ପୃଷ୍ଠାର ଗାନ୍ଧିଜୀଙ୍କ ହାତଲେଖା ପାଣ୍ଡୁଲିପି, ୬୦୦୦ରୁ ଅଧିକ ଫଟୋ ସମେତ ଅନେକ ତୈଳଚିତ୍ର, ଏକ ବଡ ପାଠାଗାର, ଗାନ୍ଧିଜୀଙ୍କ ବ୍ୟବହୃତ ବହୁ ସାମଗ୍ରୀ, ଓଡ଼ିଆ ସମେତ ୧୧ଟି ଭାଷାରେ ଗାନ୍ଧିଜୀଙ୍କ ଦସ୍ତଖତର ବିରଳ ପ୍ରଦର୍ଶନୀ। ଏହା ଗାନ୍ଧୀ ସାହିତ୍ୟ ଓ ବିଚାରର ପ୍ରଚାର ଓ ପ୍ରସାରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହା ଏକ ସୌଖୀନ ପର୍ଯ୍ୟଟନସ୍ଥଳୀ ନୁହେଁ, ବିଶ୍ୱବାସୀଙ୍କ ପାଇଁ ଏକ ଜୀବନ୍ତ କିମ୍ବଦନ୍ତୀ। ଏଠାରେ ଥିବା ଐତିହ୍ୟକୁ ଧ୍ୱଂସ କରି ତାହା ଉପରେ ୧୨୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଯେଉଁ ମେମୋରିଆଲ ପ୍ରୋଜେକ୍ଟ ନିର୍ମାଣ କରିବାକୁ ଚାହାନ୍ତି ତାହା ସାବରମତୀ ସନ୍ଥଙ୍କ ଦର୍ଶନ ବିରୋଧୀ ବୋଲି ଆଜି ଭଦ୍ରକ ଗାନ୍ଧୀ ପଡ଼ିଆ ଠାରେ ଅନୁଷ୍ଠିତ ମହାତ୍ମା ଗାନ୍ଧୀଙ୍କ ସାବରମତୀ ଆଶ୍ରମରେ ସରକାରଙ୍କ ହସ୍ତକ୍ଷେପ ବିରୋଧୀ ସଭାରେ ମତ ପ୍ରକାଶ ପାଇଛି।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଆନ୍ଦୋଳନ କରିବ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି



ବାଲେଶ୍ୱର,୨୪/୧୦ (ନି.ପ୍ର): ବାଲେଶ୍ୱର ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ସାଙ୍ଗକୁ ଫକୀରମୋହନ ଭେଷଜ ମହାବିଦ୍ୟାଳୟ ଡାକ୍ତରଖାନାରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ବିଶେଷଜ୍ଞ ଏବଂ ଏମ୍ସ ସେଟଲାଇଟ କେନ୍ଦ୍ର କାର୍ଯ୍ୟକ୍ଷମର ବିଳମ୍ବକୁ ନେଇ ମେଡିକାଲ କଲେଜ କ୍ରିୟାନୁଷ୍ଠାନ ବ୍ୟାପକ ଆନ୍ଦୋଳନ ପାଇଁ ଆୟୋଜିତ ସାଂଗଠନିକ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଛି। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ସାଂଗଠନିକ ସମ୍ମିଳନୀରେ କମିଟିର ସଭାପତି ମମତା ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ମଞ୍ଚ ଆହ୍ୱାନ ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। କ୍ରିୟାନୁଷ୍ଠାନ କମିଟିର ପ୍ରତିଷ୍ଠାତା ସଂପାଦକ ତଥା ଉପଦେଷ୍ଟା ଭଗବାନ ଚନ୍ଦ୍ର ରାଉତ, ପୂର୍ବତନ ସଭାପତି ପ୍ରଫେସର ଅନନ୍ତ କୁମାର ପ୍ରଧାନ ଓ ଭୁବନେଶ୍ୱର କମିଟିର କୋଷାଧ୍ୟକ୍ଷ ତଥା ଆଇନଜୀବୀ ନିଆସି ଚରଣ ଦାସ ସାଂଗଠନିକ ସମ୍ମିଳନୀର ସଫଳତା କାମନା କରି ଉପସ୍ଥିତମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲାର ବିଭିନ୍ନ ଆଞ୍ଚଳିକ କମିଟିରୁ ଦିଲୀପ ଗିରି, ବିଧାନ ଚନ୍ଦ୍ର ରାୟ, ନବକିଶୋର ଦାସ, ଚିତ୍ତରଞ୍ଜନ ଦାସ, ରାଧାକୃଷ୍ଣ ଜେନା, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ବଙ୍କବିହାରୀ ରାଉତ, କୁମୁଦ ରଞ୍ଜନ ଗିରି, ଯଶୋଦା ନନ୍ଦନ ଆସ, ସଚୀନ୍ଦ୍ର ଦାସ, ଜାମସେଦ ଅଲୀ ଖାଁ, ବନ୍ଦନା ପାଲ, ଦୁଷ୍ମନ୍ତ ଦାସ, ଜଗତାନନ୍ଦ ବିଶ୍ୱାଳ, ଇଂ. ବନମାଳୀ ନାୟକ, ମାୟାଧର ନାୟକ, ଡା. ସମାପିକା ପରିଡ଼ା, ଡ. କେଶବ ଚରଣ ପଣ୍ଡା, ଅପର୍ଣ୍ଣା କର, ପଦ୍ମଲୋଚନ ଦତ୍ତ ଓ ଅନୀଲ ପଟ୍ଟନାୟକ ପ୍ରମୁଖ ଏଥିରେ ଯୋଗଦେଇ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ବିଭିନ୍ନ ଡାକ୍ତରଖାନାରେ ବହୁ ଡାକ୍ତର ପଦ ଖାଲି ପଡ଼ିଥିବା ବେଳେ ହୃଦରୋଗ ଓ ସ୍ନାୟୁରୋଗ ଭଳି ଗୁରୁତର ରୋଗର ଚିକିତ୍ସା ପାଇଁ ବିଶେଷଜ୍ଞ ଡାକ୍ତର ନଥିବା ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଥିଲେ। ଅନ୍ୟପକ୍ଷରେ ଇକୋ କାର୍ଡ଼ିଓଲୋଜି ପରୀକ୍ଷଣ ଯନ୍ତ୍ରପାତି ନଥିବାରୁ କଟକ ଓ ଭୁବନେଶ୍ୱର ସ୍ଥାନାନ୍ତର ବେଳେ ବହୁ ରୋଗୀ ବାଟରେ ମୃତ୍ୟୁବରଣ କରୁଥିବା ଉପସ୍ଥିତ ସଦସ୍ୟ କହିଥିଲେ। ଏହି ସମସ୍ୟାର ସମାଧାନ ଦାବିରେ ଗତ ଏକବର୍ଷ ଧରି କ୍ରିୟାନୁଷ୍ଠାନ କମିଟି ଓ କେତେକ ସାମାଜିକ ସଂଗଠନ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମାତ୍ର ଫଳ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ସ୍ଥିତିକୁ ଆସିଛି ବୋଲି ଅନେକ ବକ୍ତା ସମ୍ମିଳନୀରେ ପ୍ରକାଶ କରିଥିଲେ। ଏନେଇ ଆସନ୍ତା ନଭେମ୍ବର ମାସରେ ସମସ୍ତ ବ୍ଲକ ଓ ପଞ୍ଚାୟତ ସ୍ତରରେ ଗଣଧାରଣା ଓ ଜିଲା ସ୍ତରରେ ଡିସେମ୍ବର ୨ୟ ସପ୍ତାହରେ ପ୍ରତିବାଦ କରାଯିବ। ଏଥି ସହିତ ଜିଲାର ସମସ୍ତ ବିଧାୟକ ଏବଂ ସାଂସଦଙ୍କୁ କମିଟି ତରଫରୁ ଦାବିପତ୍ର ପ୍ରଦାନ ପାଇଁ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା। ସେହିଭଳି ବିଧାନସଭାର ଶୀତକାଳୀନ ଅଧିବେଶନ ସମୟରେ ଭୁବନେଶ୍ୱରରେ ଗଣଧାରଣା ଓ ଆବଶ୍ୟକ ସ୍ଥଳେ 'ବାଲେଶ୍ୱର ବନ୍ଦ' ଭଳି ଚରମ ଆନ୍ଦୋଳନକୁ ଓହ୍ଲାଇବାକୁ ସମସ୍ତେ ମତ ଦେଇଛନ୍ତି। କମିଟିର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ଆସନ୍ତା କାର୍ଯ୍ୟକ୍ରମର ଖସଡ଼ା ଉପରେ ସୂଚନା ଦେଇଥିବା ବେଳେ ଉପସଭାପତି ପ୍ରଭାକର ସାହୁ ଦିବଂଗତ ସଦସ୍ୟ ସଦସ୍ୟାଙ୍କ ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ କରିଥିଲେ। ଉପ-ସଭାପତି ନିରଞ୍ଜନ ରାଉତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଭାରତୀ ପଣ୍ଡା, କାଞ୍ଚନବାଳା ପାତ୍ର, ସ୍ୱର୍ଣ୍ଣଲତା ସ୍ୱାଇଁ, ସୁକାନ୍ତି ଦେବଗୋସ୍ୱାମୀ, ପ୍ରମିତା ଦାସ, ପୁରସ୍ତମ ବେହେରା, ଶ୍ୟାମସୁନ୍ଦର ଜେନା ଓ ଭବେଶ ଚନ୍ଦ୍ର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

## ଆନସେବା ପ୍ରାଧିକରଣ ପକ୍ଷରୁ ଜାତିସଂଘ ଦିବସ ପାଳିତ

ପୁରୀ,୨୪/୧୦ (ନି.ପ୍ର): ଜାତୀୟ ଆଇନ୍‌ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇସେବା ପ୍ରାଧିକରଣ ପକ୍ଷରୁ ଜାତିସଂଘ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ଉତ୍କଳବାଳାଶ୍ରମରେ ବିଶ୍ୱଶାନ୍ତି ଶିର୍ଷକ ଚିତ୍ରାଙ୍କନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହିକାର୍ଯ୍ୟକ୍ରମକୁ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲାଆଇନ୍ ସେବାପ୍ରାଧିକରଣ ଅଧ୍ୟକ୍ଷ ସନ୍ତୋଷ କୁମାର ଜେନା ଉଦ୍‌ଘାଟନ କରିଥିଲେ । ପ୍ରାଧିକରଣର ସଚିବ ଅମରେଶ ମହାପାତ୍ର, ଶିଶୁମଙ୍ଗଳ କମିଟିର ସଦସ୍ୟ ଶକ୍ତିପଦ ମିଶ୍ର ଓ ଲିଗାଲ ପ୍ରେବେସନ ଅଫିସର ସନ୍ତେଷ କୁମାର ସାହୁ ପ୍ରମୁଖ ଏଥିରେ ଯୋଗଦେଇ ୧୯୪୫ ମସିହାର ଆଜିର ଦିବସରେ ଜନ୍ମନେଇଥିବା ଜାତିସଂଘର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଶିଶୁମାନଙ୍କ ଅଧିକାର ଓ ସୁରକ୍ଷାକୁ ଗୁରତ୍ୱ ପ୍ରଦାନ କରିବା ଦିଗରେ ବକ୍ତାମାନେ ଗୁରତ୍ୱ ପ୍ରଦାନ କରିବା ସହିତ ସେମାନଙ୍କୁ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଅହିଂସାର ବାର୍ତ୍ତା ଶିକ୍ଷା ପ୍ରଦାନ କରାଯିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବାହ୍ନରେ ସାକ୍ଷୀଗୋପାଳ ବଳପୁର ଗ୍ରାମରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଜାତିସଂଘ ଦିବସ ପାଳନ କରାଯାଇଥିଲା। ସେଥିରେ ପ୍ରାଧିକରଣର ସଚିବ ଅମରେଶ ମହାପାତ୍ର ପ୍ୟାନେଲ ଲୟାର ଶୁଭ୍ରାନ୍ତ କୁମାର ମିଶ୍ର,ଆଇନ୍‌ଜୀବୀ ଉପେନ୍ଦ୍ର କୁମାର ବିଶ୍ୱାଳ, ସରପଞ୍ଚ ତ୍ରିନାଥ ମହାପାତ୍ର, ସମାଜସେବୀ ଲକ୍ଷ୍ମୀପ୍ରିୟାଦାଶଙ୍କ ସମେତ ଗ୍ରାମର ବହୁମହିଳା ଯୋଗଦେଇଥିଲେ।

## ସି.ପି.ଆଇ.ଏମ. କାର୍ଯ୍ୟାଳୟ ସମ୍ମୁଖରେ ଗୃହମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ନୀଳଗିରି,୨୪/୧୦ (ନି.ପ୍ର): ମମିତା ମେହେର ଙ୍କ ହତ୍ୟାକାରୀ ସହିତ ଜଡ଼ିତ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଙ୍କ ଇସ୍ତଫା ଦାବୀ ସହିତ ଦିବ୍ୟଶଙ୍କର ମିଶ୍ରଙ୍କ କୁଶପୁତଳିକା ରବିବାର ସି.ପି.ଆ.ଇ. ଏମ. ନୀଳଗିରି ଆଞ୍ଚଳିକ କମିଟି ତରଫରୁ ଦାହ କରାଯାଇଛି । ଏହି ଦାହ ସମୟରେ ସି.ପି.ଆଇ.ଏମ. ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର, ଯୋଗାନନ୍ଦ ଦାଶ, ଜ୍ୟୋର୍ତିମୟ ରାଉତ, ମିତାରାଣୀ ପରିଛା, ସୀତା ପାତ୍ର, ହେମେନ୍ଦ୍ର ସେଠୀ, ପରମାନନ୍ଦ ବେହେରା, କୁନା ପାତ୍ର, ବାଇଧର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

## 'ଆମ ଗୋପାଳ ଗାଁ' ସଂଗଠନ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର



ବାଲେଶ୍ୱର,୨୪/୧୦ (ନି.ପ୍ର): ସହରର ଗୋପାଳଗାଁ ଅଞ୍ଚଳର ଯୁବଗୋଷ୍ଠୀଙ୍କୁ ନେଇ ନବଗଠିତ 'ଆମ ଗୋପାଳ ଗାଁ' ସଂଗଠନ ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଚିହ୍ନଟ ଶିବିର ସ୍ଥାନୀୟ 'ବୀର ବଜରଙ୍ଗ ବ୍ୟାୟାମଗାର' ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର ପ୍ରତାପ ଚନ୍ଦ୍ର ସାହୁ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରଶ୍ମୀକାନ୍ତ ଜଟାନିଆ ଏବଂ ଶଲ୍ୟ ବିଶେଷଜ୍ଞ ଡାକ୍ତର ଅଜୟ କୁମାର ସାମଲ ଏବଂ ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଏହି ଶିବିରକୁ ମିଳିତ ଭାବେ ଉଦଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳ ସମେତ ସହରର ଗରିବ ତଥା ଅସହାୟ ଲୋକଙ୍କ ଚକ୍ଷୁ ପରୀକ୍ଷା ସହ ଆବଶ୍ୟକ ସ୍ଥଳେ ମୋତିଆବିନ୍ଦୁ ଅସ୍ତ୍ରପୋଚାର ଭଳି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସେବା ପ୍ରଦାନ ପାଇଁ ସଂଗଠନର ଉଦ୍ୟମ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛି ବୋଲି ଅତିଥିମାନେ କହିଥିଲେ । ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅଜୟ ସିଂହ, ଶ୍ରୀରାମ ହସପିଟାଲ ଚକ୍ଷୁ ବିଭାଗ ମ୍ୟାନେଜର ବିନୋଦ କୁମାର ନାୟକ, ଫାର୍ମାସିଷ୍ଟ କୌଶଲ୍ୟା ଦେହୁରୀ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ଲୋକଙ୍କ ଆଖି ପରୀକ୍ଷା ସହ ଔଷଧ ପ୍ରଦାନ କରିଥିଲେ। ଗୋପଳ ଗାଁ ସହିତ ଆଖପାଖ ଅଞ୍ଚଳରୁ ଶତାଧିକ ବ୍ୟକ୍ତି ଏହି ଶିବିରରେ ଚକ୍ଷୁ ପରୀକ୍ଷା କରାଇଥିବା ବେଳେ ତନ୍ମଧ୍ୟରୁ ମୋତିଆବିନ୍ଦୁ ଥିବା ବ୍ୟକ୍ତିମାନଙ୍କ ନିଃଶୁଳ୍କ ଅସ୍ତ୍ରପୋଚାର ପାଇଁ ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଦିଲ୍ଲୀପ ନାୟକ, ଯଶୋଧାରା ଦାସ, ପ୍ରତିମା ପଣ୍ଡା, ଅରୁଣ କୁମାର ସ୍ୱାଇଁ, ଦିଲ୍ଲୀପ ଭୂୟାଁ ପ୍ରମୁଖ ଏଥିରେ ଯୋଗଦେଇ ସଂଗଠନର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ପ୍ରମୋଦ କୁମାର ମହାନ୍ତି, ପ୍ରବୀର କୁମାର ଦାସ, ଭୂଦେବ ମହାପାତ୍ର, ଗିରିଜା ଶଙ୍କର ଦାସ, ଅନୁପ କୁମାର ସ୍ୱାଇଁ, ଶ୍ରୀକାନ୍ତ ବୁଗୁଡାଇ, ରୂପେଶ କୁମାର ପ୍ରଧାନ, ପ୍ରଭାତ ମହାନ୍ତି, ରାକେଶ କୁମାର ପାଢୀ, ଅଜୟ ସ୍ୱାଇଁ, ପ୍ରାଣକୃଷ୍ଣ ସେନ, ସୁବୀର ଦାସ, ଦେବବ୍ରତ ନାୟକ, ଉତ୍କଳ କେଶରୀ ପାତ୍ର, ସୁଦିପ ଲେଙ୍କା, ଅବିନାଶ ସ୍ୱାଇଁ, ଅଭୟ ସ୍ୱାଇଁ, ସୁମନ୍ତ ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ସୌକତ ଖାନ୍ ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ ।

## ଆଜିଠୁ ଅଲ୍ ଓଡ଼ିଶା ବିଚ୍ ରେସଲିଙ୍ଗ ଚମ୍ପିଆନ୍‌ସିପ୍

ପୁରୀ,୨୪/୧୦ (ନି.ପ୍ର): ନିଳାଦ୍ରୀ ବେଳାଭୂମୀଠାରେ ଆସନ୍ତାକାଲି ଠାରୁ ଦୁଇଦିନିଆ ଅଲ୍ ଓଡ଼ିଶା ବିଚ୍‌ରେସଲିଙ୍ଗ ଚାମ୍ପିଆନ୍‌ସିପ୍ ଅନୁଷ୍ଠିତହେବ। ଜିଲ୍ଲାପ୍ରଶାସନ, ଜିଲ୍ଲାକ୍ରୀଡ଼ା ସଂସଦ,ଓଡ଼ିଶା କୁସ୍ତିସଂଘ ଏବଂ ଜିଲ୍ଲାର ସମସ୍ତ ଜାଗାଅଖାଡ଼ାର ମିଳିତ ଆନୁକୂଲ୍ୟରେ ଦୁଇ ଦିନଧରି ଏହି ପ୍ରତିଯୋଗିତା ଅନୁଷ୍ଠିତହେବ।୧୨ରୁ୧୫ ବର୍ଷ ମଧ୍ୟରେ ସବ୍‌ଜୁନିୟର,୧୬ରୁ୧୮ବର୍ଷ ମଧ୍ୟରେ ଜୁନିୟର,୧୯ରୁ ଉର୍ଦ୍ଧ୍ୱ ଅର୍ଥାତ ସିନିୟର ବର୍ଗର ୨୦୦ ପୁରୁଷ ଓ ମହିଳା ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିବେ। ପୁରୀର କୁସ୍ତି ପରମ୍ପରା ଅତ୍ୟନ୍ତ ପ୍ରାଚୀନ। ଏଠାରେ ଥିବା ଜଗା ଆଖଡ଼ା କୁସ୍ତିବିତଙ୍କ ଏକ୍ତୁଡ଼ିଶାଳା। ପୁରୀ ଜାଗା ଆଖଡ଼ାର କୁସ୍ତି ପରମ୍ପରାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମ୍ୟାଚ ପରିଚାଳନା ପାଇଁ ୩୦ଜଣ ଅଫିସିଆଲ୍ ଓ ୨୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ପ୍ରତ୍ୟେକ ବିଭାଗର ବିଜେତାଙ୍କୁ ୫ହଜାରଟଙ୍କା ଓ ରନର୍ସଙ୍କୁ ୩ ହଜାରଟଙ୍କା ପୁରସ୍କାର ରାଶି ସହିତ ସ୍ପୋର୍ଟ୍ସ କିଟ୍ ପ୍ରାଦନ କରାଯିବ ବୋଲି ଶ୍ରୀସ୍ୱାଇଁ ସୂଚନା ଦେଇଥିଲେ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡ଼ାଅଧିକାରୀ ଚନ୍ଦନ କୁମାର ସାହୁ,ଜିଲ୍ଲାକ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ,ଓଏସ୍‌ଡ଼ି ସନ୍ତୋଷ କୁମାର ମହାନ୍ତି ଓ ଫିଡ଼ବ୍ୟାକ ଫାଉଣ୍ଡେସନ୍ ଜ୍ୟୋତି ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରୁ ଆଉ ୧୭୦ ପଜିଟିଭ୍

ଭୁବନେଶ୍ୱର,୨୪/୧୦ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ରବିବାର ଦିନ ୧୭୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୮ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୨୨ ଜଣ ଲୋକାଲ ମାମଲା ରହିଛନ୍ତି। ଅପରପକ୍ଷରେ ଗତ ୨୪ ଘଂଟାରେ ଆଉ ୨୪୭ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି।

ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୭୨୭୪କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୧୧୨୭୧୦ ଜଣ ସୁସ୍ଥ ହୋଇଥିବା ବେଳେ ବର୍ତ୍ତମାନ ୩୪୯୫ ସକ୍ରିୟ ମାମଲା ରହିଛି। ସେହିପରି ମୃତକଙ୍କ ସଂଖ୍ୟା ୧୦୪୮ରେ ପହଂଚିଛି।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୩,୪୦,୧୫୮ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୨୪/୧୦ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୩,୪୦,୧୫୮ ନମୂନାର ପରୀକ୍ଷଣ କରାଯାଇଛି । ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୫୯,୯୭,୭୧,୩୨୦ ନମୂନାର ପରୀକ୍ଷଣ କରାଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## କଂଗ୍ରେସ ଦଳର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ସଭା



ବାଲିଆପାଳ,୨୪/୧୦ (ନି.ପ୍ର): ବାଲିଆପାଳ ବ୍ଲକ କଂଗ୍ରେସ କମିଟିର ଏକ ବୈଠକ ଓ ମିଶ୍ରଣ ସଭା ରବିବାର ବ୍ଲକ ଛକ ଦେ ଅତିଥି ଭବନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକ ସଭାପତି ସୁରେଶ ଚନ୍ଦ୍ର ସେନାପତି ଅଧ୍ୟକ୍ଷତା କରିଥିଲେ । ଜିଲା ସଭାପତି ସଞ୍ଜୀବ ଗିରି,ବ୍ଲକ ଅଧ୍ୟକ୍ଷ ବିଜନ ନାୟକ,ପୂର୍ବତନ ସରପଂଚ ମୁରଲୀମୋହନ ସାହୁ,ପୂର୍ବତନ ଜିଲାପରିଷଦ ସଦସ୍ୟ ଜଗନ୍ନାଥ ବିଶ୍ୱାଳ, ଦେବ କୁମାର ଦେ, ଲକ୍ଷ୍ମୀଧର ସାମନ୍ତ,ସୁବୋଧ ବେହେରା,ଆନନ୍ଦ ବେହେରା, ଅଶ୍ୱିନୀ ଦାସ,ରଞ୍ଜନ ଦେ, ଅବନିପାତ୍ର,ସୁରେନ୍ଦ୍ର ପ୍ରଧାନ, ସରୋଜ ପିଳା, ଭାସ୍କର ପ୍ରଧାନ, କାର୍ତ୍ତିକ ଦାସ, ତାରାକାନ୍ତ ଜେନା, ପ୍ରମୋଦ ବେହେରା ପ୍ରମୁଖ ଯୋଗ ଦେଇ ଆଗାମୀ ପଂଚାୟତ ନିର୍ବାଚନର ରଣକୌଶଳ ଓ ପ୍ରାର୍ଥୀ ଚୟନ ସଂପର୍କରେ ଆଲୋଚନା କରିଥିଲେ । ଦଳୀୟ ଶକ୍ତିକୁ ମଜବୁତ କରିବା ପାଇଁ କର୍ମୀମାନଙ୍କୁ ସ୍ୱାର୍ଥ ତ୍ୟାଗ କରିବାକୁ ପଡିବ ବୋଲି ଆଲୋଚନା ହୋଇଥିଲା । ଏହି ବୈଠକରେ ଅଜୟ ବାରିକ, ହରିହର ଯାଦବ, ଲକ୍ଷ୍ମୀକାନ୍ତ ସେଠୀ ପ୍ରମୁଖ ଅନ୍ୟ ଦଳର କର୍ମୀମାନେ କଂଗ୍ରେସ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗ ଦେଇ ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିଲେ ।

## ସିପିଆଇ(ଏମ୍) ର ଦୁଇଦିନିଆ ୧୦ମ ଜିଲ୍ଲା ସମ୍ମିଳନୀ ଭଦ୍ରକରେ ଉଦ୍‌ଯାପିତ



ଭଦ୍ରକ,୨୪/୧୦ (ନି.ପ୍ର): ସିପିଆଇ(ଏମ୍) ଭଦ୍ରକ ଜିଲା କମିଟିର ଦୁଇଦିନିଅ ଜିଲା ସମ୍ମିଳନୀ ଆଜି ସଂସ୍କୃତି ଭବନରେ ଉଦ୍‌ଯାପିତ ହୋଇଛି। ଏହି ସମ୍ମିଳନୀ ପ୍ରାରମ୍ଭରେ ଏକ ଶୋଭାଯାତ୍ରା ବନ୍ତଛକରୁ ବାହାରି ସହର ପରିକ୍ରମା କରିବା ପରେ ସହୀଦ ବେଦୀରେ ମାଲ୍ୟାର୍ପଣ ଦିଆଯାଇ ଜିଲା ସଂପାଦକ ଦିବ୍ୟସିଂହ ନାୟକଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଂପାଦକ ମଣ୍ଡଳୀ ସଦସ୍ୟ ପ୍ରଫୁଲ୍ଲ ପାଢୀ ସ୍ୱାଗତ ଭାଷଣ ରଖିବା ପରେ ଜିଲା କମିଟି ପକ୍ଷରୁ ଚନ୍ଦ୍ରଶେଖର ନାୟକ ବକ୍ତବ୍ୟ ରଖିଥିଲେ। ସିପିଆଇ(ଏମ୍) ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ବିଶିଷ୍ଟ ଶ୍ରମିକ ନେତା ଜନାର୍ଦ୍ଦନ ପତି ନିଜ ବକ୍ତବ୍ୟସେପର କେନ୍ଦ୍ର ନେତୃତ୍ୱାଧୀନ ବିଜେପି ସରକାର ପାଖରେ ରାଜ୍ୟ ବିଜେଡି ସରକାର ଆତ୍ମ ସମର୍ପଣ କରିଛି ବୋଲି ତାର ସମସ୍ତ ଚିତ୍ର ଉପସ୍ଥାପନ କରିଥିଲେ। ଏବଂ ରାଜ୍ୟ ଜନତାଙ୍କର ସ୍ୱାର୍ଥରକ୍ଷା ପାଇଁ ସିପିଆଇ(ଏମ୍) ନିରନ୍ତର ଲଢେଇ କରୁଛି ବୋଲି କହିଥିଲେ। ଅନ୍ୟପକ୍ଷରେ ବିଜେପି, ବିଜେଡି ଏ ଦେଶର ପୁଂଜିପତି, କର୍ପୋରେଟ୍ ହାଉସ୍ ଆଗରେ ମୁଣ୍ଡ ନୁଆଁଇ ତାଙ୍କର ଶ୍ରେଣୀ ସ୍ୱାର୍ଥ ରକ୍ଷା କରୁଛି ବୋଲି ଅବଗତ କରାଇଥିଲେ। ଅନ୍ୟତମ ବକ୍ତା ଭାବେ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ସନ୍ତୋଷ ଦାସ, ନିର୍ମଳ ନାୟକ ବକ୍ତବ୍ୟ ରଖିବା ପରେ ନାରୀନେତ୍ରୀ ତାପସୀ ପ୍ରହରାଜ ସାମ୍ପ୍ରଦାୟିକ ସଂପ୍ରିତି ରକ୍ଷା କରିବା, ଦେଶର ଏକତା ଓ ଅଖଣ୍ଡତା ରକ୍ଷା କରିବା ପାଇଁ ଧର୍ମନିରପେକ୍ଷ ବ୍ୟକ୍ତିମାନଙ୍କ ମିଳିତ ମଂଚରେ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମିଳନୀକୁ ସଫଳ କରିବା ପାଇଁ ଅଭ୍ୟର୍ଥନା କମିଟିର ସଂପାଦକ ରାଧା ଦାସ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହାପରେ ପ୍ରତିନିଧି ଅଧିବେଶନ ସଂସ୍କୃତି ଭବନ ଠାରେ ଆରମ୍ଭ ହୋଇଥିଲା। ପ୍ରଫୁଲ୍ଲ ପାଢୀ, ପ୍ରଭାତୀ ଜେନା ଓ ସେକ୍ ସନାଉଲ୍ଲାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ। ସମ୍ମିଳନୀର ପ୍ରତିନିଧି ଅଧିବେଶନକୁ ଆନୁଷ୍ଠାନିକ ଭାବେ ଶ୍ରୀ ପତି ଉଦ୍‌ଘାଟନ କରିଥିଲେ। ଏହାପରେ ସମ୍ମିଳନୀର ବିଗତ ୩ ବର୍ଷର କାର୍ଯ୍ୟାବଳୀ ରିପୋର୍ଟ ଉପସ୍ଥାପନ କରିଥିଲେ ଜିଲା ସଂପାଦକ ଦିବ୍ୟସିଂହ ନାୟକ। ୧୭ ଜଣ ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି ଅଧିବେଶନରେ କଳା କୃଷି ଆଇନ୍, ଶ୍ରମିକ ବିରୋଧୀ ଶ୍ରମ କୋର୍ଡ, ଘରୋଇକରଣ, ମୁଦ୍ରାକରଣ, କ୍ଷେତ ମଜଦୁରଙ୍କ ପାଇଁ କେନ୍ଦ୍ରୀୟ ଆଇନ୍, ଦରଦାମ ବୃଦ୍ଧି ବିରୁଦ୍ଧରେ ପ୍ରସ୍ତାବ, ମହିଳାମାନଙ୍କ ପାଇଁ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବିରେ ଏବଂ ଭଦ୍ରକ ଜିଲାରେ ସାମଗ୍ରିକ ବିକାଶକୁ ନେଇ ପ୍ରସ୍ତାବମାନ ଗୃହୀତ ହୋଇଥିଲା। ଏହାପରେ ସମ୍ମିଳନୀ ଆସନ୍ତା ବର୍ଷ ପାଇଁ ଏକ ୧୭ ଜଣିଆ ଜିଲା କମିଟିକୁ ସମ୍ମିଳନୀ ନିର୍ବାଚିତ କରିଥିଲା। ଏହି କମିଟିର ସଂପାଦକ ଭାବେ ଦିବ୍ୟସିଂହ ନାୟକ ପୁନଃ ନିର୍ବାଚିତ ହୋଇଥିଲେ। ଜିଲା କମିଟି ସଭ୍ୟ ଭାବେ ଚନ୍ଦ୍ରଶେଖର ନାୟକ, ପ୍ରଫୁଲ୍ଲ ପାଢୀ, ପ୍ରଭାସ ମହାପାତ୍ର, ମଳୟ ଭୋଇ, ନିରଂଜନ ପାଣି, ରାଧା ଦାସ, ବିଷ୍ଣୁ ଦାଶ, ରମେଶ ସାହୁ, ଗୟାଧର ସାହୁ, ଜଇନୁଲ ଆବେଦିନ, ବିକାଶ ନାଥ ଓ ବିନୋଦ ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

## ଓଡିଶା ଅବସରପ୍ରାପ୍ତ ପଞ୍ଚାୟତ ସମ୍ପାଦକ ସଂଘର କାର୍ଯ୍ୟକାରୀ ସଭାପତି ହେଲେ ଶ୍ୟାମା ପ୍ରସାଦ ବେହେରା



ବସ୍ତା/ରୁପସା,୨୪/୧୦ (ନି.ପ୍ର): ବସ୍ତା ନିର୍ବାଚନ ମଣ୍ଡଳୀ ବିଜେଡି ନେତା ତଥା ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମା ପ୍ରସାଦ ବେହେରା ଙ୍କୁ ଇତି ମଧ୍ୟରେ ଓଡିଶା ଅବସର ପ୍ରାପ୍ତ ପଞ୍ଚାୟତ ସମ୍ପାଦକ ସଂଘର କାର୍ଯ୍ୟକାରୀ ସଭାପତି ଭାବରେ ମନୋନୀତ କରାଯାଇଛି । ଭୁବନେଶ୍ୱର 'ସମ୍ବାଦ ଭବନ' ସଭାଗୃହରେ ଏହି ଉପଲକ୍ଷେ ଏକ ଆୟୋଜିତ ସାଧାରଣ ସଭାରେ ସମ୍ବାଦ ସମ୍ପାଦକ ତଥା ଖଣ୍ଡପଡା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଙ୍କୁ ମୁଖ୍ୟ ଉପଦେଷ୍ଟା, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଓ ମନ୍ତ୍ରୀ ସୁଶାନ୍ତ ସିଂହ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲାବେଳେ ମୋରଡା ବିଧାୟକ ରାଜକିଶୋର ଦାସଙ୍କୁ ସଭାପତି ଓ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମା ପ୍ରସାଦ ବେହେରାଙ୍କୁ କାର୍ଯ୍ୟକାରୀ ସଭାପତି ତଥା ଭଗବାନ ମହାପାତ୍ର ଙ୍କୁ ପୁନଃ ସାଧାରଣ ସମ୍ପାଦକ ଭାବେ ସର୍ବସମ୍ମତିରେ ନିର୍ବାଚିତ କରାଯାଇଛି। ଆଗାମୀ ଦିନରେ ଏହି ଅବହେଳିତ ଅବସରପ୍ରାପ୍ତ ସମ୍ପାଦକ ମାନଙ୍କ ପାଇଁ ଉପଯୁକ୍ତ ପ୍ରାପ୍ୟ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ଶ୍ରୀ ବେହେରା ଓ ଶ୍ରୀ ମହାପାତ୍ର ଜଣାଇଛନ୍ତି।

## ପ୍ରଧାନମନ୍ତ୍ରୀ ଆଇଟିବିପି କର୍ମଚାରୀଙ୍କୁ ସେମାନଙ୍କ ପ୍ରତିଷ୍ଠା ଦିବସରେ ଅଭିନନ୍ଦନ ଜଣାଇଲେ

ନୂଆଦିଲ୍ଲୀ,୨୪/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ଆଇଟିବିପି କର୍ମୀଙ୍କୁ ସେମାନଙ୍କର ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇଛନ୍ତି । ଏକ ଟୁଇଟରେ ପ୍ରଧାନମନ୍ତ୍ରୀ କହିଛନ୍ତି; "ଅରୁଣାଚଳ ପ୍ରଦେଶର ଘଂଚ ଜଙ୍ଗଲ ଠାରୁ ଆରମ୍ଭ କରି ବରଫାବୃତ୍ତ ହିମାଳୟର ଶିଖର ପର୍ଯ୍ୟନ୍ତ ଆମର ଆଇଟିବିପି ହିମବୀରମାନେ ଦେଶର ଆହ୍ୱାନକୁ ଅତି ଉତ୍ସର୍ଗୀକୃତ ଭାବରେ ନିଭାଇଛନ୍ତି । ବିପର୍ଯ୍ୟୟ ସମୟରେ ସେମାନଙ୍କର ମାନବିକ କାର୍ଯ୍ୟ ଉଲ୍ଲେଖନୀୟ । ସମସ୍ତ ଆଇଟିବିପି କର୍ମକର୍ତ୍ତାଙ୍କୁ ସେମାନଙ୍କର ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ।"

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo